* Vol.- 46, Issue No. 165
* Monday, 14 September 2026
* ସୋମବାର, ୧୪ ସେପ୍ଟେମ୍ବର ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

* https://www.facebook.com/dinalipilive
* www.youtube.com/@dinalipilive
* https://www.dinalipi.com
* https://www.dinalipiepaper.com
* https://www.dinalipi.in
* twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା'

ପବିତ୍ର ଗଣେଶ ପୂଜା ଅବସରରେ 'ଦିନଲିପି' ପରିବାର ପକ୍ଷରୁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ରାଜ୍ୟରେ ଦଶ ବର୍ଷରେ

# ୫୦୦ ବିଲିଅନ ଡଲାର ଅର୍ଥନୀତି ଲକ୍ଷ୍ୟ

ଭୁବନେଶ୍ୱର, ୧୩।୯: ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି । ୟୁଏଇ ଗସ୍ତରୁ ରବିବାର ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ଏହି ବିବୃତି ଦେଇ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦର ଠାରେ ସେ କହିଥିଲେ ଯେ, ଏହି ୟୁଏଇ ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।



* ★ ଯୁବପିଢ଼ି ପାଇଁ ହେଉଛି ସର୍ବାଧିକ ସାମର୍ଥ୍ୟର ଉପଯୋଗ
* ★ ୟୁଏଇ ଗସ୍ତ ସାରି ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ
* ★ ଆସିବ ୨.୪୩ ଲକ୍ଷ କୋଟିର ନିବେଶ, ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି
* ★ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ
* ★ ସମ୍ମାନଜନକ ନିଯୁକ୍ତି ଆମ ସରକାରଙ୍କ ମୂଳ ଲକ୍ଷ୍ୟ
* ★ ଶିଳ୍ପାୟନ ଅଭିଯାନରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ (ୟୁଏଇ) ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ- ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ୟୁଏଇ ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ, ୬ଟି ରାଉଣ୍ଡ ଟେବୁଲ ମିଟିଙ୍ଗ, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା (ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ୍) ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଏମଓୟୁ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ।

## ଇଣ୍ଡୋନେସିଆ ଜାଭା ସାଗରରେ ଅଘଟଣ

# ୬ ମୃତ, ୧୦୭ ଉଦ୍ଧାର

### ପ୍ରତିକୂଳ ପାଗ ହେତୁ ବୁଡ଼ିଗଲା ଯାତ୍ରୀବାହୀ ଜାହାଜ



ନୂଆଦିଲ୍ଲୀ, ୧୩।୯: ଇଣ୍ଡୋନେସିଆର ପୂର୍ବ ଜାଭା ପ୍ରଦେଶରୁ ବୋର୍ନିଓ ଦ୍ୱୀପର ଦକ୍ଷିଣ କାଲିମଣ୍ଟାନକୁ ଯାତ୍ରା କରୁଥିବା ଏକ ଯାତ୍ରୀବାହୀ ଜାହାଜ ଜାଭା ସାଗରରେ ଗତ ରାତିରେ ବୁଡ଼ିଯିବାରୁ ଅଦ୍ୟାବଧି ୬ ଜଣଙ୍କ ମୃତ୍ୟୁ ଘଟିଛି। ୨୪୩ ଯାତ୍ରୀଙ୍କ ମଧ୍ୟରୁ ୧୦୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଜାହାଜ ଏବଂ ସେଥିରେ ଥିବା ଲୋକଙ୍କୁ ଖୋଜିବା ପାଇଁ ଏକ ସନ୍ଧାନ ଏବଂ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଛି । ସୁରାବାୟାରୁ ବଞ୍ଜାରମାସିନ ଯାଉଥିବା ଜାହାଜଟି ଜାଭା ସାଗର ଦେଇ ଯାତ୍ରା କରୁଥିବା ସମୟରେ ହଠାତ୍ ଯୋଗାଯୋଗ ବିଚ୍ଛିନ୍ନ ହେବା ପରେ ଏହି ଅଘଟଣ ସାମ୍ନାକୁ ଆସିଥିଲା । କର୍ତ୍ତୃପକ୍ଷ ଏକ ସନ୍ଧାନ ଅଭିଯାନ ଆରମ୍ଭ କରିଛନ୍ତି ଏବଂ ଜାହାଜର ଶେଷ ସ୍ଥାନକୁ ଏକ ଉଦ୍ଧାର ଜାହାଜ ପଠାଯାଇଛି । ଅଧିକାରୀଙ୍କ କହିବା ଅନୁଯାୟୀ, ଭିର୍ଗୋ ଟ୍ରାନ୍ସପୋର୍ଟ ୮ ନାମକ ଯାତ୍ରୀବାହୀ ଜାହାଜଟି ଇଣ୍ଡୋନେସିଆର ଦ୍ୱିତୀୟ ବୃହତ୍ତମ ସହର ସୁରାବୟାରୁ ଦକ୍ଷିଣ କାଲିମଣ୍ଟାନାର ରାଜଧାନୀ ବଞ୍ଜାରମାସିନ ଅଭିମୁଖେ ଯାତ୍ରା କରୁଥିଲା । ଯାତ୍ରା ସମୟରେ ଜାହାଜଟି ଯୋଗାଯୋଗ ବିଫଳ ହୋଇଥିଲା। ପ୍ରତିକୂଳ ପାଗ ହେତୁ ଜାହାଜଟି ବୁଡ଼ିଯାଇଥିବା କୁହାଯାଇଛି। କର୍ତ୍ତୃପକ୍ଷ ବର୍ତ୍ତମାନ ଜାହାଜର ସଠିକ୍ ସ୍ଥାନ ଚିହ୍ନଟ କରିବାକୁ ଏବଂ ଜାହାଜରେ ଥିବା ଲୋକଙ୍କ ସ୍ଥିତି ଆକଳନ କରିବାକୁ ଚେଷ୍ଟା କରୁଛନ୍ତି।

## ସମ୍ବଲପୁରରେ ଏନ୍‌କାଉଣ୍ଟର

# କୁଖ୍ୟାତ ଅପରାଧୀ ମହମ୍ମଦ ଇରଫାନ ଆହତ

ସମ୍ବଲପୁର, ୧୩।୯(ନିପ୍ର): ସମ୍ବଲପୁରରେ ପୋଲିସ ଏନକାଉଣ୍ଟର କରିବା ଫଳରେ ସିନାପାଲିର କୁଖ୍ୟାତ ଅପରାଧୀ ମହମ୍ମଦ ଇରଫାନ ଆହତ ହୋଇଛି । ଚିକିତ୍ସା ନିମନ୍ତେ ତାକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ରବିବାର ଭୋର୍ ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ସଦର ଥାନା ଅନ୍ତର୍ଗତ ସୁଡୁଙ୍ଗା ଜଙ୍ଗଲର କେନାଲ ରୋଡରେ ପୋଲିସ ଏହି ଏନକାଉଣ୍ଟର କରିଛି ।



ଇରଫାନର ବାମ ଗୋଡରେ ଗୁଳି ବାଜିଛି । ଗୁରୁତର ଅବସ୍ଥାରେ ତାକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି ଓ ୩ଟି ଖାଲି କ୍ୟାଟ୍ରିଜ୍ ଜବତ ହୋଇଛି । ଇରଫାନ ସହିତ ଥିବା ଅନ୍ୟ ଦୁଇ ଜଣ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ଅଭିଯୁକ୍ତମାନେ ବ୍ୟବହାର କରୁଥିବା କଳା ରଙ୍ଗର ପଲସର ବାଇକ୍‌କୁ ପୋଲିସ ଜବତ କରିଛି । ଇରଫାନ ନାମରେ ଡକାୟତି, ଲୁଟ୍, ଚୋରି ଭଳି ୨୪ରୁ ଅଧିକ ଅପରାଧିକ ମାମଲା ରହିଥିବା ପୋଲିସ କହିଛି । ପୋଲିସ ଏନେଇ ଅଧିକ ତଦନ୍ତ କରୁଛି । ଇରଫାନ ଓ ତା'ର ଦୁଇ ସହଯୋଗୀ ଭୋର୍ ସମୟରେ ବାଇକ୍ ଯୋଗେ ସୁଡୁଙ୍ଗା ଜଙ୍ଗଲର କେନାଲ ରୋଡରେ ଯାଉଥିବା ବେଳେ ସଦର ପୋଲିସ ଟିମ୍ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ଇରଫାନ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲା ।

## ବ୍ରିକ୍ସ ସମ୍ମିଳନୀରେ ମୋଦୀଙ୍କ ବଡ଼ ବାର୍ତ୍ତା

# ସଂକଟରେ ଏକାଠି ହେବାକୁ ଆହ୍ୱାନ

* ■ ମାନବତାର ସୁରକ୍ଷା ଓ ସ୍ଥାୟୀ ବିକାଶ ହେଉ ମଜଭୁତ
* ■ ବ୍ରିକ୍ସରେ ଯୋଡ଼ି ହୁଅନ୍ତୁ ନାଗରିକ ଓ ବିଭିନ୍ନ ସଂଗଠନ



ନୂଆଦିଲ୍ଲୀ, ୧୩।୯: ବ୍ରିକ୍ସ ସମ୍ମିଳନୀକୁ ରବିବାର ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱରେ ବଢୁଥିବା ଅଶାନ୍ତି, ଯୁଦ୍ଧ ଓ ଅସ୍ଥିରତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସଙ୍କଟ ସମୟରେ ପଛଘୁଞ୍ଚା ନଦେଇ ସମସ୍ତେ ଏକାଠି ହୋଇ ପ୍ରତିଟି ଆହ୍ୱାନର ସାହସର ସହ ମୁକାବିଲା କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି। ମୋଦୀ କହିଛନ୍ତି, ମହାମାରୀ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ବିଶ୍ୱ ଉପରେ ପଡୁଛି। ଯୁଦ୍ଧ ସହିତ ବଢୁଥିବା ଅସ୍ଥିରତା ବିଶ୍ୱବାସୀଙ୍କ ଚିନ୍ତା ବଢାଇଛି। ଏଭଳି ପରିସ୍ଥିତିରେ ମାନବତାର ସୁରକ୍ଷା ଓ ସ୍ଥାୟୀ ବିକାଶ ପାଇଁ ଦେଶଗୁଡିକ ମଧ୍ୟରେ ସହଯୋଗ ଆହୁରି ମଜଭୁତ ହେବା ଦରକାର। ପ୍ରଧାନମନ୍ତ୍ରୀ ବିକାଶ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସୁସ୍ଥ ଜୀବନଶୈଳୀ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ ସାମ୍ନା କରିବା ସହିତ ବିକାଶର ଗତିକୁ ମଧ୍ୟ ଜାରି ରଖିବା ଆବଶ୍ୟକ ବୋଲି ମୋଦୀ ମତ ଦେଇଥିଲେ। ବ୍ରିକ୍ସରେ ଗ୍ଲୋବାଲ୍ ସାଉଥ୍ ରାଷ୍ଟ୍ରଗୁଡିକର ପ୍ରଭାବ ବଢ଼ିଛି ବୋଲି ମୋଦୀ ଉଲ୍ଲେଖ କରିଥିଲେ। ବ୍ରିକ୍ସକୁ କେବଳ ରାଷ୍ଟ୍ରଗୁଡିକର ଏକ ମଞ୍ଚ ଭାବେ ନୁହେଁ, ବରଂ ନାଗରିକ ଓ ବିଭିନ୍ନ ସଂଗଠନକୁ ମଧ୍ୟ ଏହା ସହ ଯୋଡିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମୋଦୀଙ୍କ ମତରେ, "ବିବିଧତା ମଧ୍ୟରେ ଏକତା" ବ୍ରିକ୍ସର ପରିଚୟ ହେବା ଉଚିତ। ସଙ୍କଟ ଯେତେ ବଡ ହେଉନା କାହିଁକି, ଏକାଠି ହୋଇ ତାହାର ସମାଧାନ ଖୋଜିବା ହିଁ ବିଶ୍ୱ ସମୁଦାୟର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ସ୍ପଷ୍ଟ କରିଥିଲେ।

## ବ୍ରିକ୍ସ ଶିଖର ସମ୍ମିଳନୀ

# ୧୫ ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ


ନୂଆଦିଲ୍ଲୀ, ୧୩।୯: ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି ଏବଂ ବିଦେଶୀ ରାଷ୍ଟ୍ରମୁଖ୍ୟମାନେ ନିଜ ନିଜ ଦେଶକୁ ଫେରିଛନ୍ତି। ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ୧୫ ଜଣ ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଗତ ୩ ଦିନ ଧରି ଚାଲିଥିବା ଏହି କୂଟନୈତିକ ମାରାଥନ ବୈଠକରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ବିଭିନ୍ନ ଦେଶର ନେତାଙ୍କ ସହ ୧୫ଟି ଦ୍ୱିପାକ୍ଷିକ ବୈଠକ ଆୟୋଜନ କରିଥିଲେ। ଆୟୋଜିତ ବୈଠକଗୁଡ଼ିକରେ ଋଷିଆ, ଚୀନ୍, ଇରାନ, ଇଜିପ୍ଟ ଏବଂ ଦକ୍ଷିଣ ଆଫ୍ରିକାର ନେତାମାନେ ସାମିଲ ଥିଲେ। ମୋଦୀ ବ୍ରିକ୍ସ ଭାଗୀଦାର ଦେଶ ଏବଂ ସ୍ୱତନ୍ତ୍ର ଭାବେ ଆମନ୍ତ୍ରିତ ଦେଶର ପ୍ରତିନିଧିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି କୂଟନୈତିକ ଆଲୋଚନାଗୁଡ଼ିକ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଧାରିତ ଥିଲା। ଏହି କୂଟନୈତିକ ଆଲୋଚନା ଶୁକ୍ରବାର ଋଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ବୈଠକରୁ ଆରମ୍ଭ ହୋଇଥିଲା । ପରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନ୍ ଓ ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କ ସହ ଆଲୋଚନା କରାଯାଇଥିଲା। ବୈଠକଗୁଡ଼ିକରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ମତାମତ ଆଦାନପ୍ରଦାନ ଆଧାରିତ ଥିଲା। ଔପଚାରିକ ବୈଠକ ବ୍ୟତୀତ, ବ୍ରିକ୍ସ ବୈଠକରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ନେତା ଏବଂ ଆନ୍ତର୍ଜାତୀୟ ସଂସ୍ଥାର ମୁଖ୍ୟମାନଙ୍କ ସହ ଅନୌପଚାରିକ ଆଲୋଚନା ମଧ୍ୟ ଅନୁଷ୍ଠିତ ହୋଇଥିଲା। ବ୍ରିକ୍ସ ଅଧକ୍ଷତା କାଳରେ ଭାରତର କୂଟନୈତିକ ପ୍ରୟାସକୁ ଏହି ସାକ୍ଷାତଗୁଡ଼ିକ ଆହୁରି ସୁଦୃଢ଼ କରିଥିଲା।

**ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି ଆଦି ନେଇ ଆଲୋଚନା**

# ଓରାଂଉଟାନ ଉଦ୍ଧାର ଘଟଣା: ସିସିଟିଭି ହାର୍ଡ ଡିସ୍କ ଜବତ

* ■ ହୋଟେଲ ମାଲିକ ଓ ତାଙ୍କ ପୁଅଙ୍କ ଭୂମିକା ଯାଞ୍ଚ
* ■ ଶାବକଙ୍କ ଯତ୍ନ ତଦାରଖ ପାଇଁ ବୈଷୟିକ କମିଟି ହେଲା ଗଠିତ



ଭୁବନେଶ୍ୱର, ୧୩।୯: ବାଲେଶ୍ୱର ବିଚିତ୍ରପୁର ଜଙ୍ଗଲରୁ ୫ ଓରାଂଉଟାନ ଶାବକ ଉଦ୍ଧାର ଘଟଣା ଏକ ନୂଆ ମୋଡ଼ ନେଇଛି। ତଦନ୍ତକାରୀ ଅଧିକାରୀମାନେ ଏହି ବନ୍ୟପ୍ରାଣୀ ଚୋରା ଚାଲାଣ ମାମଲାରେ ପଶ୍ଚିମବଙ୍ଗର ଜଣେ ହୋଟେଲ ମାଲିକଙ୍କୁ ମୁଖ୍ୟ ସନ୍ଦିଗ୍ଧ ଭାବେ ଚିହ୍ନଟ କରିଛନ୍ତି। ଓଡ଼ିଶା ବନ ବିଭାଗ, ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ) ଏବଂ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲୁସିସିବି)ର ଏକ ମିଳିତ ଦଳ ଦ୍ୱାରା ପରିଚାଳିତ ଏହି ତଦନ୍ତରେ ହାୱଡ଼ାର ଆଣ୍ଡୁଲ ନିବାସୀ ତଥା ଦୀଘାର 'ଗ୍ରାଣ୍ଡ ହେରିଟେଜ୍ ହୋଟେଲ'ର ମାଲିକ ଜୟନ୍ତ ମୈତିଙ୍କ ଉପରେ ମୁଖ୍ୟତଃ ନଜର କେନ୍ଦ୍ରିତ କରାଯାଇଛି। ଚୋରା ଚାଲାଣକାରୀ ଗୋଷ୍ଠୀ ଉପରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରାଯାଉଥିବା ବେଳେ କର୍ତ୍ତୃପକ୍ଷ ତାଙ୍କ ପୁଅ ସୌମ୍ୟଦୀପ ମୈତିଙ୍କ ଭୂମିକାକୁ ମଧ୍ୟ ଯାଞ୍ଚ କରୁଛନ୍ତି। ଚାଲିଥିବା ତଦନ୍ତର କେନ୍ଦ୍ରବିନ୍ଦୁରେ ରହିଛି ଏକ କଳା ରଙ୍ଗର ଏସୟୁଭି ଗାଡ଼ି, ଯାହାର ଦ୍ୱିତୀୟ ମାଲିକ ଭାବରେ ଜୟନ୍ତ ମୈତିଙ୍କ ନାମ ପଞ୍ଜୀକୃତ ହୋଇଛି। ସ୍ଥାନୀୟ ଖବର ଏବଂ ଆଞ୍ଚଳିକ ସିସିଟିଭି ଫୁଟେଜ୍ ଅନୁଯାୟୀ, ସେପ୍ଟେମ୍ବର ୮ ତାରିଖରେ ଉପକୂଳବର୍ତ୍ତୀ ଜଙ୍ଗଲରୁ ଉକ୍ତ ୫ ଓରାଂଉଟାନ ପରିତ୍ୟକ୍ତ ଅବସ୍ଥାରେ ମିଳିବାର କିଛି ଘଣ୍ଟା ପୂର୍ବରୁ, ଅର୍ଥାତ୍ ସେପ୍ଟେମ୍ବର ୭ ତାରିଖ ରାତିରେ ଥାର୍ ଗାଡ଼ିଟି ବିଚିତ୍ରପୁର ଅଞ୍ଚଳ ଦେଇ ଯାଉଥିବାର ଦେଖିବାକୁ ମିଳିଥିଲା। କ୍ୟାମେରାରେ ଗାଡ଼ିଟି ରାତି ପ୍ରାୟ ୧୧:୨୫ ସମୟରେ ସେହି ଅଞ୍ଚଳ ଦେଇ ଯାଉଥିବାର ଏବଂ ଠିକ୍ ତା'ର କିଛି ସମୟ ପରେ ୧୧:୪୦ ସମୟରେ ଫେରୁଥିବାର ଦୃଶ୍ୟ ରେକର୍ଡ ହୋଇଥିଲା। ତଦନ୍ତରେ ଏକ ବଡ଼ ସଫଳତା ସ୍ୱରୂପ, ଏସଟିଏଫ ଅଧିକାରୀ ମାନେ ମୈତିଙ୍କ ଦୀଘାସ୍ଥିତ ହୋଟେଲରେ ଚଢ଼ଉ କରି ସେଠାରୁ ସିସିଟିଭି ହାର୍ଡ ଡିସ୍କ ଜବତ କରିଛନ୍ତି। ଏହି ଡିଜିଟାଲ ଫୁଟେଜ୍ ମାଧ୍ୟମରେ ମୁଖ୍ୟ ସନ୍ଦିଗ୍ଧଙ୍କୁ ଚିହ୍ନଟ ଆଶା ଉଜ୍ଜ୍ୱଳ ହୋଇଥିବା କୁହାଯାଇଛି। ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ଓରାଂଉଟାନ ଶାବକଙ୍କୁ ସୁରକ୍ଷିତ ଓ ସୁସ୍ଥ ରଖିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ରବିବାର ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ଏହି ଓରାଂଉଟାନଙ୍କ ଯତ୍ନ ତଦାରଖ କରିବା ପାଇଁ ସରକାର ଏକ ପାଞ୍ଚ-ସଦସ୍ୟ ବିଶିଷ୍ଟ ବୈଷୟିକ କମିଟି ଗଠନ କରିଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକଙ୍କୁ ଏହି ବୈଷୟିକ କମିଟିର ସଦସ୍ୟ-ଆବାହକ ଭାବେ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ମହୀଶୂରସ୍ଥିତ ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପଶୁ ଚିକିତ୍ସା ଅଧିକାରୀ, ଡେରାଡୁନସ୍ଥିତ 'ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ'ର ଜଣେ ପ୍ରତିନିଧି ଏବଂ ଭୁବନେଶ୍ୱରସ୍ଥିତ ଓୟୁଏଟି ଅଧୀନ 'ସେଣ୍ଟର ଫର୍ ୱାଇଲ୍ଡଲାଇଫ୍ ହେଲଥ'ର ପ୍ରକଳ୍ପ ସଂଯୋଜକ ଏହି କମିଟିର ଅନ୍ୟତମ ସଦସ୍ୟ ଅଛନ୍ତି। ଶାବକଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ କମିଟି ବୈଷୟିକ ପରାମର୍ଶ ପ୍ରଦାନ କରିବ। କମିଟିର କାର୍ଯ୍ୟକାଳ ଛଅ ମାସ ରହିବ। ଯାହାକୁ ବୃଦ୍ଧି କରାଯାଇପାରିବ ବୋଲି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି।

# ଇରାନକୁ ଅଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ: ଟ୍ରମ୍ପ



ୱାଶିଂଟନ, ୧୩।୯: ଆମେରିକା ଉପରେ ହୋଇଥିବା ୯।୧୧ ଆତଙ୍କବାଦୀ ଆକ୍ରମଣର ୨୫ ବର୍ଷ ପୂର୍ତ୍ତି ଅବସରରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି କୌଣସି ପରିସ୍ଥିତିରେ ଇରାନକୁ ଅଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ସୂଚନାଥାଉ କି ୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୯୭୭ଜଣଙ୍କ ମୃତ୍ୟୁ ହୋଇଥିଲା। ଟ୍ରମ୍ପ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆମେରିକାବାସୀଙ୍କୁ ଅଧିକ ଶକ୍ତିଶାଳୀ ହେବାକୁ ପଡ଼ିବ ବୋଲି କହିଥିଲେ। ୯/୧୧ ଆତଙ୍କବାଦୀ ଆକ୍ରମଣ ଅତର୍କିତ ଥିଲା, ଏଥିପାଇଁ ଆମେରିକା ଆଦୌ ପ୍ରସ୍ତୁତ ନ ଥିଲା ବୋଲି ଟ୍ରମ୍ପ କହିଛନ୍ତି। ଇରାନ ବିରୋଧରେ ଚାଲିଥିବା ଯୁଦ୍ଧକୁ ନେଇ ଟ୍ରମ୍ପ କହିଥିଲେ ଇରାନକୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିବାକୁ ବିଭିନ୍ନ ଅର୍ଥନୈତିକ କଟକଣା ଲଗାଯାଇଛି। ଇରାନର ଆର୍ଥିକ ଅବସ୍ଥା ଭଲ ନାହିଁ ତେଣୁ ଏହି ଦେଶ ଖୁବ୍‌ଶୀଘ୍ର ଯୁଦ୍ଧ ବନ୍ଦ କରିବାକୁ ବାଧ୍ୟ ହେବ। ସେହିପରି ଇରାନ ଯେପରି ଭବିଷ୍ୟତରେ କୌଣସି ଅଣୁ ଅସ୍ତ୍ର ହାସଲ ନ କରିପାରେ ସେଥିପ୍ରତି ଆମେରିକା ସର୍ବଦା ସଜାଗ ରହିଛି। କୌଣସି ପରିସ୍ଥିତିରେ ଇରାନକୁ ଅଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ମହାନଦୀରେ ଭାସିଗଲେ ୩, ଜଣେ ନିଖୋଜ

କଟକ/ବାଙ୍କୀ, ୧୩।୯ : ରବିବାର ବାଙ୍କୀ ଅଞ୍ଚଳର ମହାନଦୀରେ ଗାଧୋଇବା ସମୟରେ ୩ ସାଙ୍ଗ ଭାସି ଯାଇଥିଲେ ତେବେ ସେମାନଙ୍କ ମଧ୍ୟରୁ ୨ ଉଦ୍ଧାର ହୋଇଥିବା ବେଳେ ଜଣେ ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ ୩ ଜଣ ସାଙ୍ଗ ପ୍ରଥମେ ବାଙ୍କୀର ପ୍ରସିଦ୍ଧ ଅଂଶୁପା ହ୍ରଦ ବୁଲିବାକୁ ଆସିଥିଲେ। ଅପରାହ୍ନରେ ସେମାନେ ନିକଟସ୍ଥ ମହାନଦୀର ସୁବର୍ଣ୍ଣପୁର ଘାଟକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଭାସିଯାଇଥିବା ଏହି ତିନି ସାଙ୍ଗଙ୍କ ଘର କଟକ ଚାଉଳିଆଗଞ୍ଜର ତଳସାହି ଅଞ୍ଚଳର । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ରକ୍ଷା କରାଯାଇଥିବା ବେଳେ ଜଣେ ଯୁବକ ଏବେ ମଧ୍ୟ ନିଖୋଜ ଅଛନ୍ତି, ଯାହାଙ୍କ ନାଁ ଅମିତ ସାହୁ ବୋଲି ଜଣାପଡ଼ିଛି। ଖବର ପାଇ ଡମପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନଦୀରେ ତାଙ୍କୁ ଖୋଜାଖୋଜି ଜାରି ରଖିଛନ୍ତି।



# ସିଦ୍ଧି ବିନାୟକ


## ଗଂ ଗଣପତୟେ ନମଃ

ଗଣେଶ, ଗଣପତି, ବିନାୟକ ବା ତାମିଲରେ ପିଲ୍ଲାଇୟାର ହେଉଛନ୍ତି ସବୁଠାରୁ ଅଧିକ ପୂଜିତ ହେଉଥିବା ହିନ୍ଦୁ ଦେବତା । ସେ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କର ସାନ ପୁଅ ଓ କାର୍ତ୍ତିକେୟଙ୍କର ସାନ ଭାଇ । ତାଙ୍କର ବାହନ ମୂଷିକ । ଗଣେଶଙ୍କର ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ ହୁଏ। ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ଗଣେଶଙ୍କୁ ପୂଜା କରିଥାନ୍ତି। ଏପରିକି ଜୈନ, ବୌଦ୍ଧ ଧର୍ମର ତଥା ଅଣଭାରତୀୟମାନେ ମଧ୍ୟ ଗଣେଶଙ୍କ ଉପାସନା କରିଥାନ୍ତି। ଶାସ୍ତ୍ରରେ ୩୨ ପ୍ରକାର ଗଣେଶଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି । ଅନେକ ବିଶେଷତ୍ୱ ମଧ୍ୟରୁ ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁ ସହଜରେ ଚିହ୍ନା ପଡ଼ନ୍ତି । ବିଘ୍ନନାଶକ ରୂପେ ସେ ସର୍ବତ୍ର ପୂଜିତ ହୁଅନ୍ତି । କଳା, ବିଜ୍ଞାନର ଓ ବୁଦ୍ଧିମତ୍ତାର ଦେବତା ଓ ସଂରକ୍ଷକ ରୂପେ ସେ ପରିଚିତ । ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ତାଙ୍କୁ ପଞ୍ଚଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି କୁହାଯାଏ।

## ଗଣେଶଙ୍କ ପରିଚୟ

- ଦେବତା : ହିନ୍ଦୁ ଦେବତା
- ମନ୍ତ୍ର : ଗଂ ଗଣପତୟେ ନମଃ, ଶ୍ରୀଗଣେଶାୟ ନମଃ
- ଶସ୍ତ୍ର : ପରଶୁ, ପାଶ, ଅଂକୁଶ
- ପତ୍ନୀ : ୧. ରିଦ୍ଧି, ୨. ସିଦ୍ଧି (କେହି କେହି ବୁଦ୍ଧିଙ୍କୁ ମଧ୍ୟ ଗଣେଶଙ୍କ ପତ୍ନୀ ବୋଲି କହିଥାନ୍ତି) ଦକ୍ଷିଣ ଭାରତୀୟ ପରମ୍ପରାରେ ଗଣେଶଙ୍କୁ ବ୍ରହ୍ମଚାରୀ ରୂପରେ ଚିତ୍ରିତ କରାଯାଇଛି ।
- ବାହନ : ମୂଷିକ
- ପିତା : ଭଗବାନ ଶିବ
- ମାତା : ଭଗବତୀ ପାର୍ବତୀ
- ଭାଇ : ଶ୍ରୀକାର୍ତ୍ତିକେୟ
- ପୁରାଣ : ଗଣେଶ ପୁରାଣ, ମୁଦ୍ଗଲ ପୁରାଣ
- ତୀର୍ଥକ୍ଷେତ୍ର : ଅଷ୍ଟବିନାୟକ





# ଶ୍ରୀଗଣେଶ ବିଘ୍ନହର୍ତ୍ତା

ଶ୍ରୀଗଣେଶ ହେଉଛନ୍ତି; ବିଘ୍ନହର୍ତ୍ତା, ସିଦ୍ଧିଦାତା ଏବଂ ବୁଦ୍ଧିର ଦେବତା। ତାଙ୍କର ଯେଉଁ ବିଚିତ୍ର ଓ ଅଲୌକିକ ରୂପକୁ ଆମେ ଦର୍ଶନ କରୁଛେ, ଏଥିରେ ଅନେକ ତତ୍ତ୍ୱାର୍ଥ ଲୁକ୍କାୟିତ ରହିଛି। ତାଙ୍କର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ଆୟୁଧ ଏବଂ ବାହନ ପଛରେ ଏକ ଗଭୀର ଆଧ୍ୟାତ୍ମିକ, ସାମାଜିକ ଓ ବ୍ୟବହାରିକ ଜୀବନ ଦର୍ଶନ ଭରି ରହିଛି। ଯାହା ତାଙ୍କର 'ଗଣେଶ' ନାମରୁ ଜଣାଯାଏ। ଏହି ନାମର ଅର୍ଥ ହେଉଛି ଗଣ ମାନଙ୍କର ଈଶ, ଅର୍ଥାତ୍ ଯେ ସମୂହ ଜନତାଙ୍କ ସ୍ୱାମୀ ବା ଶାସକ। ଜଣେ ଆଦର୍ଶ ନେତା କିପରି ହେବା ଉଚିତ, ତାହା ଗଣେଶଙ୍କ ନେତୃତ୍ୱରୁ ସ୍ପଷ୍ଟ ଜଣାଯାଏ। ସେ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ପ୍ରେରଣା ଦିଅନ୍ତି। ତାହାଙ୍କ ବିଶାଳ ମସ୍ତକଟି ହାତୀର ସ୍ୱରୂପ। ଏଣୁ ତାହାଙ୍କୁ ଗଜାନନ କୁହାଯାଏ । ହାତୀ ହେଉଛି ବୁଦ୍ଧିମତ୍ତା, ଗାମ୍ଭୀର୍ଯ୍ୟ ଏବଂ ସ୍ମରଣ ଶକ୍ତିର ପ୍ରତୀକ। ଯାହା ମାନବକୁ ଉଚ୍ଚ ଚିନ୍ତାଧାରା ରଖିବାକୁ ଏବଂ ନିଜର ବୁଦ୍ଧି ଓ ବିବେକକୁ ସର୍ବଦା ଜାଗ୍ରତ ରଖିବାକୁ ଶିକ୍ଷା ଦିଏ। ବିଶାଳ ମସ୍ତକ ଦର୍ଶାଏ ଯେ ଜଣେ ବ୍ୟକ୍ତିକୁ ଜ୍ଞାନ ଅର୍ଜନ ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ। ସେହିପରି ଛୋଟ ଛୋଟ ଦୁଇଟି ଆଖି; ଏହା ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ, ଏକାଗ୍ରତା ଓ ଦୂରଦର୍ଶିତାର ପ୍ରତୀକ। ଯାହା ଜୀବନରେ ସଫଳତା ପାଇବାକୁ ହେଲେ କୌଣସି ବିଷୟକୁ ଗଭୀର ଭାବେ ନିରୀକ୍ଷଣ କରିବା ଏବଂ ସେଥିପ୍ରତି ସମ୍ପୂର୍ଣ୍ଣ ଏକାଗ୍ର ରହିବା ଆବଶ୍ୟକ ବୋଲି ଏହା ସୂଚାଇଥାଏ। ବିଶାଳ କାନ ଦୁଇଟି ଜଣାଏ ଯେ, ଜଣେ ଭଲ ଶ୍ରୋତା ହେବା କେତେ ଜରୁରୀ। ସଂସାରର ସମସ୍ତ ଭଲମନ୍ଦ କଥାକୁ ଧୈର୍ଯ୍ୟର ସହ ଶୁଣିବା ଉଚିତ, ମାତ୍ର କୁଲା ଯେପରି ଅଦରକାରୀ ଜିନିଷକୁ ଫିଙ୍ଗିଦେଇ କେବଳ ସାର ଅଂଶକୁ ରଖେ, ସେହିପରି ଆମକୁ କେବଳ ଭଲ କଥାକୁ ଗ୍ରହଣ କରି ଖରାପ କଥାକୁ ପରିତ୍ୟାଗ କରିବା ଉଚିତ। ହାତୀର ଶୁଣ୍ଢ ଅତ୍ୟନ୍ତ ଲମ୍ବ ଓ ଶକ୍ତିଶାଳୀ ହେଲେବି, ସେ ଖୁବ୍ ସୂକ୍ଷ୍ମ କାର୍ଯ୍ୟ ମଧ୍ୟ କରିପାରେ। ଏହା ଜୀବନର ଉଭୟ ସ୍ଥୁଳ ଏବଂ ସୂକ୍ଷ୍ମ ପରିସ୍ଥିତିକୁ ସାମ୍ନା କରିବାର କ୍ଷମତାକୁ ଦର୍ଶାଏ। ଉପରକୁ ଉଠିଥିବା ଶୁଣ୍ଢ କୁଣ୍ଡଳିନୀ ଶକ୍ତିର ଜାଗରଣ ଓ ଆଧ୍ୟାତ୍ମିକ ପ୍ରଗତିର ପ୍ରତୀକ। ଗଣେଶଙ୍କର ଗୋଟିଏ ଦାନ୍ତ ଅକ୍ଷୁଣ୍ଣ ଥିବା ବେଳେ ଅନ୍ୟଟି ଭଙ୍ଗା, ତେଣୁ ତାହାଙ୍କୁ ଏକଦନ୍ତ କୁହାଯାଏ। ଏହା ଦ୍ୱୈତଭାବର ଅନ୍ତ ଓ ଅଦ୍ୱୈତଭାବର ପ୍ରତୀକ। ପୌରାଣିକ କଥା ଅନୁସାରେ, ମହାଭାରତ ଲେଖିବା ପାଇଁ ସେ ନିଜର ଦାନ୍ତକୁ ଭାଙ୍ଗି ଲେଖନୀ ଭାବରେ ବ୍ୟବହାର କରିଥିଲେ, ଯାହା ଜ୍ଞାନ ପାଇଁ ତ୍ୟାଗର ମହତ୍ତ୍ୱକୁ ବୁଝାଏ। ଲମ୍ବୋଦର (ବିଶାଳ ପେଟ) ସୂଚାଏ ଯେ ଜୀବନରେ ଆସୁଥିବା ସମସ୍ତ ସୁଖ, ଦୁଃଖ, ରହସ୍ୟ, ସମାଲୋଚନା ଓ ଅପବାଦକୁ ନିଜ ଭିତରେ ହଜମ କରି ନେବା ଉଚିତ। ସବୁ ପରିସ୍ଥିତିରେ ଧୈର୍ଯ୍ୟବାନ ରହିବା ଏହାର ମୁଖ୍ୟ ବାର୍ତ୍ତା। ସେଭଳି ଚତୁର୍ଭୁଜରେ ଧାରଣ କରିଥିବା ଆୟୁଧର ମଧ୍ୟ ବିଶେଷ ମହତ୍ତ୍ୱ ଓ ରହସ୍ୟ ରହିଛି। ଯେପରି ଅଙ୍କୁଶ; ଏହା ମନକୁ ନିୟନ୍ତ୍ରଣ କରିବା ଓ କୁପ୍ରବୃତ୍ତିକୁ ଦମନ କରିବାର ସଙ୍କେତ। ପାଶ (ଦଉଡ଼ି) ଏହା ସଂସାରର ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସହ ବାନ୍ଧି ହୋଇ ରହିବାକୁ ପ୍ରେରଣା ଦିଏ। ମୋଦକ (ଲଡୁ) ଏହା ସାଧନାର ମଧୁର ଫଳ କିମ୍ବା ଆନନ୍ଦର ପ୍ରତୀକ। କଠିନ ପରିଶ୍ରମ ଓ ସଦ୍‌ମାର୍ଗରେ ଚାଲିଲେ ଶେଷରେ ମୋଦକ ଭଳି ମିଠା ଫଳ ମିଳିଥାଏ। ବରଦ ମୁଦ୍ରା ବା ଆଶୀର୍ବାଦ ମୁଦ୍ରା ଯାହା ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଏ, ଯେ ଶରଣାଗତ ଭକ୍ତକୁ ଅଭୟ ପ୍ରଦାନ କରେ। ମୂଷିକ ବାହନର ମଧ୍ୟ ମହତ୍ତ୍ୱ ରହିଛି। ଏତେ ବଡ଼ ଦେବତା ହୋଇ ମଧ୍ୟ ଗଣେଶ ଏକ କ୍ଷୁଦ୍ର ଜୀବ ମୂଷାକୁ ନିଜର ବାହନ କରିଛନ୍ତି। ମୂଷା ହେଉଛି ଚଞ୍ଚଳତା, ଲୋଭ ଏବଂ ଅଜ୍ଞାନତାର ପ୍ରତୀକ। ସେ ଅନ୍ଧାରରେ ସବୁ ଜିନିଷକୁ କାଟି ନଷ୍ଟ କରିଦିଏ। ଗଣେଶ ମୂଷା ଉପରେ ବସିବା ଅର୍ଥ ହେଉଛି ସେ ନିଜର ବୁଦ୍ଧି ଓ ଜ୍ଞାନ ଦ୍ୱାରା ଚଞ୍ଚଳ ମନ, ଲୋଭ ଓ ବାସନାକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏହା ସମାଜକୁ ବାର୍ତ୍ତା ଦିଏ ଯେ କୌଣସି ଜୀବ ଛୋଟ ବା ତୁଚ୍ଛ ନୁହେଁ, ପ୍ରତ୍ୟେକଙ୍କର ନିଜସ୍ୱ ଗୁରୁତ୍ୱ ରହିଛି। ଆଜିର ଆଧୁନିକ ଯୁଗରେ ଗଣେଶଙ୍କ ସ୍ୱରୂପ ମାନସିକ ଚାପ ଦୂର କରିବା ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ଶ୍ରେଷ୍ଠ ଉଦାହରଣ। ମାତା ପାର୍ବତୀ ଓ ପିତା ମହାଦେବଙ୍କୁ ପ୍ରଦକ୍ଷିଣ କରି ସେ ପ୍ରମାଣିତ କରିଥିଲେ ଯେ ପିତାମାତା ହିଁ ସନ୍ତାନ ପାଇଁ ସମଗ୍ର ସଂସାର ଏବଂ ଏହା ପାରିବାରିକ ମୂଲ୍ୟବୋଧ ପାଇଁ ଶ୍ରେଷ୍ଠ ଶିକ୍ଷା। ବିଘ୍ନରାଜ ଭାବେ ସେ ପ୍ରତ୍ୟେକ ବାଧାବିଘ୍ନକୁ ଧୈର୍ଯ୍ୟର ସହ ଦୂର କରିବାର ସାମର୍ଥ୍ୟ ଦିଅନ୍ତି, ଯାହା ସଂକଟ ପରିଚାଳନା ଶିକ୍ଷା ଦିଏ। ଶ୍ରୀଗଣେଶଙ୍କ ସ୍ୱରୂପ କେବଳ ପୂଜା ମଣ୍ଡପରେ ସୀମିତ ନୁହେଁ, ବରଂ ତାହା ଜୀବନ ଜିଇଁବାର ଏକ ସମ୍ପୂର୍ଣ୍ଣ ଦାର୍ଶନିକ କଳା।

*-ହେମନ୍ତ ଗନ୍ତାୟତ*
*ମୋ:୯୮୬୧୩୩୪୮୬୮*



## ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ

# ଗଣେଶ ଉପାସନା



ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍କଳୀୟମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସୃତ ହୋଇ ଆସୁଛି । କୁହାଯାଏ, ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ପରେ ଓ ପ୍ରତିଷ୍ଠା ପୂର୍ବରୁ କଳ୍ପବଟ ତଳେ ଥିବା ଗଣେଶ ପ୍ରତିଷ୍ଠା ହୋଇଥିଲେ। ରୀତି ଅନୁଯାୟୀ ପ୍ରଥମେ ତାଙ୍କର ପୂଜା କରାଯାଇଥିଲା।

**ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ :** ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ମହାଗାଣାପତ୍ୟ ସମ୍ପ୍ରଦାୟର ଗଣପତି ଭଟ୍ଟ ନାମରେ ଜନୈକ ସାଧୁ ଶ୍ରୀକ୍ଷେତ୍ର ଆସିଥିଲେ। ସେ ପୁରାଣ ଶାସ୍ତ୍ରରୁ ଶ୍ରୀଜଗନ୍ନାଥଙ୍କୁ ପରମବ୍ରହ୍ମ ବୋଲି ଜାଣି ତାଙ୍କ ଠାରେ ନିଜର ଇଷ୍ଟ ଗଣପତିଙ୍କୁ ଦର୍ଶନ କରିବା ଲାଳସାରେ ଧାଇଁ ଆସିଥିଲେ ଏଠାକୁ। ସେ ମନେ ମନେ ସ୍ଥିର କରିଥିଲେ ଯେ ଯଦି ନୀଳାଚଳନାୟକ ପ୍ରକୃତରେ ପରଂବ୍ରହ୍ମ, ତେବେ ସେ ମୋତେ ମୋର ଇଷ୍ଟ ଗଣପତି ରୂପରେ ନିଶ୍ଚୟ ଦର୍ଶନ ଦେବେ। ତାଙ୍କ ଆଗମନ ସମୟକୁ ମହାପ୍ରଭୁ ସ୍ନାନ ମଣ୍ଡପରେ ବିଜେ କରି ଅଛନ୍ତି। ସେ ତାଙ୍କର କିମ୍ଭୂତ କିମାକାର ରୂପ ଦେଖି ହେଲେ ଚକିତ। ତାଙ୍କ ଇଷ୍ଟଙ୍କୁ ଦର୍ଶନ ପାଇ ସେ ନିରାଶରେ ଫେରିଗଲେ। ମୁକ୍ତେଶ୍ୱରଙ୍କର ପାଖରେ ପହଞ୍ଚି ସେ ଶୂନ୍ୟବାଣୀ ଶୁଣି ପୁନଶ୍ଚ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲେ। ଦେଖିଲେ ଶ୍ରୀବଳଭଦ୍ର ହରିଦ୍ରା ଗଣେଶ ରୂପରେ, ଶ୍ରୀଜଗନ୍ନାଥ ଖାଦିର ଗଣେଶ ରୂପେ ଓ ମା'ସୁଭଦ୍ରା ମାତଙ୍ଗୀ ରୂପରେ ସ୍ନାନ ମଣ୍ଡପରେ ବିଜେ କରିଅଛନ୍ତି। ଏହା ଦେଖି ଗଣପତି ଭଟ୍ଟଙ୍କର ମୋହ ତୁଟିଗଲା। ସେ ଅନୁଭବ କଲେ ମହାପ୍ରଭୁ ପରଂବ୍ରହ୍ମ ଅଟନ୍ତି। ସେ ହେଉଛନ୍ତି ଗଣେଶ, ଶିବ, ଶିବା ଓ ସୂର୍ଯ୍ୟ। ସେ ନିଜେ ଭଗବତ୍ ଗୀତାରେ କହିଛନ୍ତି, 'ମୋତେ ଯିଏ ଯେଉଁପରି ଭାବେ ମୁଁ ତାକୁ ସେହିପରି ଫଳ ଦିଏ।'

**ଶ୍ରୀବଟ ଗଣେଶ :** ବେଢ଼ା ପରିକ୍ରମା କରିବା ବେଳେ ଆମେ ଶ୍ରୀମନ୍ଦିରରେ ପହଞ୍ଚିଲେ ଯେଉଁ ପ୍ରତିମା ଗଣେଶଙ୍କ ପ୍ରଥମେ ଦର୍ଶନ କରୁ ସେ ହେଲେ ବଟଗଣେଶ। କଳ୍ପବଟ ମୂଳେ ପ୍ରତିଷ୍ଠିତ ଶ୍ରୀବଟଗଣେଶ କଳ୍ପବଟ ସହିତ ଏଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଯେ ଶ୍ରୀମନ୍ଦିର ଭିତରେ ସେ କଳ୍ପବଟର ଏକ ଶାଖା ସଂଲଗ୍ନ ହୋଇ ରହିଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ ବଟଗଣେଶ ମୂଳରେ ବସି ଓଡ଼ିଆ ଭାଗବତ ରଚନା କରିଥିଲେ। ପ୍ଲଟ ନଂ ୯୫ରେ କଳ୍ପବଟ ମୂଳରେ ଅବସ୍ଥାନ କରୁଥିବା ଏହି ଦକ୍ଷିଣାଭିମୁଖୀ ଗଣେଶଙ୍କୁ କେହି କେହି କଳ୍ପ ଗଣେଶ, ସିଦ୍ଧ ଗଣେଶ, ଚିନ୍ତାମଣି ଗଣେଶ ବୋଲି ଅଭିହିତ କରିଥାନ୍ତି।

**ଶ୍ରୀନୃତ୍ୟ ଗଣେଶ :** ଶ୍ରୀମନ୍ଦିର ବେଢ଼ାର ଜଳକ୍ରୀଡ଼ା ମଣ୍ଡପ ପଛକୁ ରହିଛି ଦକ୍ଷିଣାଭିମୁଖୀ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅତ୍ୟୁଚ୍ଚ ମନ୍ଦିର। ଏଥିରେ ଛଅଫୁଟ ଉଚ୍ଚତା ବିଶିଷ୍ଟ ସିଂହାସନ ଉପରେ ଏହି ଗଣେଶ ଶକ୍ତି ଉପରେ ନୃତ୍ୟରତ। ଗଜପତି ପୁରୁଷୋତ୍ତମଦେବଙ୍କ ଦ୍ୱାରା ଏହି ବିଗ୍ରହ କାଞ୍ଚିରୁ ଅଣାଯାଇଥିଲା।

ଏହାଙ୍କୁ ସମସ୍ତେ ନାଚୁଆ ଗଣେଶ ବା କାଞ୍ଚିଖୁରି ଗଣେଶ ବୋଲି ଜାଣନ୍ତି। ଉପର ବାମ ଓ ଡାହାଣ ହସ୍ତରେ ଯଥାକ୍ରମେ ସର୍ପର ଲାଞ୍ଜ ଓ ଫଣା ଗଣେଶଙ୍କ ଉପରି ଭାଗରେ ବୃତ୍ତାକାରରେ ରହିଛି।

**କାଞ୍ଚି ଗଣେଶ :** ଶ୍ରୀମନ୍ଦିର ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ସାକ୍ଷୀଗୋପାଳ ମନ୍ଦିରକୁ ଲାଗି ରହିଛି କାଞ୍ଚି ଗଣେଶ ମନ୍ଦିର। ଶ୍ରୀମନ୍ଦିରର ପ୍ଲଟ ନଂ ୬୫ରେ ପ୍ରାୟ ୨୨ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରରେ କଳାମୁଗୁନି ପଥରରେ ନିର୍ମିତ ପାଞ୍ଚଫୁଟ ଉଚ୍ଚତାର ଏକ ସୁଦୃଶ୍ୟ ଗଣେଶ ବିଗ୍ରହ ଶୋଭା ପାଉଅଛନ୍ତି। ବିଗ୍ରହ ପଛପଟେ ଏକ ପଥରର ଦ୍ୱିତୀୟା ଚନ୍ଦ୍ରାକୃତି ପ୍ରଭା ରହିଅଛି। ସିଂହାସନ ଉପରେ ଦକ୍ଷିଣ ଗୋଡ଼ ପାଦଭୂମିକୁ ସ୍ପର୍ଶ କରୁଥିବାବେଳେ ବାମଗୋଡ଼ ମୋଡ଼ି ହୋଇ ବସିବା ମୁଦ୍ରାରେ ରହିଛନ୍ତି।

ହସ୍ତସଂଖ୍ୟା ୪ ଉପର ଡାହାଣ ହାତରେ ଏକ ଭଗ୍ନଦନ୍ତ, ତଳ ଡାହାଣ ହାତରେ ଜପାମାଳା, ଉପର ବାମ ହାତରେ ପରଶୁ ଧାରଣ କରିଥିବା ବେଳେ ତଳ ବାମ ହାତରେ ପରଶୁ ଧାରଣ କରିଥିବାବେଳେ ତଳ ବାମ ହାତରେ ସିଦ୍ଧି ଦେବୀଙ୍କୁ ଆଲିଙ୍ଗନ କରୁଛନ୍ତି। କର୍ଣ୍ଣାଟକୀ ଶୈଳୀରେ ନିର୍ମିତ ଚତୁର୍ଭୁଜ ବିଶିଷ୍ଟ ଏହି ମୂର୍ତ୍ତି ସମାଧି ଅବସ୍ଥାରେ ବିରାଜମାନ।

**ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗଣେଶ :** ଶ୍ରୀମନ୍ଦିର ବେଢ଼ା ଭିତରେ ଅନେକ ଗଣେଶ ପୂଜା ପାଉଛନ୍ତି। ସେଭଳି ଶ୍ରୀମନ୍ଦିର ବେଢ଼ା ବାହାରେ ମଧ୍ୟ ଶ୍ରୀକ୍ଷେତ୍ରର ବିଭିନ୍ନ ସ୍ଥାନରେ ଗଣେଶଙ୍କ ଉପାସନା ଚାଲିଛି।


**ଗଣେଶ ଗୁରୁଜରେ ଟାରଗଣେଶ :** ବଡ଼ଦାଣ୍ଡର ବାମଭାଗରେ ନରେନ୍ଦ୍ର ପୁଷ୍କରିଣୀକୁ ଯିବା ରାସ୍ତାରେ ଏହି ଗଣେଶ ଜାଗାଟି ଅବସ୍ଥିତ। ଏଠାରେ ମୁଖ୍ୟଦେବତା ରୂପେ ପୂଜା ପାଉଥିବା ଠାକୁରଙ୍କୁ ଟାରଗଣେଶ ବୋଲି କୁହାଯାଏ। କିମ୍ବଦନ୍ତୀ କୁହେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ହେବା ସମୟରେ ଏହିଠାରୁ ଟାର ବନ୍ଧାଯାଇ ପଥର କୁହାଯାଉଥିଲା ଓ ବିଘ୍ନନାଶକ ଶ୍ରୀଗଣେଶଙ୍କୁ ସ୍ଥାପନ କରାଯାଇ ଏହିଠାରେ ଭାଡ଼ି ବନ୍ଧାଯାଇଥିଲା।

**ଶ୍ରୀକପାଳମୋଚନ ମହାଦେବ ମନ୍ଦିରରେ ସିଦ୍ଧ ବିନାୟକ :** ପ୍ରାଚୀନ ସମୟରୁ ପ୍ରତିଷ୍ଠିତ ଏହି ମନ୍ଦିର ପୁରୀ ସହରରେ ମଣିକର୍ଣ୍ଣିକା ସାହିର ଅଗ୍ରଭାଗରେ ତଥା ଗାଣ୍ଡୁଆ ଚଉରାଛକ ନିକଟରେ ଅବସ୍ଥିତ। ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଉଚ୍ଚପ୍ରସ୍ତର ପ୍ରାଚୀର ଘେରି ରହିଛି। ମନ୍ଦିର ପରିସରଟି ୮୦/୯୦ ଫୁଟ ଓସାର ପରିମିତ ମଧ୍ୟରେ ଅବସ୍ଥିତ। ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ଠାରୁ ଶ୍ରୀଲୋକନାଥ ମନ୍ଦିରକୁ ଯାଇଥିବା ମୁଖ୍ୟ ରାସ୍ତାର ବାମପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରର ଏକ ମାତ୍ର ପ୍ରବେଶ ଦ୍ୱାର ରହିଅଛି। ରାସ୍ତା ପତନ ଠାରୁ ପ୍ରାୟ ୧୨ ଗୋଟି ପାହାଚ ଅତିକ୍ରମ କରିବା ପରେ ମନ୍ଦିରର ବେଢ଼ାକୁ ପ୍ରବେଶ କରିବାକୁ ହୋଇଥାଏ। ପବିତ୍ର ଗଣେଶ ପୂଜା ଅବସରରେ ଭଗବାନ ଶ୍ରୀଗଣେଶ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ ପ୍ରାର୍ଥନା।

*-ବିକ୍ରମ ମହାପାତ୍ର*
*'ଆନନ୍ଦ ଜ୍ୟୋତ୍ସ୍ନା' ଚଣ୍ଡୀମନ୍ଦିର ଅଞ୍ଚଳ, କଟକ*

# ଶ୍ରୀମନ୍ଦିର ଓ ଶ୍ରୀଫଳ

ଭକ୍ତ ଦାସିଆ ବାଉରୀଙ୍କ ସରଳ ଆବେଗ ମିନତିଭରା ବାରି ନଡ଼ିଆ ଜଗନ୍ନାଥଙ୍କ ପାଇଁ ପଠାଇ ଥିବାର କଥା, କିମ୍ବଦନ୍ତୀ କାହାଣୀ ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିଯାଇଛି। ଆମ ଓଡ଼ିଆ ଚଳଣି, ପୂଜାପାଠ, ଘରୋଇ କାର୍ଯ୍ୟରେ ମଧ୍ୟ ଶ୍ରୀଫଳ ବା ନଡ଼ିଆ ଆବଶ୍ୟକ ହୋଇଥାଏ। ଅନେକ ଘରେ, ମନ୍ଦିରରେ, କଳସରେ ଶ୍ରୀଫଳ ଆବଶ୍ୟକ ହୋଇଥାଏ। ତେବେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ରୋଷଘରରେ ମହାପ୍ରସାଦ ଠାରୁ ନିତିଦିନିଆ ବିଭିନ୍ନ ମଣୋହି ପ୍ରସ୍ତୁତି ଠାରୁ ପିଠାପଣା, ବ୍ୟଞ୍ଜନ, କୋରା ସବୁଥିରେ ଏହା ଆବଶ୍ୟକ ହୋଇଥାଏ। ଶ୍ରୀମନ୍ଦିରର 'ସ୍ୱତ୍ୱଲିପି' ଓ 'ମାଦଳା ପାଞ୍ଜି'ରେ ରହିଥିବା ତଥ୍ୟ ଅନୁଯାୟୀ ମହାପ୍ରସାଦ ବ୍ୟତୀତ ଅନ୍ୟ କେତେକ ବ୍ୟଞ୍ଜନରେ 'ନଡ଼ିଆ କ୍ଷୀର', 'ନଡ଼ିଆ ରସ' ଆବଶ୍ୟକ ହୋଇଥାଏ। ମହାପ୍ରଭୁଙ୍କ ଷାଠିଏ ପଉଟି ଭୋଗ ଭିତରେ ଦିନରେ ଯେଉଁ ବ୍ୟଞ୍ଜନ ଅର୍ପଣ ହୋଇଥାଏ ତାହା ଭିତରୁ ପୋଟଳ ରସା ଅନ୍ୟତମ। ସେହିପରି ଅନ୍ୟ ବ୍ୟଞ୍ଜନରେ ମଧ୍ୟ ଉପରୋକ୍ତ ଦୁଇଟି ସାମଗ୍ରୀ ଦରକାର ପଡ଼ିଥାଏ। ତାଜା ନଡ଼ିଆକୁ କୋରି ଭଲ ଭାବରେ ଚିପୁଡ଼ି ସେଥିରୁ ଯେଉଁ ରସ ବା କ୍ଷୀର ବାହାରିଥାଏ ତାହା ହିଁ 'ରସା' ଏହା ହିଁ ଶ୍ରୀଜଗନ୍ନାଥଙ୍କ ବ୍ୟଞ୍ଜନ ପ୍ରସ୍ତୁତିର ଅନ୍ୟ ଏକ ଆକର୍ଷଣ। ଅନେକ ହୁଏତ ଜାଣିନଥିବେ ଶ୍ରୀମନ୍ଦିର ରୋଷେଇ ଘରର ପରିପାକ ବ୍ୟବସ୍ଥା ଆମ ଓଡ଼ିଆ ଘର ଚଳଣି ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଗୋଟିଏ ଥରରେ ସମସ୍ତ ସାମଗ୍ରୀ ଓଜାଡ଼ି ପ୍ରସାଦ ପ୍ରସ୍ତୁତି ହୁଏ। ଯଦିଓ କିଛି ପ୍ରସାଦ ପାକ ହେବାର ଏକ-ତୃତୀୟାଂଶ ସମୟ ହୋଇଗଲେ କିଛି ଗୁଡ଼, ଖଣ୍ଡ ବା ଅନ୍ୟ କିଛି ବ୍ୟଞ୍ଜନ ଉପଯୋଗୀ ସାମଗ୍ରୀ ମିଶା ଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଭିତରେ ଅନ୍ୟତମ ଲୋକପ୍ରିୟ ନଡ଼ିଆ କ୍ଷୀରରେ ତିଆରି 'ନଡ଼ିଆ ଅନ୍ନ' ସମସ୍ତଙ୍କର ଆଗ୍ରହର କେନ୍ଦ୍ର ବିନ୍ଦୁ ହୋଇଥାଏ। ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ଯାହା ଉଲ୍ଲେଖ ରହିଛି ମକର ସଂକ୍ରାନ୍ତି କିଛି ବାର୍ଷିକ ସ୍ୱତନ୍ତ୍ର ପର୍ବପର୍ବାଣିରେ ଶ୍ରୀଜୀଉଙ୍କ ପ୍ରସାଦ ନୀତିରେ ନଡ଼ିଆ ରସ ଯୋଗ କରାଯାଇଥାଏ। ଏତଦ୍ ବ୍ୟତୀତ କୋଠଭୋଗ ବଡ଼ ସୁଆର ନିଯୋଗ ତଥ୍ୟ ଅନୁଯାୟୀ 'ନଡ଼ିଆ କୋରା', 'ନଡ଼ିଆ ପାତି', 'ଡାଲମା', ବିଭିନ୍ନ ବ୍ୟଞ୍ଜନରେ ନଡ଼ିଆ ଦରକାର ପଡ଼ିଥାଏ। ବିଶେଷକରି ନଡ଼ିଆ କ୍ଷୀର ଅଧିକ ଆବଶ୍ୟକ ହୋଇଥାଏ। ମିଠା ଅନ୍ନ ଓ ପୋଟଳ ପିଠା ଆଦି ପ୍ରସାଦରେ ଏହି ନଡ଼ିଆ ରସ ଯୋଗ କରାଯାଏ। ବର୍ଷରେ ଥରେ ଧନୁ ସଂକ୍ରାନ୍ତିରେ ଯେଉଁ ଧନୁ ମୁଆଁ ଅର୍ପଣ ହୋଇଥାଏ ସେଥିରେ ନଡ଼ିଆ ପାତି ଯୋଗ କରାଯାଏ। ସେହିପରି 'କୋରା ଖଇ'ରେ ବି ନଡ଼ିଆ ଆବଶ୍ୟକ ହୋଇଥାଏ। ଆମ ଶ୍ରୀମନ୍ଦିର ପରମ୍ପରା ଓଡ଼ିଆ ଘରର ଆବଶ୍ୟକତା ସହିତ ସମଗ୍ର ଭାରତରେ ବିଶେଷକରି ଦକ୍ଷିଣ ଭାରତରେ ନଡ଼ିଆ ଏକ ନିତିଦିନିଆ ଜୀବନର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ନଡ଼ିଆ କୋରା ଠାରୁ କ୍ଷୀର, ନଡ଼ିଆ ତେଲ ଠାରୁ ବିଭିନ୍ନ ପ୍ରକାର ଚଟଣୀ ଓ ତରକାରି କେବଳ ଶାକାହାରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥାଏ। ତେବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ବିଶେଷକରି ରୋଷଘରେ ଶ୍ରୀଫଳ ରସ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ଅଟେ।



*-ଡାକ୍ତର ଉମେଶ ଚନ୍ଦ୍ର ପାତ୍ର*
*ଦୂରଭାଷ : ୯୪୩୭୦୫୧୯୫୭*

## ନଅ ତାଲାରୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ନଅ ତାଲା ବିଲ୍ଡିଂରୁ ଆଲୁମିନିୟମ ପ୍ୟାନେଲ ଚୋରି କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ରବିବାର ଜଣେ ଚୋରକୁ ଗିରଫ କରିଛି। ଗିରଫ ଚୋରର ନାମ ରାଜେଶ ପ୍ରଧାନ ଓରଫ ବାବୁ ଓ ତାଙ୍କ ଘର ୟୁନିଟ୍ ୫ କେଶରୀ ନଗର ବସ୍ତିରେ ବୋଲି ଜଣାପଡ଼ିଛି। ଏନେଇ ସୁରକ୍ଷାକର୍ମୀ ସୁଶାନ୍ତ ମହାପାତ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଶନିବାର ବିଳମ୍ବିତ ରାତି ପ୍ରାୟ ୩ଟା୪୫ ମିନିଟରେ ଅଭିଯୁକ୍ତ ବାବୁ ନଅତାଲା ବିଲ୍ଡିଂର ପାଚେରି ଡେଇଁ ଭିତରେ ପଶିଥିଲା। ଛୁଟି ଦିନର ସୁଯୋଗ ନେଇ ସେ ସେଠାରେ ଥିବା ଝରକାର ଆଲୁମିନିୟମ୍ ପ୍ୟାନେଲ୍ ଗୁଡ଼ିକୁ ଭାଙ୍ଗି ଚୋରି କରୁଥିଲା। ଏହି ସମୟରେ ଡିଉଟିରେ ଥିବା ସିକ୍ୟୁରିଟି ଗାର୍ଡ ଏହା ଦେଖି ତୁରନ୍ତ କ୍ୟାପିଟାଲ୍ ଥାନା ପୋଲିସକୁ ଖବର ଦେଇଥିଲେ। ଆଲୁମିନିୟମ୍ ଭାଙ୍ଗିବା ବେଳେ ଅଭିଯୁକ୍ତର ବାମ ଗୋଡ଼ରେ ମଧ୍ୟ ଆଘାତ ଲାଗିଥିଲା। କ୍ୟାପିଟାଲ୍ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚୋରି କରୁଥିବା ଅବସ୍ଥାରେ ଅଭିଯୁକ୍ତ ବାବୁ କୁ କାବୁ କରିଥିଲା।

## ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପୁରସ୍କାର ଓ ସମ୍ବର୍ଦ୍ଧନା ସଭା

ରମ୍ଭା,(ନିପ୍ର): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞାଭବନ ପରିସରରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା- ୨୦୨୫ ର ଗଞ୍ଜାମ ବ୍ଲକ ସ୍ତରୀୟ ପୁରସ୍କାର ଓ ସମ୍ବର୍ଦ୍ଧନା ସଭା ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତିନିଧି ରବୀନ୍ଦ୍ର ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବେଦମନ୍ତ୍ର ଧ୍ୱନି ସନ୍ତୋଷପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ହୋଇଥିଲା। ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆଙ୍କ ସଂଯୋଜନା ଏବଂ ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ସଭା ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରାଜ୍ୟ ସଂଯୋଜକ ପ୍ରଫୁଲ୍ଲ ଚନ୍ଦ୍ର ଦାସ,ମୁଖ୍ୟ ବକ୍ତା ଗଞ୍ଜାମ ଜିଲ୍ଲା ସମନ୍ୱୟ ସମିତି ସଂଯୋଜକ ପ୍ରମୋଦ କୁମାର ପାଢ଼ୀ,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଭାପତି ନରସିଂହ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଅଭିଭାଷଣ ମାଧ୍ୟମରେ ସୁଦୀର୍ଘ ଭାରତୀୟ ସଂସ୍କୃତିର ପ୍ରାଚୀନତା ଓ ମହାନତା ଉପରେ ଆଲୋକପାତ କରିଥିଲେ ।

## ନୂଆଁଖାଇ ପାଳନ ନେଇ ପ୍ରସ୍ତୁତି

କୁଚିଣ୍ଡା,(ନିପ୍ର): ପଶ୍ଚିମ ଓଡିଶାର କୃଷିଭିତିକ ଗଣପର୍ବ ନୂଆଁଖାଇ। ଏହାକୁ ନେଇ ଗାଁଠୁ ସହର ସବୁଠି ବେଶ ଚଳଚଞ୍ଚଳ। ଆସନ୍ତା ୧୫ ତାରିଖ ମଙ୍ଗଳବାର ଦିନ ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଳନ ହେବ। ଏଣୁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରରେ ନୂଆଁଖାଇ ପାଇଁ ବେଶ ଉତ୍ସାହ ଦେଖିବାକୁ ମିଳିଛି। ନୂଆଁଖାଇ ପାଇଁ ସହର ଓ ଗ୍ରାମାଞ୍ଚଳରେ ଘରେ ଘରେ ଲୋକ ସଜବାଜ ହେଉଛନ୍ତି। ଝାଙ୍କର ଘରେ ଘରେ ଅମଳ ହୋଇଥିବା ନୂଆଁ ଧାନ ବାଣ୍ଟୁଛି। ଏହାକୁ ନିଜର ଇଷ୍ଟଦେବୀ ମା ସମଲେଶ୍ୱରୀ ଦେବୀଙ୍କ ପାଖରେ ନୈବିଦ୍ୟ ଅର୍ପଣ କରି ଭକ୍ଷଣ କରିବେ ନବାନ୍ନ। ପଣ୍ଡିତ ମାନେ ଲଗ୍ନ ନିର୍ଦ୍ଧାରଣ କଲା ପରେ ଆରମ୍ଭ ହୋଇଯାଏ ନୂଆଁଖାଇ ପର୍ବ ପାଇଁ ପ୍ରସ୍ତୁତି। ସେଥିପାଇଁ ଲୋକେ ସହବାଜ ହୋଇ ଘର ଲିପାପୋଛା କରିବା ସଫାସୁତୁରା କରୁଛନ୍ତି। ଲୁଗା ଦେକାନ, ପରିବା ହାଟରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ବାହାରେ ଯେଉଁମାନେ ରହୁଛନ୍ତି ସେମାନେ ଘରକୁ ଆସିବା ଆରମ୍ଭ ହୋଇଗଲାଣି।

## ଗୁଡାରୀରେ ପକ୍ସୋ ଆଇନ ସମ୍ପର୍କିତ ସଚେତନତା

ରାୟଗଡା:(ନି:ପ୍ର): ରାୟଗଡା ଜିଲା ଗୁଡାରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ରବିବାର ଦିନ ଏକ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପକ୍ସୋ ଆଇନ ଏବଂ ନାଲସା ପିଡ଼ିତା କ୍ଷତିପୂରଣ ଯୋଜନା-୨୦୧୮ ଉପରେ ଆଲୋକପାତ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଗୁଣପୁର ଅଦାଲତର ଅତିରିକ୍ତ ଜିଲ୍ଲା ଦୌରାଜଜ ଦେବଦତ୍ତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର (ନିପ୍ର): ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ଡ. ସରୋଜ ରଞ୍ଜନ ପଟ୍ଟନାୟକଙ୍କୁ ଲୁଇଜସିଆନା ରିସର୍ଚ୍ଚ ୟୁନିଭର୍ସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଶିକ୍ଷା, ଗବେଷଣା, ସମାଜସେବା ଓ ଜନକଲ୍ୟାଣ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।ଏହି ସମ୍ମାନ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି।

# ସରକାରୀ ହୋମିଓପାଥିକ ଚିକିତ୍ସା କେନ୍ଦ୍ରରେ ଅବ୍ୟବସ୍ଥା



ଜଳେଶ୍ୱର (ନିପ୍ର): ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ, ଲକ୍ଷ ଲକ୍ଷ ଟଙ୍କାର ପେଟି ପେଟି ଔଷଧରେ ଉଇ ଲାଗିଗଲାଣି। ଔଷଧ ବୋତଲ ଉପରେ ଧୂଳି ଓ ଅଳନ୍ଧୁ। ଏଠି ରୋଗ ଭଲ କରିବା ପରିବର୍ତ୍ତେ ରୋଗ ବାଣ୍ଟୁଛନ୍ତି ଡାକ୍ତର ଓ ଡାକ୍ତରଖାନାର କର୍ମଚାରୀ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ନେତୁଆ ଗ୍ରାମରେ ଥିବା ବହୁ ପୁରାତନ ଉପେନ୍ଦ୍ରନାଥ ସରକାରୀ ଦାତବ୍ୟ ହୋମିଓ ପାଥିକ ଚିକିତ୍ସା କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଉକ୍ତ ଚିକିତ୍ସା କେନ୍ଦ୍ରରେ ଜଣେ ଡାକ୍ତରଙ୍କ ସହିତ ଆଉ ୩ ଜଣ କର୍ମଚାରୀ କାର୍ଯ୍ୟ କରନ୍ତି । ଏମାନଙ୍କ ମନମାନି ଓ ରକ୍ଷଣା ବେକ୍ଷଣ ଅଭାବରୁ ରୋଗୀଙ୍କ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାର ପେଟି ପେଟି ଔଷଧ ନଷ୍ଟ ହେବାକୁ ବସିଲାଣି ,ଡାକ୍ତରଖାନା ବାରଣ୍ଡାରେ ଔଷଧ ପେଟି ସବୁ ଗଦା କରା ଯାଇଥିଲା ବେଳେ ଅନେକ ଔଷଧର ଅବଧି ସମାପ୍ତ ହୋଇ ସାରିଲାଣି, ପେଟି ଉପରେ ଉଇ ସାଲୁବାଲୁ ହେଉଛନ୍ତି, ଔଷଧ ବୋତଲ ଉପରେ ଧୂଳି ଓ ଅଳନ୍ଧୁ ଜମି ଗଲାଣି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ କଥା ହେଉଛି କି ଉକ୍ତ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଅନେକ ସମୟରେ ଛୁଟି ନ ନେଇ ଡାକ୍ତରଖାନାରେ ଅନୁପସ୍ଥିତ ରହୁଛନ୍ତି। କେବଳ ଜଣେ ମହିଳା ସହାୟିକାଙ୍କ ବ୍ୟତୀତ ଜଣେ ପିଅନ ଓ ଜଣେ ଝାଡୁଦାର ମଧ ନିୟମିତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁ ନଥିବା ଅଭିଯୋଗ ହେଉଥିବା ବେଳେ ବାସ୍ତବ ଚିତ୍ର ମଧ ସମାନ କଥା ବୟାନ କରୁଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନଙ୍କୁ ହଟହଟା ହେବାକୁ ପଡ଼ୁଛି। ତେବେ ରୋଗୀମାନଙ୍କୁ ଉକ୍ତ ମହିଳା ସହାୟିକା ଜଣକ ଚିକିତ୍ସା କରୁଥିବା କଥା କେତକ ରୋଗୀ ପ୍ରକାଶ କରିଥିବା ବେଳେ, ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଜଣେ ଅନଭିଜ୍ଞ ବ୍ୟକ୍ତି କୁଆଡେ ରୋଗୀଙ୍କୁ ଚିକିତ୍ସା କରୁଥିବା କଥା ଶୁଣିବାକୁ ମିଳୁଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

# ନୀଳମାଧବଙ୍କ ମନ୍ଦିରର ଲିଫ୍ଟ ନିୟମିତ ଚାଲୁ କରିବାକୁ ଦାବି

କଣ୍ଟିଲୋ,(ନି.ପ୍ର): ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ସ୍ଥାପିତ ଲିଫ୍ଟ ଟିକୁ ନିୟମିତ ଭାବେ ଚାଲୁ କରିବାକୁ ସାଧାରଣରେ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଉକ୍ତ ଲିଫ୍ଟ ଟି ଗତ ୩ ମାସ ତଳେ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଲୋକାର୍ପିତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପ୍ରଶାସନିକ ଉଦାସୀନତା ଓ ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁଁ ପ୍ରଭୁ ଶ୍ରୀନୀଳମାଧବଙ୍କ ମନ୍ଦିରର ପଶ୍ଚିମ ଦ୍ୱାରରେ ଅବସ୍ଥିତ ଲିଫ୍ଟଟିକୁ ଚାଲୁ କରାଯାଉ ନଥିବାରୁ ଦୈନିକ ମନ୍ଦିରକୁ ପରିଦର୍ଶନରେ ଆସୁଥିବା ବରିଷ୍ଠ ନାଗରିକ,ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷ, ଶାରୀରିକ ଅକ୍ଷମ ବ୍ୟକ୍ତି ବୃଦ୍ଧ,ବୃଦ୍ଧା ଓ ମହିଳାମାନେ ମନ୍ଦିରକୁ ଯିବା ଓ ଆସିବାରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଆଗକୁ ପର୍ଯ୍ୟଟନ ଋତୁ ଆରମ୍ଭ ହେବାକୁ ଯାଉଥିବାରୁ ରାଜ୍ୟ ଓ ରାଜ୍ୟ ବାହାରରୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରିବା ନିମନ୍ତେ କଣ୍ଟିଲୋ ଅଞ୍ଚଳକୁ ଆସିବେ। ଏହାକୁ ନଜରରେ ରଖି ନୟାଗଡ ଜିଲ୍ଲାପାଳ,ଖଣ୍ଡପଡ଼ା ବିଧାୟକ ଓ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଜ୍ରକାପ୍ତା କାତି ଚୋରାଚାଲାଣ ବେଳେ ୬ ଗିରଫ: ୩୫୨ କାତି ଜବତ



ମାଲକାନଗିରି: ମାଲକାନଗିରି ବନ ବିଭାଗ ଦ୍ୱାରା ବଜ୍ରକାପ୍ତା ଚୋରା ଚାଲାଣ ସମୟରେ ଛଅଜଣଙ୍କୁ ଗିରଫ କରିବା ସହ ୩୫୨ଟି ବଜ୍ରକାପ୍ତା କାତି ଜବତ କରିଛନ୍ତି । ଏ ସମ୍ବନ୍ଧରେ ମାଲକାନଗିରି ଖଣ୍ଡୀୟ ବନାଧିକାରୀ ସାଇକିରଣ ଡି.ଏନ୍ ଦେଇଥିବୁ ସୂଚନା ଅନୁଯାୟୀ ମାଲକାନଗିରି ଓ ମାଥିଲି ରେଞ୍ଜର ବନ ବିଭାଗ ଦଳ ମିଳିତ ଭାବେ ମାଲକାନଗିରି ରେଞ୍ଜ ଅନ୍ତର୍ଗତ ପଦ୍ମଗିରି ଓ ପାଣ୍ଡ୍ରିପାଣି ରାସ୍ତାରେ ଏକ ଅଭିଯାନ ଚଲାଇଥିଲେ । ଏହି ଅଭିଯାନ ସମୟରେ ତିନୋଟି ମୋଟର ସାଇକଲରେ ଛଅଜଣ ବ୍ୟକ୍ତି ଆସୁଥିବା ଦେଖି ଉକ୍ତ ମୋଟର ସାଇକେଲ ଗୁଡିକୁ ଅଟକାଇ ଯାଂଚ କରିବାରୁ ତାଙ୍କ ନିକଟରୁ ବଜ୍ରକାପ୍ତା କାତି ଥିବା ଦେଖିବାକୁ ପାଇଥିଲେ । ଏହି ବଜ୍ରକାପ୍ତା କାତି ଗୁଡିକୁ ଜବତ କରିବା ସହ ଛଅଜଣଙ୍କୁ ଗିରଫ କରିଥିଲେ । ସମୁଦାୟ ୩୫୨ଟି କାତି ଥିବା ବେଳେ ଉକ୍ତ ଛଅଜଣଙ୍କୁ ବେଆଇନ ଅଧିକାର ଓ କାରବାରରେ ଜଡିତ ଥିବା ଅଭିଯୋଗରେ ଗିରଫ କରାଯାଇଛି । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ (୨୦୨୨ ସଂଶୋଧୀତ)ର ସମ୍ପୃକ୍ତ ଧାରା ଅନୁଯାୟୀ ଏକ ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯାଇଛି । ଏହି ବନ୍ୟପ୍ରାଣୀ କାରବାରରେ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଶ୍ରୀ ସାଇ କିରଣ ସୂଚନା ଦେଇଛନ୍ତି । ଏହି ଅବସରରେ ଏସିଏଫ ପ୍ରିୟଙ୍କା ମହୁକା, ବନାଞ୍ଚଳ ଅଧିକାରୀ ରମେଶ ରାଉତ, ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ମହଙ୍ଗା ପଡ଼ିଲା ନକଲି ନମ୍ବର ପ୍ଲେଟରେ ଗାଡ଼ି ଚଢ଼ିବା: ୨ ଯୁବକ ଗିରଫ

ଭୁବନେଶ୍ୱର(ନିପ୍ର): ଏକ ଥାର ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଇ ଏହାକୁ ବ୍ୟବହାର କରିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ରବିବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକ ଦ୍ୱୟ ହେଉଛନ୍ତି,ଚନ୍ଦକା ଥାନା ଅନ୍ତର୍ଗତ ପ୍ରଗତି ଆପାର୍ଟମେଣ୍ଟରେ ରହୁଥିବା ଚନ୍ଦନ ଦାସ (୨୬) ଓ ବାରଙ୍ଗର ନିଖିଳେଶ୍ୱ ସ୍ୱାଇଁ (୨୨)। ଏନେଇ ସହିଦନଗର ଥାନାର ଏଏସଆଇ କେ.ଏଲ୍ ପ୍ରଧାନ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ରୁଜୁ ହୋଇଥିବା ଏକ ପୃଥକ୍ ମାମଲା (କେସ୍ ନଂ- ୪୮୧/୨୦୨୬) ର ତଦନ୍ତ ବେଳେ ପୋଲିସ ପାହାଲ ଷ୍ଟକ୍ ୟାର୍ଡରୁ ଉକ୍ତ ଥା ର୍ଗାଡ଼ିକୁ ଉଦ୍ଧାର କରିଥିଲା। ଯାଞ୍ଚ ବେଳେ ଗାଡ଼ିଟିର ଅସଲି ରେଜିଷ୍ଟ୍ରେସନ୍ ନମ୍ବର ବଦଳରେ ସେଥିରେ ଏକ ଜାଲ୍ ନମ୍ବର ପ୍ଲେଟ୍ ଲଗାଯାଇଥିବା ଜଣାପଡ଼ିଥିଲା। ଏହି ବେଆଇନ କାର୍ଯ୍ୟ ନେଇ ସହିଦ ନଗର ଥାନା ଏଏସଆଇ କେ.ଏଲ୍. ପ୍ରଧାନଙ୍କ ନିଜସ୍ୱ ଅଭିଯୋଗ କ୍ରମେ ଏହି ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଗାଡ଼ିର ପ୍ରକୃତ ମାଲିକ ଗାଡ଼ିଟିକୁ କିଣିବା ପରେ ଅଭିଯୁକ୍ତ ଚନ୍ଦନ ଦାସଙ୍କୁ ବ୍ୟବହାର କରିବାକୁ ଦେଇଥିଲେ ଏବଂ ସେତେବେଳେ ଗାଡ଼ିରେ ଅସଲି ନମ୍ବର ଥିଲା। ମାତ୍ର ଗତ ୮ ତାରିଖରେ ଏକ ଫାଇନାନ୍ସ କଂପାନୀ ଗାଡ଼ିଟିକୁ ଜୋରଜବରଦସ୍ତ ଉଠାଇ ନେବା ବେଳେ ଅଭିଯୁକ୍ତ ନିଖିଳେଶ ସ୍ୱାଇଁ ତାହାକୁ ଚଲାଉଥିଲା ଏବଂ ସେଥିରେ ଜାଲ୍ ନମ୍ବର ପ୍ଲେଟ୍ ଲାଗିଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଏହି ଜାଲ୍ ନମ୍ବର ପ୍ଲେଟ୍ ଲଗାଇବା ଏବଂ ଗାଡ଼ି ବ୍ୟବହାର କରିବା ପଛରେ ଉଭୟ ଚନ୍ଦନ ଓ ନିଖିଳେଶଙ୍କ ସଂପୃକ୍ତି ଥିବା ସ୍ପଷ୍ଟ ହୋଇଛି।

## କୋଦାଳ ତିଆରିକୁ ନେଇ ଝଗଡ଼ା, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ସାମାନ୍ୟ କୋଦାଳ ଓ ଲୁହା କଣ୍ଟା ତିଆରି କରିବାକୁ ନେଇ କମାରଶାଳର ଦୋକାନୀଙ୍କ ସହ ଝଗଡ଼ା ଏବଂ ଏଥିଯୋଗୁଁ ମରଣାନ୍ତକ ଆକ୍ରମଣ ମାମଲାରେ ଭରତପୁର ଥାନା ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତ ହେଲେ ନାକାଗେଟ ନିକଟରେ ରହୁଥିବା କୃଷ୍ଣ ମୁଳୀ (୫୫),ନଳିନୀ ମୁଳୀ (୪୫)ଓ ଜାନକା ମୁଳୀ (୨୨)। ଏନେଇ ମୁରଲୀ ଗୌଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ୬ ମାସ ପୂର୍ବରୁ ଅଭିଯୁକ୍ତ କମାର କୃଷ୍ଣ ମୁଳିଙ୍କୁ ଏକ କୋଦାଳ ମରାମତି କରିବା ସହ ଲୁହା କଣ୍ଟା ତିଆରି କରିବାକୁ ଦେଇଥିଲେ। ଗତ ୧୦ ତାରିଖ ସେ ନାକା ଗେଟ୍ ଛକ ନିକଟରେ ଥିବା କମାର ଶାଳକୁ ଯାଇ ଜିନିଷ ମାଗିଥିଲେ। ଅଭିଯୁକ୍ତ କାମ କରିନଥିବା କହିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ କୃଷ୍ଣ ମୁଳିଙ୍କ ପୁଅ ଜାନକ ମୁଳି ଏକ ହାତୁଡ଼ିରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା, ଯାହା ତାଙ୍କ ନାକରେ ବାଜି ପ୍ରବଳ ରକ୍ତସ୍ରାବ ହୋଇଥିଲା।


### ମୁଣ୍ଡ ଉପରେ ଝୁଲୁଛି ମୃତ୍ୟୁଫାଶ

# ବିଦ୍ୟୁତ୍ ତାର ଉପରେ ଢଳି ପଡ଼ିଛି ବିଶାଳ ଗଛ



ସୋନପୁର,(ନିପ୍ର): ଲଗାଣ ବର୍ଷା ଯୋଗୁଁ ସୋନପୁରର ପଟାଭାଡି ଅଞ୍ଚଳରେ ଏବେ ଏକ ବଡ଼ ଧରଣର ବିପଦ ମାଡ଼ି ଆସିଛି। ପଟାଭାଡି ସ୍ଥିତ ରାମଜୀ ନଗର ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଶାଳ ଗଛ ମୂଳରୁ ଉପୁଡ଼ି ସିଧାସଳଖ ହାଇଭୋଲଟେଜ୍ ବିଦ୍ୟୁତ୍ ତାର ଉପରେ ଝୁଲି ରହିଛି। ଗଛଟିର ସମ୍ପୂର୍ଣ୍ଣ ଭାର ତାର ଉପରେ ପଡ଼ିଥିବାରୁ ତାରଗୁଡ଼ିକ ଏବେ ତଳକୁ ଝୁଲି ଆସିଲାଣି। ଯେକୌଣସି ମୁହୂର୍ତ୍ତରେ ଏହି ଗଛଟି ସମ୍ପୂର୍ଣ୍ଣ ରୂପେ ତଳକୁ ଖସିପଡ଼ି ଏକ ଭୟଙ୍କର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତାଟି ସୋନପୁର ସହର ପାଇଁ ଏକ ପ୍ରମୁଖ ଗମନାଗମନର ମାଧ୍ୟମ। ପ୍ରତିଦିନ ହଜାର ହଜାର ଲୋକ ଏହି ବାଟ ଦେଇ ନିଜର ଦୈନନ୍ଦିନ କାମରେ ଯାତାୟାତ କରୁଛନ୍ତି। ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି, ଛୋଟ ଛୋଟ ସ୍କୁଲ ଛାତ୍ରଛାତ୍ରୀମାନେ ମଧ ନିଜ ଜୀବନକୁ ପାଣି ଛଡ଼ାଇ ଏହି 'ମୃତ୍ୟୁଫାଶ' ତଳ ଦେଇ ସ୍କୁଲ୍ ଯିବାଆସିବା କରିବାକୁ ବାଧ ହେଉଛନ୍ତି। ଗଛଟି ଯଦି ହଠାତ୍ ତଳକୁ ଖସିପଡ଼େ କିମ୍ବା ଭାର ସମ୍ଭାଳି ନପାରି ବିଦ୍ୟୁତ୍ ତାର ଛିଣ୍ଡିଯାଏ, ତେବେ ବଡ଼ ଧରଣର ଧନଜୀବନ ହାନି ହେବା ଏକପ୍ରକାର ନିଶ୍ଚିତ। ବିପଦ ସଙ୍କୁଳ ଅବସ୍ଥାରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ମନରେ ଏବେ ଛନକା ପଶିଛି। ଗୋଟିଏ ପଟେ ବିଦ୍ୟୁତ୍ ତାର ଉପରେ ଗଛର ସମ୍ପୂର୍ଣ୍ଣ ଭାର ଥିବା ବେଳେ ଅନ୍ୟପଟେ ପ୍ରଶାସନର ନୀରବତା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବିପଦ ଏତେ ପାଖରେ ଥାଇ ମଧ ସ୍ଥାନୀୟ ପ୍ରଶାସନ କିମ୍ବା ବିଦ୍ୟୁତ୍ ବିଭାଗ ପକ୍ଷରୁ ଏଯାଏଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ କିମ୍ବା ଉକ୍ତ ଗଛ କାଟିବାକୁ କେହି ଆସିନାହାନ୍ତି। ବିଭାଗୀୟ ଅଧିକାରୀମାନେ ବୋଧହୁଏ କୌଣସି ବଡ଼ ଧନଜୀବନ ହାନି କିମ୍ବା ଅଘଟଣକୁ ଅପେକ୍ଷା କରି ବସିଛନ୍ତି ବୋଲି ସ୍ଥାନୀୟ ମହଲରେ ତୀବ୍ର ସମାଲୋଚନା ହେଉଛି। କୌଣସି ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ପ୍ରଶାସନ ଏବଂ ବିଦ୍ୟୁତ୍ ବିଭାଗ ତୁରନ୍ତ ନିଦରୁ ଚେଇଁ ଏହି ବିପଦପୂର୍ଣ୍ଣ ଗଛଟିକୁ ହଟାଇବା ସହ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି। ପ୍ରଶାସନ ଏଦିଗରେ କେବେ ତତ୍ପରତା ଦେଖାଉଛି, ତାହା ଦେଖିବାକୁ ବାକି ରହିଲା।

## ସୂଚନା ସ୍ତମ୍ଭ ରାସ୍ତା ପାର୍ଶ୍ୱରେ ପଡ଼ି ନଷ୍ଟ ହେଉଛି




କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ସହରର ତ୍ରିନାଥ ଛକ ଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ସ୍ଥାପିତ ହେବାକୁ ଥିବା ସୂଚନା ସ୍ତମ୍ଭ ଓ ହୋର୍ଡିଂଟି ରାସ୍ତା ପାର୍ଶ୍ୱରେ ଗତ ୬ ମାସ ହେଲା ପଡି ନଷ୍ଟ ହେଉଥିବା ନଜରକୁ ଆସୁଛି।ଖଣ୍ଡପଡ଼ା ସହରରୁ ବିଭିନ୍ନ ସ୍ଥାନର ଦୂରତ୍ୱ ସଂପର୍କରେ ସୂଚନା ଦେବା ନିମନ୍ତେ ଉଦ୍ଦିଷ୍ଟ ଏହି ସୂଚନା ସ୍ତମ୍ଭଟି ସ୍ଥାପିତ ହୋଇ ନପାରିବାର କାରଣ କଣ ବୋଲି ପଚାରିଲେ ଖଣ୍ଡପଡ଼ା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ କୌଣସି ସୂଚନା ଦେଉ ନାହାଁନ୍ତି। ତେବେ 'ସରକାରକା ମାଲ ଦରିଆ ମେ ଡାଲ' ନ୍ୟାୟରେ ସୂଚନା ସ୍ତମ୍ଭଟି ମଧୁବନ ମିନିଷ୍ଟାଡିୟମ ବାହ୍ୟ ପ୍ରାଚୀର ପାର୍ଶ୍ୱରେ ପଡି ରହିଥିବା ଜଣାପଡିଛି। ଖଣ୍ଡପଡ଼ା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଓ ନୟାଗଡ ଅଧିକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସଂପର୍କରେ ଖଣ୍ଡପଡା ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ଗଣେଶ ପୂଜାକୁ ନେଇ ଥାନା ପକ୍ଷରୁ ପ୍ରସ୍ତୁତି

କାକଟପୁର(ନିପ୍ର): ଆଗାମୀ ସାଧାରଣ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳା, ସଦଭାବନା ଏବଂ ଭାଇଚାରା ମଧ୍ୟରେ ପାଳନ କରିବା ପାଇଁ କାକଟପୁର ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ପରିସରରେ ଆୟୋଜିତ ଏହି ବୈଠକରେ ଅଞ୍ଚଳର ବିଭିନ୍ନ ଗଣେଶ ପୂଜା କମିଟିର କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ବୈଠକରେ ପୂଜା ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତିପୂର୍ଣ୍ଣ ଭସାଣି ଶୋଭାଯାତ୍ରା ଏବଂ ପ୍ରଶାସନିକ କଟକଣା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବିଶେଷ କରି ରାତିରେ ଡିଜେ ବାଜା ବ୍ୟବହାର ଏବଂ ସରକାରୀ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## କୁଚିଣ୍ଡା ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା




କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର କୁଚିଣ୍ଡା ସାମ୍ବାଦିକ ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ଦିନେଶ କୁମାର ନନ୍ଦଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ବିଗତ ଦୁଇ ବର୍ଷରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ,ଅଚଳ ହୋଇ ପଡିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଫିସକୁ ଖୋଲିବା ସହ ନୂତନ ଭାବେ ସୂଚନା ଅଧିକାରୀଙ୍କ ନିଯୁକ୍ତି କରାଇବାରେ ସାମ୍ବାଦିକ ସଂଘର ପ୍ରମୁଖ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ପରେ ଆଗାମୀ ଦୁଇ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ବରିଷ୍ଠ ସାମ୍ବାଦିକ ବିରଞ୍ଚି ଦର୍ଜୀ ଓ ସୁଧିର କୁମାର ମହାନ୍ତି ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ଜିଲ୍ଲା ଉପସଭାପତି ସତୀଶ କୁମାର ମିଶ୍ର ଯୋଗଦେଇଥିଲେ। ସଂଘରେ ମତଭେଦ,ବିଦ୍ୱେଷକୁ ଭୁଲି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ନିର୍ବାଚନ ନକରି ସର୍ମବସମ୍ମତିକ୍ରମେ ମନୋନୟନ ପଦ୍ଧତିରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଦିନେଶ କୁମାର ନନ୍ଦ ସଭାପତି, ପ୍ରଶାନ୍ତ ଶର୍ମା ଓ ହୃଦୟ ଚନ୍ଦ୍ର ପଟେଲ ଉପସଭାପତି, ରିଙ୍କୁ କୁସୁମ ସାଧାରଣ ସମ୍ପାଦକ,ଅଦିତ କୁମାର ପଣ୍ଡା ସମ୍ପାଦକ ଓ ସୁଧିର କୁମାର ମହାନ୍ତି କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସଭାପତି ପ୍ରଭାତ ବେହେରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିକାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ଶର୍ମା, ଅମୂଲ୍ୟ ମିଶ୍ର, ଜୟ କିଶୋର ମହାପାତ୍ର,ତପନ ଦାଶ, ଦେବେନ୍ଦ୍ର ବେହେରା, ତନୟ ମହାପାତ୍ର, ସୌମ୍ୟରଞ୍ଜନ ଧଳ,ଲିପୁନଚାନ୍ଦ ସାହୁ,ରଞ୍ଜିତ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ସତ୍ୟଜିତ ପ୍ରଥମ: ଜିଲ୍ଲାସ୍ତରକୁ ମନୋନୀତ

ନିମାପଡ଼ା,(ନି.ପ୍ର.): ନିମାପଡ଼ା ମଣ୍ଡଳ ସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ସ୍ଥାନୀୟ ପ୍ରାକ୍ଟିସିଂ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ୨୮ ଜଣ ଛାତ୍ରଛାତ୍ରୀ 'ଭାରତର ଶକ୍ତି ସଂପଦ-୨୦୪୭: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରତ୍ୟେକ ଛାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅତିଥିମାନଙ୍କୁ ମତାମତ ନେଇ ନିଜର କ୍ୟାରିୟର ଗଠନ ଦିଗରେ ଉପାଦେୟ ତଥ୍ୟ ହାସଲ କରିଥିଲେ। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ଼ଃ ରବୀନ୍ଦ୍ର ନାଥ ପାଢ଼ୀ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧାପକ ଶ୍ରୀମନ୍ତ ମହାପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ କୃତୀ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ର ସତ୍ୟଜିତ ଦଳବେହେରା ମାର୍ଗଦର୍ଶକ ଶିକ୍ଷକ ସମୀର ଦାଶଙ୍କ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସତ୍ୟଜିତ ପୁରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା, ପରିଚାଳନା କମିଟି ସଦସ୍ୟ ବୃନ୍ଦ, ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସତ୍ୟଜିତଙ୍କୁ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ସୁନାମ ଆଣିବା ପାଇଁ ଆର୍ଶୀବାଦ ପ୍ରଦାନ କରିଥିବା ବିଦ୍ୟାଳୟ ସୂତ୍ରରୁ ପ୍ରକାଶ ।

## ବିଦ୍ୟୁତ ବିଭାଗର ଜାତୀୟ ଲୋକ ଅଦାଲତ

କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା ମାଲୁଦ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ ବିଭାଗ ତରଫରୁ ଜାତୀୟ ଲୋକ ଅଦାଲତ ହୋଇଯାଇଛି। ଏହି ଅଦାଲତରେ ମୋଟ ୮୪ ଜଣ ବିଦ୍ୟୁତ ଗ୍ରାହକ ଯୋଗ ଦେଇ ନିଜର ଅସୁବିଧାକୁ ଉପସ୍ଥାପନା କରିଥିଲେ। ମାଲୁଦ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ବିଦ୍ୟୁତ ଚୋରି କରୁଥିବା ଅଭିଯୋଗରେ ୩୫୦ ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ସେମାନଙ୍କ ଅସାଧୁ କାର୍ଯ୍ୟ କଳାପ ଯୋଗୁଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହି ସମ୍ବନ୍ଧୀୟ ମାମଲାର ସମାଧାନ ପାଇଁ ଜାତୀୟ ସ୍ତରରେ ଏକ ଲୋକ ଅଦାଲତ ହୋଇଯାଇଛି। ଏଥିରେ ଛତ୍ରପୁର ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ପତ୍ର, ରମ୍ଭା ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଣ୍ଡା ଯୋଗ ଦେଇ ଜୋରିମାନା ବାବଦରେ ୫ ଲକ୍ଷ ୯୧ ହଜାର ଟଙ୍କା ଆଦାୟ କରିଛନ୍ତି। ଏଥିରେ ମାଲୁଦ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, କର୍ମଚାରୀ ପ୍ରଶାନ୍ତ କୁମାର ଦାସ ପୁର୍ନେନ୍ଦୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ତିଥି :(ତୃତୀୟା): (ଗଣେଶ ଚତୁର୍ଥୀ ବ୍ରତ )
ଅମୃତ ବେଳା: ପ୍ରାତଃ ୭।୧୩ ରୁ ମଧ୍ୟେ ୧୦।୨୫ ଗତେ

## ଆଜିର ଅନୁଚିନ୍ତନ

ଅନନ୍ୟ ଭକ୍ତି ସମ୍ପନ୍ନ ଜ୍ଞାନୀ ଭକ୍ତଙ୍କର ମୁଁ ଅତି ପ୍ରିୟ।
- ଶ୍ରୀମଦ୍ ଭଗବଦ୍ ଗୀତା

# ନୂଆ ବାଟ ଫିଟାଇବ !

ପଶ୍ଚିମ ଏସିଆରେ ଦୀର୍ଘଦିନ ହେବ ସଂଘର୍ଷ ଓ ଯୁଦ୍ଧ ଜାରି ରହିବା ଫଳରେ ବିଶ୍ୱ ଉପରେ ତୈଳଠୁ ଆରମ୍ଭ କରି ନାନା ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ଚାପ ବଢ଼ିଥିବାରୁ, ଏଥିରେ ବିଶ୍ୱବାସୀ ସନ୍ତୁଳି ହେଉଛନ୍ତି। ତାହାରି ଭିତରେ ନୂଆଦିଲ୍ଲୀରେ ଶେଷ ହୋଇଛି ଅଷ୍ଟାଦଶତମ ବ୍ରିକ୍ସ ଶିଖର ସମ୍ମିଳନୀ। ସଂଘର୍ଷ, ଉତ୍ତେଜନା ମଧ୍ୟରେ ପାରସ୍ପରିକ ମନୋମାଳିନ୍ୟ ବିଶେଷ କରି ଇରାନ, ସାଉଦି ଆରବ ଓ ୟୁଏଇକୁ ଏକାଠି କରାଇ ଆଲୋଚନା ପରିସର ସୃଷ୍ଟି କରିବା ଭାରତ ପକ୍ଷେ କିଛି କମ୍ କଥା ନ ଥିଲା। ଏବଂ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ କରାଇବା ଅନ୍ତର୍ଜାତୀୟ ସ୍ତରରେ ଖୁବ ଗୁରୁତ୍ୱ ରଖେ। ତା'ଛଡ଼ା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ପାରସ୍ପରିକ ମନୋମାଳିନ୍ୟ ବିଶେଷ କରି ଇରାନ,ସାଉଦି ଆରବ ଓ ୟୁଏଇକୁ ଏକାଠି କରାଇ ଆଲୋଚନା ପରିସର ସୃଷ୍ଟି କରିବା ଭାରତ ପକ୍ଷେ କିଛି କମ୍ କଥା ନ ଥିଲା ଏବଂ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ କରାଇବା ଖୁବ୍ ଗୁରୁତ୍ୱ ରଖେ।

ତା'ଛଡ଼ା ସବୁଠୁ ମହତ୍ତ୍ୱପୂର୍ଣ୍ଣ ଯେ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଇ ପାରୁଥିବା ଭଳି ଘୋଷଣାନାମାରେ ବ୍ରିକ୍ସ ରାଷ୍ଟ୍ରଙ୍କୁ ସହମତ କରାଇବାରେ ଏକ ବଡ କୂଟନୀତିକ ସଫଳତା ହାସଲ ହୋଇଛି। ଆତଙ୍କବାଦ ବିରୋଧରେ ଶୂନ ସହନଶୀଳତା ହେଉ କି ବିଭିନ୍ନ ସଂଘର୍ଷ ଓ ବିବାଦର ଆପୋସ ସମାଧାନ ପାଇଁ ମିଳିତ ଉଦ୍ୟମ ହେଉଥିବା ସଂଘର୍ଷର ମୂଳକାରଣ ସମୂହ ସମାଧାନ କରିବାକୁ ପ୍ରତିରୋଧାତ୍ମକ କୂଟନୀତିର ପ୍ରୟୋଗ ହେଉ ଅବା ଆଇଏଏଫ, ଡବଲୁଟିଓ ଭଳି ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକରେ ବିକାଶଶୀଳ ଦେଶଗୁଡ଼ିକରେ ପ୍ରତିନିଧିତ୍ୱ ବୃଦ୍ଧି ହେଉ, ଏସବୁରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସମର୍ଥନ ଅର୍ଥାତ୍ ଘୋଷଣାନାମାରେ ସହମତି ଭିନ୍ନ ଭିନ୍ନ ଜାତୀୟ ଦୃଷ୍ଟିକୋଣ ପ୍ରତି ବାଧା ନ ପହଞ୍ଚାଇବ ଉଲ୍ଲେଖର ବିଷୟ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ ବିବୃତି ଯେ ଏବେ ଯେକୌଣସି ସଂକଟ ଆଉ ସ୍ଥାନୀୟ ହୋଇ ରହୁନାହିଁ। ଏହା ପରୋକ୍ଷରେ ଅନ୍ତର୍ଜାତୀୟ ସ୍ତର ପ୍ରଭାବିତ ହେଉଥିବା ଦିଗକୁ ହିଁ ଇଙ୍ଗିତ କରେ।


ସମ୍ମିଳନୀ ଅବସରରେ ଶ୍ରୀ ଜିନପିଙ୍ଗ ଓ ଶ୍ରୀ ମୋଦି ଆଲୋଚନାର ନିଷ୍କର୍ଷ ଉପରେ ଥିଲା ସାରା ବିଶ୍ୱର ନଜର। ବ୍ରିକ୍ସ ଦେଶ ଶାନ୍ତି ସ୍ଥାପନାର ଭୂମିକା ଗ୍ରହଣ କରୁ ବୋଲି ଜିନପିଙ୍ଗ କହିଲେ,ଯାହା ଭାରତର ଆଭିମୁଖ୍ୟ ମଧ୍ୟ। ମୋଦିଙ୍କ ବିଶ୍ୱ ଶାସନର ସଂସ୍କାର ନିମନ୍ତେ ୧୦ ସୂତ୍ରୀ ପ୍ରସ୍ତାବର ଗ୍ରହଣୀୟତା ତହିଁରେ ସ୍ୱରକୁ ଶୁଣାଯାଉର ବାର୍ତ୍ତା, ସମ୍ମିଳନୀ ଅନ୍ତିମ ଦିନରେ ଟ୍ରମ୍ପଙ୍କ ଟାରିଫ ବିରୋଧରେ ଅଲିଖିତ ଆଲୋଚନା ଆଗକୁ ନୂଆ ବାଟ ଫିଟାଇବ ବୋଲି ଆଶା। କାରଣ ଶ୍ରୀ ମୋଦିଙ୍କ କହିବାନୁସାରେ ଯେ କୌଣସି ସଂକଟ ଆଉ କ୍ଷେତ୍ରୀୟ ହୋଇ ରହିନାହିଁ, ଏକ ବଡ ଆହ୍ୱାନ ପାଲଟିଛି।

# ବିଘ୍ନନାଶକ

**ଅନୀତା ପଟ୍ଟନାୟକ**

**'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା'**

ଗଣେଶ ପୂଜା ଉପଲକ୍ଷେ ପିଲାମାନଙ୍କୁ ମୁଁ କିଛି କୁହେ। ମୁଁ ସେମାନଙ୍କୁ କହିଲି ମୁଁ କହିବା ଅପେକ୍ଷା ତୁମେମାନେ କୁହ। ଗୌରୀ କହିଲା ଗଣେଶଙ୍କର ହାତୀ ମୁଣ୍ଡ ଓ ବକ୍ରତୁଣ୍ଡ ବୁଝାଉଛି ଯେ ପଶୁତ୍ୱ + ମାନବତ୍ୱ ହେଉଛି ଏହି ମଣିଷ। ନନ୍ଦିନୀ କହିଲା ଗଣେଶ ହାତୀର ମୁଣ୍ଡ ଧାରଣ କରିଛନ୍ତି କାରଣ ହାତୀ ବୁଦ୍ଧିମାନ, ସାହସୀ, ବଳଶାଳୀ, ପଥପ୍ରଦର୍ଶକ, ଯୋଦ୍ଧା ରାଜକୀୟ ଓ ଦଳବଦ୍ଧତାର ପ୍ରତୀକ। ତେଣୁ ମଣିଷ ଜ୍ଞାନ ହେଉଛି ପଶୁତ୍ୱ। ମନୁଷ୍ୟ + ଜ୍ଞାନ = ଗଣେଶ। ଦେବୀ କହିଲା ଗଣେଶ ଚତୁର୍ଥୀରେ ଗଣେଶଙ୍କର କେତେକ ନାମକୁ ମନନ କରିବା ଉଚିତ। ଯଥା ଗଣେଶ, ଅଗ୍ରପୂଜ୍ୟ, ସୂପକର୍ଣ୍ଣ, ଗଜାନନ, ଲମ୍ବୋଦର, ଶିବନନ୍ଦନ, ପାର୍ବତୀ ନନ୍ଦନ, ଗୌରୀ ନନ୍ଦନ, ମୂଷିକ ବାହନ, ହେରମ୍ବ ଓ ବକ୍ରତୁଣ୍ଡ। ଗଣେଶ ପୂଜା ଦିନ, ଗଣେଶ ସୂଚନା ଦିଅନ୍ତି ଯେ ଆମେ



ଗୋଟିଏ ସୂର୍ଯ୍ୟଙ୍କୁ ଖୋଲା ଆଖିରେ ଚାହିଁ ପାରିବା ନାହିଁ। ଆଖି ଆପେ ଆପେ ବୁଜି ହୋଇଯିବ। ସେ କୋଟିଏ ସୂର୍ଯ୍ୟର ସମାହାର ଓ ବିରାଟକାୟ। ତାଙ୍କୁ ଦେଖିବା କିପରି ? ଆଖି ବନ୍ଦ କରି ଅନ୍ତର ମଧ୍ୟରେ ଦିବ୍ୟଚକ୍ଷୁ ମାଧ୍ୟମରେ ଗଣେଶଙ୍କର ଦର୍ଶନ କରିହୁଏ। ଉର୍ବୀ କହିଲା ଭଗବାନ ଗଣେଶ ଯେଉଁ ପକ୍ଷପାତିତା କରିଛନ୍ତି ତାହା ମତେ ଭଲ ଲାଗୁନାହିଁ। ଆମକୁ ବିଜ୍ଞାନ ସାର କହୁଥିଲେ। ଖଣିଜ ପଦାର୍ଥରୁ ବୃକ୍ଷଲତା, ଗୁଳ୍ମର ସୃଷ୍ଟି ଓ ସେମାନଙ୍କ ଠାରୁ ପଶୁ ପକ୍ଷୀ ସୃଷ୍ଟି। ଏହାକୁ ଡାରଓ୍ୱିନଙ୍କ ବିବର୍ତ୍ତନବାଦ କୁହାଯାଏ। ମଞ୍ଜିଟିଏ ପୋତିଲେ ସେ ଜଳ, ପବନ, ମାଟିର ସଂସ୍ପର୍ଶରେ ଆସି ଆପେ ଆପେ ବୃକ୍ଷରେ ପରିଣତ ହୁଏ। ବୃକ୍ଷରେ ଆପେ ଆପେ ଫୁଲଫଳ ହୁଏ। ଫଳରେ ମଞ୍ଜି ସୃଷ୍ଟି ହୁଏ।

ମଞ୍ଜି ସବୁ ମାଟିରେ ପଡ଼ି ପୁଣି ବୃକ୍ଷରେ ପରିଣତ ହୁଏ। ମଞ୍ଜିକୁ ବୃକ୍ଷରେ ପରିଣତ ହେବା ପାଇଁ ତାର ଚାହିଁବା ବା ନ ଚାହିଁବା ସ୍ୱାଧୀନତା ଦିଆଯାଇ ନାହିଁ। ପଶୁ ମାନଙ୍କୁ ସେହିପରି ବଢ଼ିବାର ସ୍ୱାଧୀନତା ଦିଆଯାଇଛି। ସେମାନେ ଚାହାଁନ୍ତୁ ବା ନ ଚାହାଁନ୍ତୁ କିନ୍ତୁ ମନୁଷ୍ୟକୁ ଏପରି ସ୍ୱାଧୀନତା ଦିଆଯାଇନାହିଁ। ସେ ମାନବରୁ ମାଧବ ହେବା ପାଇଁ ହେଲେ ତାକୁ ଚେଷ୍ଟା କରିବାକୁ ହୁଏ। ସାହାସୀ, ଯୋଦ୍ଧା ହେବାକୁ ହୁଏ। ବୁଦ୍ଧିମାନ ହେବାକୁ ହୁଏ। ଗଣେଶ ପଥପ୍ରଦର୍ଶକ ସାଜନ୍ତି ବଳବଦ୍ଧତାର ପାଠ ପଢ଼ାନ୍ତି। ଏକତ୍ୱ ହିଁ ଦୈବତ୍ୱ ଏହା ଶିକ୍ଷା ଦିଅନ୍ତି।

ଜାନକୀ କହିଲା ପ୍ରକୃତରେ ଗଣେଶ ପୂଜା ଧାରାବାହିକ ହେବା ଉଚିତ ନୁହେଁ। ଆମେ ଧରି ନେବା ଉଚିତ ନୁହେଁ ଯେନତେନ ପ୍ରକାରେଣ ଚାନ୍ଦା ଆଦାୟ କରି ମଉଜ ମଜଲିସକରି, ଡିଜେ ବଜାଇ ବିଶୃଙ୍ଖଳ ଆଚରଣ କରି ଗଣେଶଙ୍କୁ ବିସର୍ଜନ କରିଦେଲେ ଗଣେଶ ପୂଜାର ଶେଷ ହୋଇଯାଏ ନାହିଁ। ଆମ ମାନଙ୍କୁ ଚେଷ୍ଟା କରିବାକୁ ହେବ ଅଧ୍ୟବସାୟ କରିବାକୁ ହେବ। ମାନବତ୍ୱରୁ ମାଧବତ୍ୱରେ ପହଞ୍ଚାଇବାକୁ ହେଲେ ସେଥିପାଇଁ ଚେଷ୍ଟା କରିବାକୁ ହେବ କାରଣ ଆମେ ମଞ୍ଜି ନୁହେଁ ବା ପଶୁ ନୁହେଁ। ବାଧ୍ୟ ହୋଇ ମତେ ସମୀକ୍ଷକ ହେବାକୁ ପଡ଼ିଲା ଉର୍ବୀ ଉଠାଇଥିବା ପକ୍ଷପାତିତା ବିଷୟରେ ମତେ ବୁଝାଇବାକୁ ପଡ଼ିଥିଲା। ମୁଁ କହିଲି ଗଣେଶ ଭଗବାନ କୌଣସି ପକ୍ଷପାତିତା କରିନାହାଁନ୍ତି ମଣିଷକୁ ଭଗବାନ ଇଚ୍ଛାଶକ୍ତି ଦେଇଛନ୍ତି ମାନବରୁ ମାଧବରେ ପରିଣତ ହେବ ପାଇଁ। ସେ ଆମ ମଧ୍ୟରେ ବିଦ୍ୟମାନ ରହି ଏପରି ଶକ୍ତିକୁ ପରିଚାଳନା କରିଛନ୍ତି। ଏପରି ଆପେ ଆପେ ହୁଏନା କି ସମୟକ୍ରମେ ହୋଇନଥାଏ ଏଥିପାଇଁ ଦରକାର ହୁଏ ବୁଦ୍ଧି, ସାହାସିକତା, ଏକତ୍ୱ ଭାବ ଇତ୍ୟାଦି ଇତ୍ୟାଦି। ଜୀବନର ଶେଷ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଯୁଦ୍ଧ କରିବାକୁ ହେବ।

ଦୂରଭାଷ : ୯୬୯୨୯୮୦୦୨୬

# ବିଶ୍ୱ ମଞ୍ଚରେ ଭାରତର ନୂଆ ପଦଚିହ୍ନ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

**"ବିଶ୍ୱ ରାଜନୀତିରେ ଭାରତର ଶକ୍ତି କେବଳ ତାହାର ବିଶାଳ ଜନସଂଖ୍ୟା, ବଢ଼ୁଥିବା ଅର୍ଥନୀତି କିମ୍ବା ସାମରିକ କ୍ଷମତାରେ ନୁହେଁ; ଭାରତର ପ୍ରକୃତ ଶକ୍ତି ହେଉଛି ତାହାର ଗଣତାନ୍ତ୍ରିକ ପରମ୍ପରା, ବହୁତ୍ୱବାଦୀ ସମାଜ, ଶାନ୍ତିର ପରମ୍ପରା, ବିକାଶଶୀଳ ଦେଶମାନଙ୍କ ସମସ୍ୟାକୁ ବୁଝିବାର କ୍ଷମତା ଏବଂ ସମସ୍ତଙ୍କ ସହିତ ସମ୍ପର୍କ ରଖିବାର କୂଟନୈତିକ ଦକ୍ଷତା। ବ୍ରିକ୍ସରେ ଭାରତକୁ ଏହି ସବୁ ଶକ୍ତିକୁ ଏକାଠି କରି ଏକ ନୂଆ ଦିଗ ଦେଖାଇବାକୁ ହେବ । ବିଶ୍ୱର ଅନେକ ଦେଶ ଆଜି ଯୁଦ୍ଧ, ଖାଦ୍ୟ ସଙ୍କଟ, ଶକ୍ତି ସଙ୍କଟ, ରଣଭାର, ଜଳବାୟୁ ପରିବର୍ତ୍ତନ ଓ ଅସମାନତାର ଚାପରେ ରହିଛନ୍ତି। ଏପରି ସମୟରେ ବ୍ରିକ୍ସ ଯଦି କେବଳ ଘୋଷଣା କରି ଥମିଯାଏ, ତେବେ ତାହାର ଐତିହାସିକ ଗୁରୁତ୍ୱ କମିଯିବ ।**

ବିଶ୍ୱ ରାଜନୀତିର ଦିଗ ବଦଳୁଛି, ଅର୍ଥନୀତିର କେନ୍ଦ୍ର ବଦଳୁଛି, ଶକ୍ତିର ସମୀକରଣ ବଦଳୁଛି ଏବଂ ଏହି ବଦଳୁଥିବା ପରିସ୍ଥିତିରେ ଭାରତର ଭୂମିକା ଆଜି ପୂର୍ବାପେକ୍ଷା ଅଧିକ ଗୁରୁତ୍ୱ ପାଇଛି । ବ୍ରିକ୍ସ ସମ୍ମିଳନୀ ଏହି ପରିବର୍ତ୍ତନର ଏକ ବଡ଼ ପ୍ରତୀକ । ବ୍ରାଜିଲର ରିଓ ଦେ ଜାନେଇରୋରେ ୨୦୨୫ ମସିହାରେ ଅନୁଷ୍ଠିତ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ବିଶ୍ୱ ଦକ୍ଷିଣର ସହଯୋଗ, ଅଧିକ ସମାବେଶୀ ବିଶ୍ୱ ଶାସନ, ଜଳବାୟୁ ପରିବର୍ତ୍ତନ, ଅର୍ଥନୈତିକ ସହଯୋଗ, ସ୍ୱାସ୍ଥ୍ୟ, କୃତ୍ରିମ ବୁଦ୍ଧିମତ୍ତା ଓ ବିଶ୍ୱ ଶାସନ ବ୍ୟବସ୍ଥାର ସଂସ୍କାର ଭଳି ଅନେକ ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହି ସମ୍ମିଳନୀର ଘୋଷଣାପତ୍ରରେ ୧୨୬ଟି ପ୍ରତିବଦ୍ଧତା ସାମିଲ ହୋଇଥିଲା ଏବଂ ୨୦୨୬ରେ ଭାରତର ଅଧ୍ୟକ୍ଷତାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା ।

ଏହା କେବଳ ଏକ ଆନ୍ତର୍ଜାତିକ ସମ୍ମିଳନୀର ଘଟଣା ନୁହେଁ; ଏହା ଭାରତ ପାଇଁ ନିଜର ଚିନ୍ତାଧାରା, ନିଜର ପ୍ରାଥମିକତା ଓ ନିଜର ବିଶ୍ୱଦୃଷ୍ଟିକୁ ଆହୁରି ସ୍ପଷ୍ଟ କରିବାର ଏକ ଐତିହାସିକ ସୁଯୋଗ । ବ୍ରିକ୍ସ ଆଜି ଆଉ କେବଳ କିଛି ଉଦୀୟମାନ ଅର୍ଥନୀତିର ମଞ୍ଚ ନୁହେଁ; ଏହା ବିଶ୍ୱ ଦକ୍ଷିଣର ସ୍ୱରକୁ ଏକାଠି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହୋଇଉଠୁଛି। ଏହି ପରିବର୍ତ୍ତନର ମଧ୍ୟରେ ଭାରତର ଦାୟିତ୍ୱ ମଧ୍ୟ ବଢ଼ିଛି । ଆମ ପାଇଁ ଏହା ଗର୍ବର ବିଷୟ ଯେ ଭାରତ ଏପରି ଏକ ମଞ୍ଚର ନେତୃତ୍ୱ ନେବାର ସୁଯୋଗ ପାଉଛି, କିନ୍ତୁ ଏହି ଗର୍ବ ସହିତ ଦାୟିତ୍ୱକୁ ମଧ୍ୟ ବୁଝିବା ଦରକାର । ବିଶ୍ୱ ରାଜନୀତିରେ ଭାରତର ଶକ୍ତି କେବଳ ତାହାର ବିଶାଳ ଜନସଂଖ୍ୟା, ବଢ଼ୁଥିବା ଅର୍ଥନୀତି କିମ୍ବା ସାମରିକ କ୍ଷମତାରେ ନୁହେଁ; ଭାରତର ପ୍ରକୃତ ଶକ୍ତି ହେଉଛି ତାହାର ଗଣତାନ୍ତ୍ରିକ ପରମ୍ପରା, ବହୁତ୍ୱବାଦୀ ସମାଜ, ଶାନ୍ତିର ପରମ୍ପରା, ବିକାଶଶୀଳ ଦେଶମାନଙ୍କ ସମସ୍ୟାକୁ ବୁଝିବାର କ୍ଷମତା ଏବଂ ସମସ୍ତଙ୍କ ସହିତ ସମ୍ପର୍କ ରଖିବାର କୂଟନୈତିକ ଦକ୍ଷତା। ବ୍ରିକ୍ସରେ ଭାରତକୁ ଏହି ସବୁ ଶକ୍ତିକୁ ଏକାଠି କରି ଏକ ନୂଆ ଦିଗ ଦେଖାଇବାକୁ ହେବ । ବିଶ୍ୱର ଅନେକ ଦେଶ ଆଜି ଯୁଦ୍ଧ, ଖାଦ୍ୟ ସଙ୍କଟ, ଶକ୍ତି ସଙ୍କଟ, ରଣଭାର, ଜଳବାୟୁ ପରିବର୍ତ୍ତନ ଓ ଅସମାନତାର ଚାପରେ ରହିଛନ୍ତି। ଏପରି ସମୟରେ ବ୍ରିକ୍ସ ଯଦି କେବଳ ଘୋଷଣା କରି ଥମିଯାଏ, ତେବେ ତାହାର ଐତିହାସିକ ଗୁରୁତ୍ୱ କମିଯିବ । ଘୋଷଣାକୁ କାର୍ଯ୍ୟରେ ପରିଣତ କରିବା ହିଁ ଏବେ ସବୁଠାରୁ ବଡ଼ ପରୀକ୍ଷା । ବିଶେଷକରି ବିଶ୍ୱ ଅର୍ଥବ୍ୟବସ୍ଥାରେ ଅଧିକ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱର ପ୍ରଶ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବ୍ରିକ୍ସ ଘୋଷଣାପତ୍ରରେ ଆନ୍ତର୍ଜାତିକ ଅନୁଷ୍ଠାନଗୁଡ଼ିକରେ ଉନ୍ନତ ପ୍ରତିନିଧିତ୍ୱ ଓ ସଂସ୍କାରର ଆବଶ୍ୟକତା ଉପରେ ଜୋର ଦିଆଯାଇଛି । ଏହି ପ୍ରସଙ୍ଗରେ ଭାରତର ସ୍ୱର ଯେତେ ଦୃଢ଼ ହେବ, ବିଶ୍ୱ ଦକ୍ଷିଣର ସ୍ୱର ସେତେ ଶକ୍ତିଶାଳୀ ହେବ । କିନ୍ତୁ ଏଠାରେ ଏକ କଥା ସ୍ପଷ୍ଟ ହେବା ଦରକାର—ବ୍ରିକ୍ସ କୌଣସି ଦେଶ ବିରୋଧୀ ମଞ୍ଚ ହେବା ଉଚିତ ନୁହେଁ । ଭାରତର ବିଦେଶନୀତିର ମୂଳ ଶକ୍ତି ହେଉଛି ସନ୍ତୁଳନ । ଭାରତ ସମସ୍ତ ପ୍ରମୁଖ ଶକ୍ତି ସହିତ ସମ୍ପର୍କ ରଖି ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ କରିଆସିଛି । ତେଣୁ ବ୍ରିକ୍ସ ମଧ୍ୟରେ ଭାରତର ଭୂମିକା ହେବା ଉଚିତ ସେତୁ ନିର୍ମାଣର, ଭିନ୍ନତା ବଢ଼ାଇବାର ନୁହେଁ। ବିଶ୍ୱ ଅର୍ଥନୀତିରେ ନୂଆ ଅବସର ସୃଷ୍ଟି, ପରସ୍ପର ବାଣିଜ୍ୟ ବୃଦ୍ଧି, ନୂଆ ପ୍ରଯୁକ୍ତିର ଆଦାନପ୍ରଦାନ, ଖାଦ୍ୟ ଓ ଶକ୍ତି ସୁରକ୍ଷା, ସ୍ୱାସ୍ଥ୍ୟ ସହଯୋଗ ଏବଂ ଯୁବପିଢ଼ି ପାଇଁ ନୂଆ ସୁଯୋଗ—ଏହି ସବୁ କ୍ଷେତ୍ରରେ ବ୍ରିକ୍ସକୁ ଫଳପ୍ରଦ କରିବା ଆବଶ୍ୟକ। ୨୦୨୫ର ଆଲୋଚନାରେ ଅର୍ଥ, ବାଣିଜ୍ୟ, ଖାଦ୍ୟ ସୁରକ୍ଷା ଓ ବିଶ୍ୱ ଅର୍ଥବ୍ୟବସ୍ଥାର ସଂସ୍କାର ଭଳି ବିଷୟ ମଧ୍ୟ ଗୁରୁତ୍ୱ ପାଇଥିଲା । ଭାରତ ପାଇଁ ଏହାର ଅର୍ଥ ହେଉଛି—ଆମର କୃଷକ, ଛୋଟ ବ୍ୟବସାୟୀ, ଶିଳ୍ପ, ଯୁବ ଉଦ୍ୟୋଗୀ ଓ ନୂଆ ପିଢ଼ିର ପ୍ରତିଭାମାନେ ଏହି ସହଯୋଗର ପ୍ରତ୍ୟକ୍ଷ ଲାଭ ପାଇବା ଦରକାର । ଆନ୍ତର୍ଜାତିକ ସମ୍ମିଳନୀର ସଫଳତା କେବଳ ନେତାମାନଙ୍କ ଆଲୋଚନା କିମ୍ବା ଘୋଷଣାରେ ମାପିହେବ ନାହିଁ; ତାହାର ପ୍ରକୃତ ମାପଦଣ୍ଡ ହେଉଛି ସାଧାରଣ ମଣିଷର ଜୀବନରେ ଆସୁଥିବା




ପରିବର୍ତ୍ତନ । ଯଦି ବ୍ରିକ୍ସ ଦେଶମାନଙ୍କ ସହଯୋଗରେ ଭାରତୀୟ ଉତ୍ପାଦ ପାଇଁ ନୂଆ ବଜାର ଖୋଲେ, ଭାରତୀୟ ଯୁବକଙ୍କ ପାଇଁ ନୂଆ ଚାକିରି ଓ ଉଦ୍ୟୋଗ ସୁଯୋଗ ତିଆରି ହୁଏ, ଭାରତୀୟ କୃଷକଙ୍କ ଉତ୍ପାଦ ପାଇଁ ନୂଆ ଚାହିଦା ସୃଷ୍ଟି ହୁଏ ଏବଂ ନୂଆ ପ୍ରଯୁକ୍ତି ସହଜରେ ଉପଲବ୍ଧ ହୁଏ, ତେବେ ତାହାକୁ ହିଁ ସଫଳତା କୁହାଯିବ । ଆଜିର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ଏକ ନିର୍ଣ୍ଣାୟକ ଶକ୍ତି ହୋଇଉଠିଛି । ବ୍ରିକ୍ସ ଆଲୋଚନାରେ ଏହି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ମିଳିଛି । ଭାରତ ପାଇଁ ଏଠାରେ ଅପାର ସୁଯୋଗ ରହିଛି । ଆମର ଯୁବ ପ୍ରତିଭା, ବିଜ୍ଞାନୀ, ପ୍ରଯୁକ୍ତିବିଦ୍ ଓ ଉଦ୍ୟୋଗୀମାନେ ବିଶ୍ୱ ସହିତ ମିଶି ନୂଆ ସମାଧାନ ତିଆରି କରିପାରିବେ । କିନ୍ତୁ ପ୍ରଯୁକ୍ତିର ବିକାଶ ସହିତ ନୀତି, ସୁରକ୍ଷା ଓ ମାନବିକ ମୂଲ୍ୟବୋଧକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ । ଜଳବାୟୁ ପରିବର୍ତ୍ତନର ପ୍ରଶ୍ନ ମଧ୍ୟ ଭାରତ ପାଇଁ ଅତ୍ୟନ୍ତ ଗୁରୁତର । ଜଳବାୟୁ ସଙ୍କଟର ଭାର ଗରିବ ଓ ବିକାଶଶୀଳ ଦେଶମାନେ ଅଧିକ ବହନ କରୁଛନ୍ତି । ତେଣୁ ଜଳବାୟୁ ନ୍ୟାୟର ପ୍ରଶ୍ନକୁ ବିଶ୍ୱ ମଞ୍ଚରେ ଦୃଢ଼ତାର ସହ ଉଠାଇବା ଭାରତର ଦାୟିତ୍ୱ । ଏହି ଦାୟିତ୍ୱ କେବଳ କୂଟନୈତିକ ଭାଷଣରେ ସୀମିତ ରହିଲେ ଚଳିବ ନାହିଁ; ଦେଶ ଭିତରେ ମଧ୍ୟ ସ୍ୱଚ୍ଛ ଶକ୍ତି, ଜଳ ସୁରକ୍ଷା, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶରେ ଆମକୁ ଆହୁରି ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ ।

ଭାରତର ବ୍ରିକ୍ସ ନେତୃତ୍ୱର ଆଉ ଏକ ବଡ଼ ପରୀକ୍ଷା ହେବ ଭିନ୍ନ ଦେଶର ଭିନ୍ନ ହିତକୁ ଏକାଠି କରିବା । ସମସ୍ତ ସଦସ୍ୟ ଦେଶର ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମାନ ନୁହେଁ । ମତଭେଦ ରହିବ, ହିତରେ ପାର୍ଥକ୍ୟ ରହିବ, କିନ୍ତୁ ସହଯୋଗର ସମ୍ଭାବନାକୁ ମତଭେଦର ଛାୟାରେ ହରାଇବା ଉଚିତ ନୁହେଁ। ଭାରତର କୂଟନୈତିକ ପରମ୍ପରା ଏଠାରେ ଉପଯୋଗୀ ହୋଇପାରେ। ଆଲୋଚନା, ସମ୍ମାନ, ସମାନତା ଓ ସହମତିର ଆଧାରରେ ଆଗକୁ ବଢ଼ିବା ହିଁ ଭାରତର ଶ୍ରେଷ୍ଠ ପଥ । ବ୍ରିକ୍ସକୁ ଯଦି ବିଶ୍ୱ ଦକ୍ଷିଣର ଆଶାର ମଞ୍ଚ କରିବାକୁ ହୁଏ, ତେବେ ତାହାକୁ ଗରିବ ଦେଶମାନଙ୍କ ସ୍ୱର ଶୁଣିବାକୁ ହେବ । ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ଶକ୍ତି, ଚାକିରି ଓ ପ୍ରଯୁକ୍ତି—ଏହି ସବୁ ହେଉଛି ସାଧାରଣ ଲୋକଙ୍କ ପ୍ରକୃତ ଚିନ୍ତା । ବଡ଼ ରାଷ୍ଟ୍ରମାନଙ୍କ ଶକ୍ତି ପ୍ରଦର୍ଶନ ଠାରୁ ବଡ଼ କଥା ହେଉଛି ଛୋଟ ଓ ବିକାଶଶୀଳ ଦେଶମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା। ଏହି ଦୃଷ୍ଟିରୁ ଭାରତର ଅଧ୍ୟକ୍ଷତା ଏକ ସୁଯୋଗ ମଧ୍ୟ, ଏକ ପରୀକ୍ଷା ମଧ୍ୟ । ସୁଯୋଗ—କାରଣ ଭାରତ ନିଜର ଦୃଷ୍ଟିକୋଣକୁ ବିଶ୍ୱ ମଞ୍ଚରେ ଆଗକୁ ନେଇପାରିବ; ପରୀକ୍ଷା—କାରଣ କଥାକୁ କାର୍ଯ୍ୟରେ ପରିଣତ କରିବାର ଦାୟିତ୍ୱ ଏବେ ଅଧିକ । ଆମେ ଆଶା କରିବା ଉଚିତ ଯେ ଭାରତ ବ୍ରିକ୍ସକୁ କେବଳ ଶକ୍ତିର ମଞ୍ଚ ନୁହେଁ, ବରଂ ସହଯୋଗର ମଞ୍ଚରେ ପରିଣତ କରିବ। ଏପରି ଏକ ମଞ୍ଚ, ଯେଉଁଠାରେ ଉନ୍ନତିର ଅଧିକାର, ଶାନ୍ତିର ଆବଶ୍ୟକତା, ପରିବେଶର ସୁରକ୍ଷା ଓ ସମାନ ସୁଯୋଗର ଦାବିକୁ ଗୁରୁତ୍ୱ ମିଳିବ । ଭାରତର ସ୍ୱାର୍ଥ ଓ ବିଶ୍ୱ ଦକ୍ଷିଣର ସ୍ୱାର୍ଥ ଅନେକ କ୍ଷେତ୍ରରେ ପରସ୍ପର ସଂପୃକ୍ତ । ତେଣୁ ଭାରତ ଯଦି ନିଜର ବିକାଶ ଅନୁଭବ, ପ୍ରଯୁକ୍ତି କ୍ଷମତା, ଗଣତାନ୍ତ୍ରିକ ଅଭିଜ୍ଞତା ଓ କୂଟନୈତିକ ଦକ୍ଷତାକୁ ବିଶ୍ୱ ଦକ୍ଷିଣର ସାମୂହିକ ଉନ୍ନତି ସହିତ ଯୋଡ଼ିପାରେ, ତେବେ ବ୍ରିକ୍ସରେ ଭାରତର ନେତୃତ୍ୱ ଏକ ନୂଆ ଅଧ୍ୟାୟ ଲେଖିପାରିବ । ଆଜି ବିଶ୍ୱ ଭାରତକୁ କେବଳ ଏକ ବଡ଼ ଦେଶ ଭାବେ ଦେଖୁନାହିଁ; ଭାରତକୁ ଏକ ଦାୟିତ୍ୱଶୀଳ ଶକ୍ତି ଭାବେ ଦେଖୁଛି । ଏହି ବିଶ୍ୱାସକୁ ଅଟୁଟ ରଖିବା ଆମର ଦାୟିତ୍ୱ । ବ୍ରିକ୍ସ ସମ୍ମିଳନୀର ଆଲୋକରେ ଭାରତ ପାଇଁ ସବୁଠାରୁ ବଡ଼ ବାର୍ତ୍ତା ହେଉଛି—ବିଶ୍ୱ ନେତୃତ୍ୱ କେବଳ ଶକ୍ତିରେ ମିଳେ ନାହିଁ, ବିଶ୍ୱାସରେ ମିଳେ; କେବଳ ଭାଷଣରେ ମିଳେ ନାହିଁ, କାର୍ଯ୍ୟରେ ମିଳେ । ଆଜି ଭାରତ ପାଖରେ ସେହି ବିଶ୍ୱାସ ଅର୍ଜନ କରିବାର ସୁଯୋଗ ଅଛି। ଆମକୁ ଏମିତି ଏକ ବ୍ରିକ୍ସ ଗଢ଼ିବାକୁ ହେବ, ଯାହା ବିଭାଜନର ନୁହେଁ, ସଂଯୋଗର ପ୍ରତୀକ ହେବ; ପ୍ରତିସ୍ପର୍ଦ୍ଧାର ନୁହେଁ, ସହଯୋଗର ପ୍ରତୀକ ହେବ; କେବଳ ବଡ଼ ଦେଶର ଆକାଂକ୍ଷାର ନୁହେଁ, ସାଧାରଣ ମଣିଷର ଆଶାର ପ୍ରତିନିଧି ହେବ । ଏହି ହେଉ ଭାରତର ଲକ୍ଷ୍ୟ, ଏହି ହେଉ ଭାରତର ବାର୍ତ୍ତା ଏବଂ ଏହି ହେଉ ଆସନ୍ତା ବିଶ୍ୱ ବ୍ୟବସ୍ଥାରେ ଭାରତର ଗୌରବମୟ ପଦଚିହ୍ନ।

ମୋ: ୯୪୩୭୯୯୪୩୭୯

# ବ୍ରିକ୍ସ ଓ ଗ୍ରୁପ-୭ : ଏକ ତୁଳନାତ୍ମକ ଆଲୋଚନା

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

**"ବିଶ୍ୱ ଅର୍ଥନୀତି ଏବଂ ରାଜନୈତିକ କ୍ଷମତାର ନିୟନ୍ତ୍ରଣକୁ ନେଇ ଗ୍ରୁପ - ୭ ଓ ବ୍ରିକ୍ସ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ରହିଛି। ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର ନେତୃତ୍ୱରେ ପରିଚାଳିତ ଜି-୭ ଗୋଷ୍ଠୀ ବହୁ ବର୍ଷ ଧରି ବିଶ୍ୱର ଆର୍ଥିକ ବ୍ୟବସ୍ଥା ଉପରେ ନିଜର ପ୍ରଭାବ ବଜାୟ ରଖିଛନ୍ତି। ବ୍ରିକ୍ସ ସଂଗଠନ ବିଶ୍ୱ ବ୍ୟବସ୍ଥାରେ ପାଶ୍ଚାତ୍ୟ ପ୍ରଭାବ ହ୍ରାସ ସହ ଏକ ବହୁମୁଖୀ ବିଶ୍ୱ ଶୃଙ୍ଖଳା ଗଠନ କରିବାକୁ ଚାହୁଁଛି । ଡଲାର ଉପରେ ନିର୍ଭରଶୀଳତା କମାଇବା ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ବିଶ୍ୱ ସ୍ତରରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ବ୍ରିକ୍ସର ମୁଖ୍ୟ ଉଦ୍ଦେଶ୍ୟ। ଜନସଂଖ୍ୟା ଏବଂ କ୍ରୟ ଶକ୍ତି ଆଧାରରେ ବ୍ରିକ୍ସର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଜି-୭ ର ପାରମ୍ପରିକ ପ୍ରାଧାନ୍ୟ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିବାରେ ଲାଗିଛି। ଭବିଷ୍ୟତ ସମୟ କହିବ।**

ଭାରତରେ ଅଷ୍ଟାଦଶ ଦ୍ୱିଦିବସୀୟ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜିତ ହେଉଛି। ଏଥିରେ ଏହାର ଏଗାର ସ୍ଥାୟୀ ସଭ୍ୟ ଦେଶ - ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଅଫ୍ରିକା, ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ, ୟୁଏଇ ଏବଂ ଇଣ୍ଡୋନେସିଆ; ସହଯୋଗୀ ଦେଶ - ବେଲାରୁଷ, ବଲିଭିଆ, କାଜକିସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ତାନ ଏବଂ ଭିଏତନାମ; ସ୍ୱତନ୍ତ୍ର ଆମନ୍ତ୍ରିତ ଦେଶ - ଫିଲିପାଇନ୍ସ, ବୁରୁଣ୍ଡି, ଉରୁଗୁଏ ଏବଂ ବାହାରିନ ଓ ଆଉଟରିଚ ଆମନ୍ତ୍ରିତ ଅତିଥି - ମିଳିତ ଜାତିସଂଘ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଂଗଠନ ଏବଂ ନ୍ୟୁ ଡେଭଲପମେ□ ବ୍ୟାଙ୍କ ପ୍ରମୁଖ ଯୋଗଦାନ କରୁଛନ୍ତି। ପ୍ରାରମ୍ଭରେ ଚାରିଗୋଟି ଦେଶକୁ ନେଇ ଗଠିତ ବ୍ରିକର ପ୍ରଥମ ସଭା ୨୦୦୬ ମସିହାରେ ଓ ପ୍ରଥମ ଶିଖର ସମ୍ମିଳନୀ ୨୦୦୯ ମସିହାରେ ଅନୁଷ୍ଠିତ ହୋଇଥିଲା। ୨୦୧୦ ମସିହାରେ ଦକ୍ଷିଣ ଆଫ୍ରିକାର ଯୋଗଦାନ ପରେ ଏହା ବ୍ରିକ୍ସ ନାମରେ ନାମିତ ହେଲା। ୨୦୨୪ ମସିହାରେ ଏହାର ଦ୍ୱିତୀୟ ସମ୍ପ୍ରସାରଣ ହୋଇଥିଲା। ଛଅଗୋଟି ଦେଶ ସ୍ଥାୟୀ ସଦସ୍ୟତା ଗ୍ରହଣ କରିଥିଲେ। ୨୦୨୫ ମସିହାରେ ଇଣ୍ଡୋନେସିଆ ବ୍ରିକ୍ସରେ ଯୋଗ ଦେଇଥିଲା। ବିକାଶଶୀଳ ଦେଶସବୁ ମୁଖ୍ୟତଃ ବ୍ରିକ୍ସର ସଦସ୍ୟ। ବ୍ରିକ୍ସ ତୁଳନାରେ ଜି-୭ ଏକ ପୁରୁଣା ସଂଗଠନ। ଆମେରିକା, ଇଂଲଣ୍ଡ, ଜାପାନ ଇଟାଲୀ, ଜର୍ମାନୀ ଏବଂ ଫ୍ରାନ୍ସ ଭଳି ବିକଶିତ ଦେଶକୁ ନେଇ ୧୯୭୫ ମସିହାରେ ଏହା ଗଠିତ। ୧୯୭୬ ଦ୍ୱିତୀୟ ଶିଖର ସମ୍ମିଳନୀ ସମୟରେ କାନାଡ଼ା ଜି-୭ ରେ ଯୋଗ ଦେଇଥିଲା। ପରବର୍ତ୍ତୀ ବର୍ଷଠାରୁ ୟୁରୋପୀୟ ସଂଘ ଜି-୭ ସଭାମାନଙ୍କରେ ଯୋଗଦାନ କରିବାକୁ ଲାଗିଲା। ୧୯୯୮ ରୁ ୨୦୧୪ ପର୍ଯ୍ୟନ୍ତ ରୁଷିଆ ମଧ୍ୟ ଏହାର ସଦସ୍ୟ ଥିଲା। ୨୦୧୪ ରେ ତାକୁ ସଂଗଠନରୁ ନିଲମ୍ବନ କରାଯାଇଥିଲା। ଏହି ସଂଘ ପ୍ରଥମେ ଜି-୬, ପରେ ଜି-୭ ଓ ଜି-୮ ଏବଂ ଏବେ ପୁଣି ଜି-୭ ଭାବେ ପରିଚିତ। ଏହି ସଂଗଠନର ସମସ୍ତ ସଦସ୍ୟ ବିକଶିତ ରାଷ୍ଟ୍ର ଅଟନ୍ତି। ଉଭୟ ବ୍ଲକ ବର୍ଷକୁ ଥରେ ତାଙ୍କର ଶିଖର ସମ୍ମିଳନୀ ଆୟୋଜନ କରିଥାନ୍ତି। ସଦସ୍ୟ ରାଷ୍ଟ୍ର ଆବର୍ତ୍ତନ ଭିତ୍ତିରେ ଏଥିରେ ଅଧ୍ୟକ୍ଷତା କରିଥାନ୍ତି। ବ୍ରିକ୍ସ ଏବଂ ଜି-୭ ବିଶ୍ୱର ଦୁଇଟି ଅର୍ଥନୈତିକ ସଂଗଠନ। ଉଭୟ ମେଣ୍ଟ ପ୍ରାୟ ସମାନ ଶକ୍ତିଶାଳୀ। ଏମାନଙ୍କୁ ସବୁବେଳେ ପରସ୍ପର ସହ ତୁଳନା କରାଯାଇଥାଏ। ବିଶ୍ୱ ଅର୍ଥନୀତି ଉପରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏହି ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଥାଏ। ଗୋଟିଏ ପଟେ ପ୍ରାଚ୍ୟର ଦ୍ରୁତ ଗତିରେ ବଢ଼ୁଥିବା ବିକାଶଶୀଳ ରାଷ୍ଟ୍ରର ଏକ ସମୂହ; ଅନ୍ୟ ପଟେ ପାଶ୍ଚାତ୍ୟ ଜଗତର ବିକଶିତ ଦେଶମାନଙ୍କର ଏକ ଗୋଷ୍ଠୀ। ବ୍ରିକ୍ସ ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକ, ଗ୍ଲୋବାଲ ସାଉଥ୍‌ର ସ୍ୱର ସାଜିଛି। ପକ୍ଷାନ୍ତରେ ଜି-୭ ପାଶ୍ଚାତ୍ୟ ଦେଶଗୁଡ଼ିକର ଆଧିପତ୍ୟକୁ ଦର୍ଶାଉଛି। ଆମେରିକୀୟ ଡଲାରର ପ୍ରଭାବକୁ କମ କରିବା ପାଇଁ ବ୍ରିକ୍ସ ନିଜର ଏକ ପୃଥକ ବ୍ୟବସ୍ଥା ଗ୍ରହଣ କରିଛି। ଏକ ନ୍ୟୁ ଡେଭଲପମେଣ୍ଟ ବ୍ୟାଙ୍କ ତିଆରି କରିଛି। ବ୍ରିକ୍ସର ନବଗଠିତ ବ୍ୟାଙ୍କ ଜି-୭ ର ବିଶ୍ୱ ବ୍ୟାଙ୍କକୁ ଚ୍ୟାଲେଞ୍ଜ କରୁଛି। ପ୍ରତିଯୋଗିତା ଚାଲିଛି। କ୍ଷେତ୍ରଫଳ, ଜନସଂଖ୍ୟା, ସେନା, ପରମାଣୁ ଶକ୍ତି, ତୈଳ ଉତ୍ପାଦନ ଏବଂ ଦୁର୍ଲଭ ଖଣିଜ ପଦାର୍ଥ ଆଦି




କ୍ଷେତ୍ରରେ ଜି-୭ ଅପେକ୍ଷା ବ୍ରିକ୍ସର ସ୍ଥିତି ଖୁବ ଭଲ। ବ୍ରିକ୍ସ ଦେଶମାନଙ୍କ ସମୂହ କ୍ଷେତ୍ରଫଳ ଜି -୭ ରାଷ୍ଟ୍ରମାନଙ୍କ ମିଳିତ କ୍ଷେତ୍ରଫଳର ଦୁଇଗୁଣ, ଯଥାକ୍ରମେ ୪.୭୭ ଓ ୨.୧୧ ବର୍ଗ କିଲୋମିଟର। ବିଶ୍ୱର ଦୁଇଜଣରୁ ଜଣେ ବ୍ରିକ୍ସ ଦେଶର। ଏହାର ଜନସଂଖ୍ୟା ୪୦୦ କୋଟି। କିନ୍ତୁ ଜି-୭ ସଂଗଠନ ଦେଶମାନଙ୍କର ୮୦ କୋଟି, ପାଞ୍ଚ ଭାଗରୁ ଭାଗେ। ସେନା କ୍ଷେତ୍ରରେ ଜି-୭ ବ୍ରିକ୍ସ ଅପେକ୍ଷା ଢେର ପଛୁଆ। ବ୍ରିକ୍ସ ରାଷ୍ଟ୍ର ସମୂହର ସୈନିକ ସଂଖ୍ୟା ୭୦.୬୧ ଲକ୍ଷ ଥିବାବେଳେ ଜି-୭ ପାଖେ ମାତ୍ର ୨୪ ଲକ୍ଷ ସୈନିକ ଉପଲବ୍ଧ। ଚୀନ, ଭାରତ ଓ ରୁଷିଆର ସୈନ୍ୟ ସଂଖ୍ୟା ଯଥାକ୍ରମେ ୨୦, ୧୪.୭୫ ଓ ୧୧ ଲକ୍ଷ। ବ୍ରିକ୍ସ ସଭ୍ୟ ଦେଶମାନଙ୍କ ମଧ୍ୟରୁ ଚୀନ, ରୁଷିଆ ଏବଂ ଭାରତ ପରମାଣୁ ଶକ୍ତି ସମ୍ପନ୍ନ ଦେଶ। ତାଙ୍କ ପାଖରେ ୬୨୩୦ ପରମାଣୁ ଅସ୍ତ୍ର ରହିଛି। ଆମେରିକା, ଇଂଲଣ୍ଡ ଓ ଫ୍ରାନ୍ସ ଜି-୭ ସଂଗଠନର ପରମାଣୁ ଶକ୍ତି ସମ୍ପନ୍ନ ଦେଶ। ତାଙ୍କ ପାଖେ ୫୬୩୭ ପରମାଣୁ ଅସ୍ତ୍ର ଅଛି ଯାହା ବ୍ରିକ୍ସ ତୁଳନାରେ କମ। ବିଶ୍ୱର ନଅଗୋଟି ବଡ଼ ତୈଳ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରୁ ସାଉଦି ଆରବ, ରୁଷିଆ, ଚୀନ, ଇରାନ, ବ୍ରାଜିଲ ଓ ୟୁଏଇ ବ୍ରିକ୍ସର ସଦସ୍ୟ । ବିଶ୍ୱର ୩୮.୬% ତେଲ ଏହି ଛଅଗୋଟି ଦେଶରେ ଉତ୍ପାଦିତ ହୋଇଥାଏ। ଜି-୭ ମେଣ୍ଟର ଆମେରିକା ଓ କାନାଡ଼ା ତୈଳ ଉତ୍ପାଦନ କରନ୍ତି। ଚୀନ ଏବଂ ଭାରତର ତୈଳ ବିଶୋଧନ କ୍ଷମତା ବିଶ୍ୱରେ ସର୍ବାଧିକ। ବିଶ୍ୱର ୮୦% ରୁ ଅଧିକ ଦୁର୍ଲଭ ଖଣିଜ ପଦାର୍ଥ କେବଳ ଚୀନ ପାଖରେ ରହିଛି। ଦୁର୍ଲଭ ଖଣିଜ ଦ୍ରବ୍ୟ ଇଲେକ୍ଟ୍ରୋନିକ, ଇଲେକ୍ଟ୍ରିକ ଗାଡ଼ି, ପ୍ରତିରକ୍ଷା ଉପକରଣ ଇତ୍ୟାଦି ଉତ୍ପାଦନରେ ବ୍ୟବହୃତ ହୋଇଥାଏ। ଏକ୍ଷେତ୍ରରେ ବ୍ରିକ୍ସ ଜି- ୭ ଅପେକ୍ଷା ଆଗରେ ରହିଛି। ଜିଡ଼ିପିରେ କିନ୍ତୁ ଜି-୭ ବ୍ରିକ୍ସ ତୁଳନାରେ ଖୁବ ଅଗ୍ରଣୀ। ଅନ୍ତର୍ଜାତୀୟ ମୁଦ୍ରା କୋଷର ତଥ୍ୟ ଅନୁଜସୟୀ ବ୍ରିକ୍ସ ଦେଶ ସମୂହର ଜିଡ଼ିପି ୩୫ ଟ୍ରିଲିୟନ ଡଲାର ରହିଥିବା ବେଳେ ଜି-୭ ର ଜିଡ଼ିପି ୫୫.୩୨ ଟ୍ରିଲିୟନ ଡ଼ଲାର। ବିଶ୍ୱ ବ୍ୟାପାରରେ ବ୍ରିକ୍ସର ୨୬% ଭାଗିଦାରୀ ରହିଛି। ପ୍ରାକୃତିକ ଗ୍ୟାସ ଉତ୍ପାଦନରେ ବ୍ରିକ୍ସର ଯୋଗଦାନ ୩୬% ଥିବାବେଳେ କୋଇଲା ଉତ୍ପାଦନରେ ୭୮.୨% ରହିଛି। ୨୦୦୩ ମସିହାରେ ବ୍ରିକ୍ସ ସଦସ୍ୟ ଦେଶ ପରସ୍ପର ୮୪ ବିଲିୟନ ଡ଼ଲାରର ବ୍ୟାପାର କରିଥିଲେ ଯାହା ୨୦୨୪ ବେଳକୁ ୧.୧୭ ଟ୍ରିଲିୟନ ଡଲାରକୁ ଛୁଇଁଥିଲା। ବିଶ୍ୱର ବୈଦେଶିକ ମୁଦ୍ରା ଭଣ୍ଡାରର ୫୬% ଆମେରିକୀୟ ଡଲାର ଏବଂ ୨୦% ୟୁରୋପିୟ ସଂଘର ୟୁରୋ। ବିଶ୍ୱ ଅର୍ଥନୀତି ଏବଂ ରାଜନୈତିକ କ୍ଷମତାର ନିୟନ୍ତ୍ରଣକୁ ନେଇ ଗ୍ରୁପ - ୭ ଓ ବ୍ରିକ୍ସ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ରହିଛି। ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକର ନେତୃତ୍ୱରେ ପରିଚାଳିତ ଜି-୭ ଗୋଷ୍ଠୀ ବହୁ ବର୍ଷ ଧରି ବିଶ୍ୱର ଆର୍ଥିକ ବ୍ୟବସ୍ଥା ଉପରେ ନିଜର ପ୍ରଭାବ ବଜାୟ ରଖିଛନ୍ତି। ବ୍ରିକ୍ସ ସଂଗଠନ ବିଶ୍ୱ ବ୍ୟବସ୍ଥାରେ ପାଶ୍ଚାତ୍ୟ ପ୍ରଭାବ ହ୍ରାସ ସହ ଏକ ବହୁମୁଖୀ ବିଶ୍ୱ ଶୃଙ୍ଖଳା ଗଠନ କରିବାକୁ ଚାହୁଁଛି । ଡଲାର ଉପରେ ନିର୍ଭରଶୀଳତା କମାଇବା ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ବିଶ୍ୱ ସ୍ତରରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ବ୍ରିକ୍ସର ମୁଖ୍ୟ ଉଦ୍ଦେଶ୍ୟ। ଜନସଂଖ୍ୟା ଏବଂ କ୍ରୟ ଶକ୍ତି ଆଧାରରେ ବ୍ରିକ୍ସର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଜି-୭ ର ପାରମ୍ପରିକ ପ୍ରାଧାନ୍ୟ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିବାରେ ଲାଗିଛି। ଭବିଷ୍ୟତ ସମୟ କହିବ।

ସମ୍ବଲପୁର, ମୋ- ୭୯୭୮୨୮୩୧୯୦

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ
## ୧୭ ହଜାର ୧୫୬ ମାମଲାର ସମାଧାନ

କଟକ,୧୩।୯(ନିପ୍ର);ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସର ଏବଂ ତାଲୁକ ସ୍ତରରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କର ମୋକଦମାଗୁଡିକ ଫଏସଲା କରାଇଥିଲେ । କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ମାନସ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ମୋକଦମାର ଫଏସଲା କରାଇଥିଲେ । ଏହି ଲୋକ ଅଦାଲତରେ ମୋଟ ୪୩୨୨୫ ମୋକଦମାରୁ ସମୁଦାୟ ୧୭୧୫୬ଟି ମକୋଦମାର ଫଏସଲା କରାଯାଇଥିଲା ଏବଂ ୪୧ କୋଟି ୯୦ ଲକ୍ଷ ୧୧ ହଜାର ୪୭୩ ଟଙ୍କା ଜରିମାନା ଓ ଅନୁକମ୍ପା ମୂଳକ ରାଶି ସ୍ଥିରୀକୃତ କରାଯାଇଥିଲା । ଏହି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଜନିତ ମୋକଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ୍ ଅଧିନିୟମ ଜନିତ ମକଦମା, ଚେକ୍ ବାଉଁସ୍, ରାଜସ୍ୱ ଓ ପ୍ରାକ୍ ବିବାଦୀୟ ଜନିତ ମୋକଦମା ଯଥା ରଫାଯୋଗ୍ୟ ଟ୍ରାଫିକ ଚାଲାଣ ଓ ଟଙ୍କା ଉଧାର ମୋକଦମା ଇତ୍ୟାଦିର ଫଏସଲା କରାଯାଇଥିଲା । ଏହି ଲୋକ ଅଦାଲତକୁ ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ ଜଗଦୀଶ ଚନ୍ଦ୍ର ଜେନା, ପରିଚାଳନା କରିଥିଲେ ।

## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ, ଗ୍ରାହକ ହନ୍ତସନ୍ତ

ରାୟଗଡା,୧୩।୯ (ନିପ୍ର); ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମ୍‌କୁ ନେଇ ମତଭେଦ ସମେତ ବିଭିନ୍ନ ଦାବି ପୂରଣ ହୋଇନଥିବା ପ୍ରତିବାଦରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଦିନିକିଆ ଧର୍ମଘଟଡାକରା ଦିଆଯାଇଛି। ଏହାର ପ୍ରଭାବ ଗୁଣପୁର ସମେତ ରାୟଗଡା ଜିଲ୍ଲାର ସମସ୍ତ ଜାତୀୟକରଣ ବ୍ୟାଙ୍କ ଗୁଡିକରେ ମଧ୍ୟ ପରିଲକ୍ଷିତ ହୋଇଛି। ଗୁଣପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ଦାବି ନେଇ ପ୍ରତିବାଦ କରିଥିଲେ। ଧର୍ମଘଟ ଯୋଗୁଁ ବ୍ୟାଙ୍କର ସାଧାରଣ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଫଳରେ ଟଙ୍କା ଜମା, ଉଠାଣ ସମେତ ବିଭିନ୍ନ ବ୍ୟାଙ୍କିଂ କାର୍ଯ୍ୟ ପାଇଁ ଆସିଥିବା ଗ୍ରାହକମାନେ ହନ୍ତସନ୍ତ ହୋଇଥିଲେ। ଦୂରଦୂରାନ୍ତରୁ ବ୍ୟାଙ୍କ କାମରେ ଆସିଥିବା ଅନେକ ଗ୍ରାହକ କାର୍ଯ୍ୟ ନହୋଇ ନିରାଶ ହୋଇ ଫେରିବାକୁ ବାଧ୍ୟ ହୋଇଥିଲେ। ଧର୍ମଘଟରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘ, ବ୍ୟାଙ୍କ ଅଫ ବାରଦା, ୟୁନିୟନ ବ୍ୟାଙ୍କ, ଇଣ୍ଡିୟାନ ବ୍ୟାଙ୍କ, କେପିଜି ବ୍ୟାଙ୍କ ସଂଘର କର୍ମଚାରୀ ମାନେ ଧର୍ମଘଟରେ ସାମିଲ ଥିଲେ। ସୂଚନାଯୋଗ୍ୟ, ବ୍ୟାଙ୍କରେ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଲାଗୁ ହୋଇନଥିବାରୁ କର୍ମଚାରୀମାନେ ଆନ୍ଦୋଳନ ପନ୍ଥା ଆପଣାଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଶନିବାର ଛୁଟି ରହିବା ଦାବି ରହିଛି। ଅନ୍ୟପକ୍ଷରେ, ଶୁକ୍ରବାର ଧର୍ମଘଟ ପରେ ମାସର ଦ୍ୱିତୀୟ ଶନିବାର, ରବିବାର, ଗଣେଶ ପୂଜା ଅବସରରେ ସୋମବାର ଏବଂ ନୂଆଖାଇ ପାଇଁ ମଙ୍ଗଳବାର ବ୍ୟାଙ୍କ ଛୁଟି ରହିବାରୁ ଲଗାତାର ପାଞ୍ଚ ଦିନ ଧରି ବ୍ୟାଙ୍କିଂ ସେବା ପ୍ରଭାବିତ ହେବା ଆଶଙ୍କା ରହିଛି।

## ସାମ୍ବାଦିକଙ୍କ ବିୟୋଗ: ପ୍ରେସକ୍ଲବର ଶ୍ରଦ୍ଧାଞ୍ଜଳି

ବେଲଗୁଣ୍ଠା,୧୩।୯ (ନିପ୍ର): ଗଞ୍ଜାମ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ଉପସଭାପତି ତଥା ଶେରଗଡ଼ ଆଞ୍ଚଳିକ ସାମ୍ବାଦିକ ସଙ୍ଘର ଉପଦେଷ୍ଟା ଇଂ ଦେବୀ ପ୍ରସାଦ ଦାଶ (କୋକ) (୪୨)ଙ୍କ ଅକାଳ ବିୟୋଗରେ ବେଲଗୁଣ୍ଠା ପ୍ରେସକ୍ଲବରେ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱର୍ଗତ ଦେବୀ ପ୍ରସାଦ ଦାଶଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦାଶ ଜଣେ ନିଷ୍ଠାବାନ, ପରୋପକାରୀ ଏବଂ ସଂଗଠକ ଭାବେ ବେଶ



ଜଣାଶୁଣା ଥିଲେ, ତାଙ୍କର ଅକାଳ ବିୟୋଗରେ ସଙ୍ଘର ଅପୂରଣୀୟ କ୍ଷତି ଘଟିଲା ବୋଲି ଉପସ୍ଥିତ ସାମ୍ବାଦିକ ମାନେ ମତବ୍ୟକ୍ତ କରିବା ସହ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ତାଙ୍କ ପରିବାରକୁ ତୁରନ୍ତ ସହାୟତା ପ୍ରଦାନ ନିମନ୍ତେ ଦାବି କରିଥିଲେ । ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ ବିଷୋୟୀ, ମାଧବ ଆପଟ, ସୁର୍ଯ୍ୟନାରାୟଣ ତ୍ରିପାଠୀ, ସୁଶାନ୍ତ ବେହେରା, ନାରାୟଣ ପଣ୍ଡା, ଶିବରାମ ଚୌଧୁରୀ, କୃଷ୍ଣ ଚନ୍ଦ୍ର ପଟନାୟକ, ପଞ୍ଚାନନ ସାହୁ, ସୁଧାଂଶୁ ବିଷୋୟୀ, ପ୍ରଦୀପ ଚୌଧୁରୀ, ତୋଫାନ ସାହୁ, ଚନ୍ଦନ ସାହୁ, ବିଭୂପାଦ ଜେନା, ମନୋଜ ପାତ୍ର, ସୁରେଶ ସୁବୁଦ୍ଧି, ପଞ୍ଚାନନ ନାୟକ, ସଦାଶିବ ପାଣିଗ୍ରାହୀଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ଗୁଣଗାନ କରିଥିଲେ।

## ଷୋଳ ପୂଜା ପୂର୍ବରୁ ସରିବ କି କଟକ ଚଣ୍ଡୀ ମନ୍ଦିର କାମ ?

କଟକ,୧୩।୯ (ନିପ୍ର) : ଷୋଳ ପୂଜା ପୂର୍ବରୁ ଚଣ୍ଡୀ ମନ୍ଦିର କାମ ସରିବା ନେଇ ଅନିଶ୍ଚିତତା । ଅସନ୍ତୋଷ ଝାଡ଼ିଲେ ପୂଜକ ଓ ଶ୍ରଦ୍ଧାଳୁ। ପାଖେଇ ଆସୁଛି ଶାରଦୀୟ ଦୁର୍ଗା ପୂଜା। କଟକ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ନେଇ ଦିନ ଗଡ଼ି ଚାଲିଛି। ଯାହାକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି ପୂଜକ। କୋଟି କୋଟି ଟଙ୍କାର ମନ୍ଦିର ନିର୍ମାଣ ହେଲା। ମାତ୍ର ଏବେବି ମନ୍ଦିରରୁ ପାଣି ଝରୁଛି। ଚଣ୍ଡୀ ପୂଜା ସମୟରେ ଯଜ୍ଞ ପୂଜା ହେବା ବିଧି ରହିଛି। ହେଲେ ଯଜ୍ଞ ବେଦି କାର୍ଯ୍ୟ ସରିପାରିନି। ମନ୍ଦିର ପାର୍ଶ୍ୱ ଦେବଦେବୀ ଏପର୍ଯ୍ୟନ୍ତ ମନ୍ଦିରରେ ସ୍ଥାପନ ହୋଇନାହାନ୍ତି। ମନ୍ଦିରର ଆର୍ଥିଂ କାମ ସହ ଦଧିନଉତି କାମ ସରିଛି। ହେଲେ ମନ୍ଦିର ଅଗ୍ର ଭାଗରେ ଏପର୍ଯ୍ୟନ୍ତ ପତାକା ଲଗିପରିନାହିଁ। ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଓବିସିସି କେବେ ସାରି ହସ୍ତାନ୍ତର କରିବ ତାକୁ ନେଇ ଅନିଶ୍ଚିତତା ଲାଗିରହିଛି। ବର୍ଷେ କି ଦୁଇବର୍ଷ ନୁହେଁ ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ତିନି ବର୍ଷ ହେଲା ଚାଲିଛି। ଏହାରି ଭିତରେ ସ୍ଥାନୀୟ ସାଂସଦ, ବିଧାୟିକ ଥରକୁ ଥର ମନ୍ଦିର ପରିଦର୍ଶନରେ ଆସି ନିର୍ମାଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି। ବହୁବାର କାମ ସରିବା ନେଇ ତାରିଖ ଘୋଷଣା କରାଯାଇଛି। ହେଲେ, ପଦ୍ମ ଘୁଂଚି ଘୁଂଚି ଗଲା ପରି ଚଣ୍ଡୀ ମନ୍ଦିର ନିର୍ମାଣ କାର୍ଯ୍ୟ ଘୁଞ୍ଚି ଘୁଞ୍ଚି ଚାଲିଛି। ସେପଟେ ଅକ୍ଟୋବର ପ୍ରଥମ ସପ୍ତାହ ଭିତରେ କାମ ସାରି ହସ୍ତାନ୍ତର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ଆସିକା ସମବାୟ ଚିନିଶିଳ୍ପ ଏନ୍‌ଏମ୍‌ଆର କର୍ମଚାରୀଙ୍କ ଆନ୍ଦୋଳନ

ଆସିକା,୧୩।୯(ନିପ୍ର);ଆସିକା ସମବାୟ ଚିନିଶିଳ୍ପ ଏନଏମଆର କର୍ମଚାରୀଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ୩ ଦଫା ଦାବି ନେଇ ଏହି ଆନ୍ଦୋଳନ ହୋଇଛି। ୨୦୧୦ ଠାରୁ ଆସିକା ସମବାୟ ଚିନିଶିଳ୍ପରେ ୯୯ ଜଣ କର୍ମଚାରି ନିୟମିତ ଭାବେ ଏନଏମଆର କର୍ମଚାରି ରୁପେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଚିନିଶିଳ୍ପ ଶତାଧିକ କର୍ମଚାରୀ ଦଶ ବର୍ଷ ମଧ୍ୟରେ ଅବସର ନେଇଛନ୍ତି। ଏହି ପଦବି ଦୀର୍ଘଦିନ ଧରି ଖାଲି ରହିଛି। ଫଳରେ ଚିନିଶିଳ୍ପର ବହୁକାର୍ଯ୍ୟ ବନ୍ଦରହିଛି। ବିଶେଷ କରି ଚିନିଶିଳ୍ପରେ ଆଖୁପେଢା ବେଳେ ନାହିଁ ନଥିବା ସମସ୍ୟା ହେଉଛି। ଅନ୍ୟ ପଟେ ଦୀର୍ଘଦିନ ଧରି ଏନଏମଆର କାର୍ଯ୍ୟରତ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ପାଇଁ ଶ୍ରମିକ ଆଇନ୍ ରହିଥିବା ସଙ୍ଗେ ସଙ୍ଗେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କଡା ନିର୍ଦ୍ଦେଶ ଦେଇଛନ୍ତି ଏନଏମଆରଙ୍କୁ । ସ୍ଥାନୀୟ ନିଯୁକ୍ତି ପାଇଁ ଏନଏମଆର ଶ୍ରମିକମାନେ ଏହି ଦାବି ନେଇ ବହୁଦିନ ଧରି ଦାବି କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ , ଶ୍ରମମନ୍ତ୍ରୀ, ସମବାୟ ମନ୍ତ୍ରୀ ରାଜ୍ୟ ସମବାୟ




ରେଜିଷ୍ଟର ସାଙ୍ଗକୁ ଚିନିଶିଳ୍ପ ପରିଚାଳନା ପରିଷଦ, ଚିନିଶିଳ୍ପ ଏମଡିଙ୍କୁ ଗତ ତା ୨୭.୧୧.୨୦୨୫ ଏନଏମଆର ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ୪ ବର୍ଷର ପ୍ରୋତ୍ସାହନ ରାଶି, ଶ୍ରମିକମାନଙ୍କ ପଦୋଉନ୍ନତି ପାଇଁ ଆନ୍ଦୋଳନ। ଏହି ଏକ ତ୍ରିପାକ୍ଷିକ ଚୁକ୍ତି କେ ଫର୍ମ ରେ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ତୁରନ୍ତ ଉକ୍ତ ଦାବି କାର୍ଯ୍ୟ କରିବା ପାଇଁ ହୋଇଥିବା ବେଳେ ଦୀର୍ଘ ୧୦ ମାସ ଧରି ଶ୍ରମିକମାନଙ୍କ ଦାବି କାର୍ଯ୍ୟକରି ହେଲାନାହିଁ। ଶେଷରେ ୨୪.୦୮.୨୦୨୬ ଶ୍ରମିକ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ ପାଇଁ ଚିନିଶିଳ୍ପ ପରିଚାଳନା ପରିଷଦ ଏମଡି ଓ ପ୍ରଶାସନଙ୍କୁ ଏକ ଲିଖିତ ଦାବି ପତ୍ର ଦେଇଥିଲେ। ଚିନିଶିଳ୍ପ ପରିଚାଳନା ପରିଷଦ ପକ୍ଷରୁ କୌଣସି ପଦକ୍ଷେପ ନ ନେବା ଫଳରେ ଶ୍ରମିକ ସଂଘ ପକ୍ଷରୁ ଗତ ତ୧୦.୦୯.୨୦୨୬ ରେ ସମସ୍ତ ଏନଏମଆର କର୍ମଚାରୀମାନେ ସମ୍ପୂର୍ଣ୍ଣ କାର୍ଯ୍ୟବର୍ଜନ କରି ଚିନିଶିଳ୍ପ ମୁଖ୍ୟ ଫାଟକ ନିକଟରେ ଆନ୍ଦୋଳନ କରିଥିଲେ।

ଏହି ଆନ୍ଦୋଳନ ଦ୍ୱାରା ରେଗୁଲାର କର୍ମଚାରୀ ଠିକା କର୍ମଚାରୀଙ୍କୁ ମଧ୍ୟ ଚିନିଶିଳ୍ପ ଭିତରକୁ କାର୍ଯ୍ୟପାଇଁ ଛାଡିନଥିଲେ। ଯାହା ଫଳରେ ଚିନିଶିଳ୍ପର ସମସ୍ତ ଅଫିସ୍ ଓ ଚିନିଶିଳ୍ପ ମଧ୍ୟ ଫ୍ୟାକଟ୍ରିର କାର୍ଯ୍ୟସହ ମଦ ପ୍ରସ୍ତୁତି କମ୍ପାନି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହି ଆନ୍ଦୋଳନରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ବିଶିଷ୍ଟ ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା, ଗଞ୍ଜାମ ଜିଲ୍ଲା ଏଆଇଟିୟୁସି ସମ୍ପାଦକ ଅଳକ ମିଶ୍ର, ସିପିଆଇ ଜିଲ୍ଲା ସମ୍ପାଦକ ଶ୍ରୀବତ୍ସ ରଥ , ସିପିଆଇ ରାଜ୍ୟ ସହ ସମ୍ପାଦକ ପ୍ରକାଶ ପାତ୍ର ସହ ଜିଲ୍ଲାର କୃଷକ ନେତା ରଙ୍କନିଧି ସ୍ୱାଇଁ,ଶିକ୍ଷକ ନେତା ପଞ୍ଚାନନ ସ୍ୱାଇଁ, ଆସିକା ସମବାୟ ଚିନିଶିଳ୍ପ କର୍ମଚାରି ସଂଘର ଉପଦେଷ୍ଟା ଆଇନଜୀବୀ ବିଦେଶୀ ନାୟକ, ଉପସଭାପତି ପ୍ରଦୀପ ସେଠୀ, ଏଆଇଟିୟୁସି ସଭାପତି ପ୍ରଶାନ୍ତ ପାଟ୍ଟ ଯୋସି,ଆସିକା ସମବାୟ ଚିନିଶିଳ୍ପ ଶ୍ରମିକ ନେତା କୈଳାଶ ପଟ୍ଟନାୟକ ଦାମଦର ସିଅ ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନ ବିତି ଯାଇଥିଲେ ମଧ୍ୟ ଶ୍ରମିକମାନଙ୍କର ଏହି ଦାବି ପ୍ରତି କୌଣସି ସମାଧାନର ପନ୍ଥା ବାହାରି ନାହିଁ। ତୁରନ୍ତ ଆସିକା ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ଏମଡି ସାଙ୍ଗକୁ ଜିଲ୍ଲା ଶ୍ରମ ଅଧିକାରୀ ଓ ଜିଲ୍ଲା ସମବାୟ ଅଧିକାରୀ ଆନ୍ଦୋଳନ କର୍ମଚାରିଙ୍କ ସହ ଆଲୋଚନା ପାଇଁ ଦାବି ହେଉଛି।

## 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ଅଭିଯାନରେ ସାମିଲ ହେଲେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ
## 'ପ୍ରକୃତି ମା'କୁ ଭଲ ପାଇବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ'

ବ୍ରହ୍ମପୁର,୧୩।୯ (ନିପ୍ର); ଆମ ସମୁଦ୍ର, ଆମ ବେଳାଭୂମି ଓ ଆମ ପରିବେଶର ସୁରକ୍ଷା ହିଁ ଆମ ଭବିଷ୍ୟତର ସୁରକ୍ଷା। ଏହି ବାର୍ତ୍ତା ନେଇ ଗଞ୍ଜାମର ଗୋପାଳପୁର ବେଳାଭୂମିରେ ଆଜି 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ସପ୍ତାହବ୍ୟାପୀ ଅଭିଯାନର ଶୁଭାରମ୍ଭ ହୋଇଛି। ଅନ୍ତର୍ଜାତୀୟ ବେଳାଭୂମି ଦିବସ




ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ଓ ସ୍ୱଚ୍ଛ ସାଥୀମାନେ ସାମିଲ ହୋଇ ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବାର ବାର୍ତ୍ତା ଦେଇଛନ୍ତି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍ କହିଥିଲେ ଯେ, ସମୁଦ୍ର ଓ ବେଳାଭୂମି କେବଳ ପ୍ରକୃତିର ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ, ଏହା ଆମ ଜୀବନ, ଜୀବିକା ଓ ଭବିଷ୍ୟତ ସହ ଜଡ଼ିତ। ଓଡ଼ିଶାର ପ୍ରାୟ ୫୭୫ କି.ମି. ବେଳାଭୂମି ମଧ୍ୟରୁ ଗଞ୍ଜାମରେ ୬୨.୯ କି.ମି. ବେଳାଭୂମି ରହିଛି। ତେଣୁ ସମୁଦ୍ର ଓ ବେଳାଭୂମିର ସୁରକ୍ଷା କ୍ଷେତ୍ରରେ ଗଞ୍ଜାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରକୃତି ଓ ପରିବେଶର ସୁରକ୍ଷା କେବଳ ଏକ ଅଭିଯାନରେ ସୀମିତ ନ ରହି ଏହା ଆମ ଦୈନନ୍ଦିନ ଜୀବନର ଅଂଶ ହେବା ଦରକାର ବୋଲି ସେ କହିଥିଲେ। ପ୍ରକୃତି ମା'କୁ ଭଲ ପାଇବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ନୀଳ ଅର୍ଥନୀତି, ସୁସ୍ଥ ଓ ସ୍ଥାୟୀ ବିକାଶ, ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ବିକାଶ ତଥା ସାମୁଦ୍ରିକ ଗବେଷଣା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି।

ଏହି ପରିପ୍ରେକ୍ଷୀରେ ଉପକୂଳବର୍ତ୍ତୀ ଅଞ୍ଚଳ ଉପରେ ଗବେଷଣା ପାଇଁ ସରକାର 'ଓମ୍ବ୍ରିକ' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ସାମୁଦ୍ରିକ ଗବେଷଣା ପାଇଁ ଦାୟିତ୍ୱ ଦିଆଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ଘାସ ଓ ଶୈବାଳର ସୁରକ୍ଷା ଏବଂ ବିସ୍ତାର ଉପରେ ଗବେଷଣା କରୁଛି ବୋଲି ସେ ସୂଚନା ଦେଇଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ସ୍ୱାଗତ ଭାଷଣରେ ଜିଲ୍ଲାରେ ପ୍ରତି ମଙ୍ଗଳବାର ଚାଲିଥିବା 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ସମ୍ପର୍କରେ ଆଲୋକପାତ କରିଥିଲେ। 'ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ସହ 'ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର'କୁ ଯୋଡ଼ିବାର ଏହା ଉପଯୁକ୍ତ ସମୟ ବୋଲି ସେ କହିଥିଲେ। ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ଗଞ୍ଜାମ ଗଠନ ପାଇଁ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ସମେତ ସମସ୍ତେ ଆଗେଇ ଆସି ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ନିର୍ଦ୍ଦେଶିକା ପୂଜା ମିଶ୍ର, ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଗୋପାଳପୁର ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ନାହାକଙ୍କ ସମେତ ଆଇଆଇଏସ୍ଇଆର୍, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ, ଗୋପାଳପୁର ଏନ୍ଏସିର ସ୍ୱଚ୍ଛ ସାଥୀ ଓ ଯୁବଗୋଷ୍ଠୀ ଯୋଗ ଦେଇଥିଲେ। ଏହି ଅବସରରେ ଗୋପାଳପୁର ବେଳାଭୂମିରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିବେଶକୁ ପ୍ରଦୂଷିତ ନ କରିବା, ସମୁଦ୍ର ଓ ବେଳାଭୂମିକୁ ସ୍ୱଚ୍ଛ ରଖିବା ଏବଂ ପରିବେଶ ସୁରକ୍ଷା ପାଇଁ ନିଜ ନିଜ ସ୍ତରରେ ସଚେତନତା ସୃଷ୍ଟି କରିବା ନେଇ ସମସ୍ତେ ଶପଥ ନେଇଥିଲେ।

## ଲଦକୁ ଗିରଫ ପ୍ରତିବାଦରେ ନିୟମଗିରି ଡଙ୍ଗରିଆଙ୍କ ଥାନା ଘେରାଉ

ରାୟଗଡା,୧୩।୯ (ନିପ୍ର):ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କୁ ରାୟଗଡା ପୋଲିସ ଗିରଫ କରିବା ଘଟଣାର ପ୍ରତିବାଦରେ ଡାଙ୍ଗରିଆ ମାନେ କଲ୍ୟାଣସିଂହପୁର ଥାନା ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଗିରଫ ଘଟଣା ନିୟମଗିରି ଅଞ୍ଚଳରେ ପ୍ରଚାର ହେବାପରେ କଳାହାଣ୍ଡି ଓ ରାୟଗଡା ଜିଲ୍ଲାର ଆଦିମ ଜନଜାତି ଡଙ୍ଗରିଆ ମାନେ ଏକତ୍ରିତ ହୋଇ ଆଜି ଦିନ ଦୁଇଟା ବେଳେ ହନୁମାନ ମନ୍ଦିର ଠାରୁ ଏକ ପଟୁଆରରେ ବାହାରି ପୋଲିସ ବିରୋଧରେ ନାରା ଦେଇ ଥାନା ନିକଟକୁ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଲଦକୁ ଶୀଘ୍ର ମୁକ୍ତି ପ୍ରଦାନ ପାଇଁ ଦାବି କରିଥିଲେ। ଡାଙ୍ଗରିଆଙ୍କ ମେଳିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫଣ୍ଡ ମୁତୟନ କରାଯାଇଥିଲା। ରାୟଗଡା ଏସ ଡି ପି ଓ ଗୌରୀହାରୀ ସାହୁ, ଚାନ୍ଦିଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ କଲ୍ୟାଣସିଂହପୁର ଥାନା ଅଧିକାରୀ ଅଜିତ ପରିଡା ଲୋକଙ୍କୁ ବୁଝାସୁଝା କରିବା ପରେ ଡଙ୍ଗରିଆ ମାନେ ଚାଲିଯାଇଥିଲେ।ଲଦ ଶିକକା ନିୟମଗିରି ସୁରକ୍ଷା ପାଇଁ ବିଭିନ୍ନ ଆନ୍ଦୋଳନ ଓ ପ୍ରତିବାଦ ସଭାରେ ସାମିଲ ଥିବା ଘଟଣାରେ ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାରେ ସଂଶ୍ଳିଷ୍ଟ ଥିବା ମକଦ୍ଦମା ଗୁଡିକ ମଧ୍ୟରୁ ଗୁରୁବାର ଦିନ ଲାଞ୍ଜିଗଡ କୋର୍ଟରୁ ଜାମିନରେ ଆସି ଥିଲେ। ସେହି ସମୟରେ କଲ୍ୟାଣସିଂହପୁର ବ୍ଲକ ଢେପାଗୁଡା ଛକ ନିକଟରୁ ରାୟଗଡା ପୁଲିସ ଲଦକୁ ଗିରଫ କରିଥିଲା। ତେବେ ପୁଲିସ ଲଦକୁ କୁଆଡେ ନେଇଛି ପରିବାରକୁ କିମ୍ବା ଲଦ ଶିକକାଙ୍କ ଓକିଲଙ୍କୁ ମଧ୍ୟ ଜଣାଇନଥିବା ଆଶ୍ଚର୍ଯ୍ୟ କରିଛି ବୋଲି ଓକିଲ ପ୍ରକାଶ କରିଛନ୍ତି। ଲଦ ବିରୋଧରେ ୧୨ଟି ମାମଲାରେ ୱାରେଣ୍ଟ ରହିଥିବା ଏବଂ ବର୍ତ୍ତମାନ ତଦନ୍ତ ଜାରି ରହିଛି ବୋଲି ରାୟଗଡା ଏସପି ରାଜେଶ କୁମାର ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତ ୨୦୧୨ ମସିହାରେ ସାନ ଡେଙ୍ଗଲେଲି ଗ୍ରାମରେ ଘଟିଥିବା ଘଟଣାରେ ମାମଲା ରୁଜ ହୋଇଥିଲା।

## ଅରବିନ୍ଦ ନଗର ରାସ୍ତା ଅତି କଦର୍ଯ୍ୟ, ପ୍ରତିକାର ଦାବି

ବୁଗୁଡ଼ା ,୧୩।୯ (ନିପ୍ର); ବୁଗୁଡ଼ା ଏନଏସିର ୱାର୍ଡ ନଂ-୩ ଅନ୍ତର୍ଗତ ଅରବିନ୍ଦ ନଗର ତୃତୀୟ ଲାଇନରୁ ପରିବା ବଜାରକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନ୍ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ରାସ୍ତାରେ ମାଟି ଜମାଟ ବାନ୍ଧି ଥିବାରୁ ସାମାନ୍ୟ ବର୍ଷାରେ ସେହି ଖାଲଖମା ରାସ୍ତାଟି କାଦରେ ପଚପଚ ହୋଇଯାଉଛି। ସେହି ରାସ୍ତା ଦେଇ ତେଲି ସାହି ଏବଂ ଅନ୍ୟ ସାହିର ଲୋକେ ଯାତାୟତ କଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଫଳରେ



ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଜିଲ୍ଲାରେ ଏକତା, ସାମାଜିକ ନ୍ୟାୟ ଏବଂ ସର୍ବାଙ୍ଗୀନ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରି ବିନୋବା ଭାବେଙ୍କ ଆଦର୍ଶକୁ ବଞ୍ଚାଇ ରଖିବା ପାଇଁ ଉପସ୍ଥିତ ସମସ୍ତ ବ୍ୟକ୍ତି ସାମୂହିକ ଭାବେ ସଂକଳ୍ପ ନେଇଥିଲେ।

## ସେବାରୁ ସଂକଳ୍ପ, ସଂକଳ୍ପରୁ ରାଷ୍ଟ୍ରନିର୍ମାଣ

ଭଦ୍ରକ,୧୩।୯ (ନିପ୍ର); ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର ଅବିରତ ସେବା ଓ ରାଷ୍ଟ୍ରସାଧନା ଅବସରରେ ଭଦ୍ରକ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ସେବା ସଂକଳ୍ପ ଅଭିଯାନ' ବୈଠକ ଅନୁଷ୍ଠିତ ହୋଇଛି।୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ଏହି ଅଭିଯାନରେ ରକ୍ତଦାନ ଶିବିର, ଆଶୀର୍ବାଦ ଦୀପ, ବିଭିନ୍ନ ପ୍ରତିଯୋଗିତା, 'ନମୋ ସେବା ଗାଥା', ଅଙ୍ଗନବାଡ଼ି ଉତ୍ସବ, 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ସେବା ଓ ମୋର ଯୋଗଦାନ ଓ ସେବା ସେତୁ ଭଳି କାର୍ଯ୍ୟକ୍ରମ ହେବ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ ବିଧାୟକ ସିତାଂଶୁ ସେଖର ମହାପାତ୍ର ଓ ବରିଷ୍ଠ ପଦାଧିକାରୀଗଣ ଉପସ୍ଥିତ ଥିଲେ।

## ନୂତନ ସେତୁ ଓ ରାସ୍ତାର ଉନ୍ନତିକରଣ ନେଇ ମନ୍ତ୍ରୀଙ୍କ ଶିଳାନ୍ୟାସ

ଖଣ୍ଡପଡ଼ା ୧୩।୯ (ନି.ପ୍ର) ଖଣ୍ଡପଡ଼ାରୁ ଖଳିସାହିକୁ ସଂଯୋଗ କରୁଥିବା ବାଇପାସ ରାସ୍ତାରେ ଅବସ୍ଥିତ ସୁନାମୁହିଁ ନଦୀ ଉପରେ ଉଚ୍ଚତମ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ସରକାରଙ୍କ ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ନୂତନ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ବିଡିଓ ଅଙ୍କୁର ଅଭିଳାଷ,ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ ପ୍ରମୁଖ ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଥିଲେ। ଖଣ୍ଡପଡା ପୂର୍ତ୍ତବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିର୍ମାଣ ହେବାକୁ ଯାଉଥିବା ଉକ୍ତ ସେତୁ ନିମନ୍ତେ ୫ କୋଟି ୮୦ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଥିବା ଜଣାଯାଇଛି। ସେହିପରି



ଖଣ୍ଡପଡା ବ୍ଲକ ଅଧୀନ ଖଳିସାହିରୁ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ କୁଆଁରିଆ ନଦୀ ଉପରେ ଏକ ଉଚ୍ଚ ତମ ସେତୁ ନିର୍ମାଣ ନିମନ୍ତେ ମନ୍ତ୍ରୀ, ସାଂସଦ ବିଧାୟକ ଓ ନୟାଗଡ ଜିଲ୍ଲାପାଳ ମଧୁମିତା ରଥଙ୍କ ଉପସ୍ଥିତିରେ ସେତୁ ନିକଟରେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ପୂର୍ବାହ୍ନରେ ଭାପୁର ବ୍ଲକ ଅଧୀନ କଳାପଥର -ଭାପୁର ବାଇପାସ ରାସ୍ତାର ଉନ୍ନତିକରଣ ସହ ଉକ୍ତ ରାସ୍ତାରେ ଅବସ୍ଥିତ କାଳିଗିରି ନଦୀ ଉପରେ ଉଚ୍ଚ ତମ ସେତୁ ନିର୍ମାଣ, ମାରଡା ଗ୍ରାମରୁ ପଦ୍ମାବତୀ ଓ ବିଜିପୁର ଗ୍ରାମରୁ କରବର ରାସ୍ତାର ଉନ୍ନତିକରଣ, ବିଜିପୁର- କରବର ରାସ୍ତାରେ ଅବସ୍ଥିତ କାଳିଗିରି ନଦୀ ଉପରେ ଉଚ୍ଚ ତମ ସେତୁ ନିର୍ମାଣ ନିମନ୍ତେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

## ଗ୍ରାମ ଉନ୍ନୟନ ବିଭାଗର ପାରିବାପଣିଆ ଯୋଜନା
## ଗାଁ ମଝିରେ କୃତ୍ରିମ ହ୍ରଦ: ହୀନସ୍ତା ଭୋଗୁଛନ୍ତି ଗ୍ରାମବାସୀ, ଡ୍ରେନ ନିର୍ମାଣ ପାଇଁ ଦାବି

ପିପିଲି,୧୩।୯ (ନିପ୍ର): ଗ୍ରାମାଞ୍ଚଳରେ ବସବାସ କରୁ ଥିବା ଜନସାଧାରଣଙ୍କ ନିମନ୍ତେ ରାସ୍ତାଘାଟ ସୁଧାର ଆଣିବା କ୍ଷେତ୍ରରେ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ବିଭିନ୍ନ ଯୋଜନାରେ ସାମିଲ କରି କାର୍ଯ୍ୟ ଚଳାଉ ଅଛନ୍ତି। ଏହି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ସରକାରଙ୍କ ଯୋଜନାକୁ ବାଟ ମାରଣା ଉଦ୍ଦେଶ୍ୟ ରଖି କାର୍ଯ୍ୟ ନିମ୍ନ ମାନର କରୁ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳି ପ୍ରମାଣ ସ୍ୱରୂପ ଦୃଶ୍ୟ ଦେଖିବାକୁ ମିଳିଛି ବଳଙ୍ଗା ଥାନା ଅଞ୍ଚଳ ସରସ୍ୱତିପୁର ଗ୍ରାମ ପଞ୍ଚାୟତ ଦକ୍ଷିଣସାହି ଚକ ଗ୍ରାମରେ। ଉକ୍ତ ଗ୍ରାମ ମଝିରେ ଇଞ୍ଚେ କିମ୍ବା ଦୁଇ ଇଞ୍ଚି ନୁହେଁ ଏକ ପୁଟ ଧରି ବର୍ଷା ପାଣି ଜମା ହୋଇଛି। ପାଣି ନିଷ୍କାସନ ନ ହୋଇ ଦୀର୍ଘ ଦିନ ଧରି ଜମା ହେବା ଦ୍ୱାରା ଉକ୍ତ ଗ୍ରାମରେ ବିଭିନ୍ନ ପ୍ରକାର ସଂକ୍ରମଣ ରୋଗ ଦେଖା ହେବାର ସମ୍ଭାବନା ରହି ଅଛି ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଏମିତି ଗ୍ରାମର କୋମଳ ମତି ଶିଶୁ, ଗର୍ଭବତୀ ମହିଳା ଏବଂ ବୟସ୍କ ବୃଦ୍ଧାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀ ମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁ ଥିବା ବେଳେ ଏଦିଗରେ କେହି କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରି ଛନ୍ତି। ସୂଚନା ନେବାରେ ଜାଣିବାକୁ



ମିଳିଅଛି ଦକ୍ଷିଣସାହି ଚକ ଗାଁ ମୁଣ୍ଡ ସାକ୍ଷୀଗୋପାଳ ବ୍ରାଞ୍ଚ କେନାଲ ଠାରୁ ଉକ୍ତ ଗ୍ରାମ ଦେଇ ଖରିଜା ସାହି, ଅନିପୁର ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲୀ କରାଯାଇ ଥିଲା। ଏହି କାର୍ଯ୍ୟକୁ ପୁରୀ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଏବଂ ପିପିଲି ଗ୍ରାମ ଉନ୍ନୟନ ସବ ଡିଭିଜନ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ମାଧ୍ୟମରେ କାର୍ଯ୍ୟ ହୋଇ ଥିଲା। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ମାନେ ଠିକାଦାର ପ୍ରତି ଅନୁ କମ୍ପା ଦେଖାଇ ସମ୍ପ୍ରସାରଣ ରାସ୍ତା କାର୍ଯ୍ୟ ସଠିକ ଭାବରେ ନକରି ନିମ୍ନମାନର ସରଞ୍ଜାମ ବ୍ୟବହାର କରି କାର୍ଯ୍ୟ କରାଯାଇ ଥିଲା। ସେ ସମୟରେ ଗ୍ରାମବାସୀ ମାନେ କାର୍ଯ୍ୟର ମାନ ଦେଖି ବିରୋଧ କରି ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏବଂ ଠିକାଦାର କୌଣସି କଥା ନଶୁଣି ତରବରିଆ ଭାବରେ କାର୍ଯ୍ୟ ଶେଷ କରି ଦେଇ ଥିଲେ। ଫଳରେ ବର୍ଷା ଦିନରେ ଗାଁ ମଧ୍ୟରୁ ବର୍ଷା ପାଣି ନିଷ୍କାସନ ନହୋଇ ଏଭଳି କୃତ୍ରିମ ହ୍ରଦ ହୋଇ ରହିଥିବା ଅଭିଯୋଗ ହୋଇଛି। ଏହା ପରେ ପୁରୀ ଜିଲ୍ଲା ଗ୍ରାମ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉକ୍ତ ରାସ୍ତାକୁ ଲେଉଟିଆ ପଟାଳି ପରି ବ୍ୟାପକ ଅର୍ଥ ହଡପ କରିବା ଉଦ୍ଦେଶ୍ୟ ନେଇ ଉକ୍ତ ଗ୍ରାମ ରାସ୍ତାରେ ଫେବର ବ୍ଲକ ଇଟା ପକାଇଛନ୍ତି। ଭେବର ବ୍ଲକ ଇଟା ପଡିବା ଯୋଗୁ ପୂର୍ବ ହ୍ରଦ ଠାରୁ ଆହୁରି ଅଧିକ ହ୍ରଦ ପ୍ରାୟ ପାଲଟି ଅଛି। ଯାହାକି ଏକ ଡ୍ରେନ ନିର୍ମାଣ ଆବଶ୍ୟକ ପଡୁ ଅଛି ବୋଲି ଗ୍ରାମବାସୀ ମାନେ ଦାବି କରି ଛନ୍ତି। ଏଭଳି ସମସ୍ୟା ନେଇ ଏହି ପ୍ରତିନିଧିଙ୍କୁ ଗ୍ରାମବାସୀ ଅଭିଯୋଗ କରିବାରୁ ଏନେଇ ପିପିଲି ଗ୍ରାମ ଉନ୍ନୟନ ବିଭାଗର ସବ ଡିଭିଜନ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ଲୋଡାଯାଇଥିଲା ତେବେ ନିରବତା ମିଳିଥିଲା। ତେଣୁ ଏଦିଗରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଏବଂ ପୁରୀ ଜିଲ୍ଲାପାଳ ନଜର ଦେବାକୁ ଉକ୍ତ ଗ୍ରାମବାସୀ ଏବଂ ପାର୍ଶ୍ୱ ଗ୍ରାମବାସୀ ଦାବି କରି ଛନ୍ତି।

# ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ

## ଫିଲିପାଇନ୍ସ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି




ନୂଆଦିଲ୍ଲୀ, ୧୩।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ଫିଲିପାଇନ୍ସ ଗଣତନ୍ତ୍ରର ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର.ମାର୍କୋସ୍ ଜୁନିୟରଙ୍କୁ ଭେଟିଛନ୍ତି। ବର୍ତ୍ତମାନର ଆସିଆନ୍ ଅଧ୍ୟକ୍ଷ ଭାବରେ ବ୍ରିକ୍ସ ସମ୍ମିଳନୀରେ ଫିଲିପାଇନ୍ସର ଅଂଶଗ୍ରହଣକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ। ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗରେ ହୋଇଥିବା ଅଗ୍ରଗତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ।

## ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ମୋଦି-ଜିନପିଙ୍ଗ୍‌ଙ୍କ ସହାୟତା ପ୍ରସ୍ତାବକୁ ରୁଷର ସ୍ୱାଗତ

ନୂଆଦିଲ୍ଲୀ, ୧୩।୯: ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହାୟତା ପ୍ରସ୍ତାବକୁ ରୁଷ୍ ସ୍ୱାଗତ କରିଛି। ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଏହି ଦୁଇ ନେତା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ ଯୁଦ୍ଧ ଶେଷ କରିବା ପାଇଁ ନିଜ ନିଜର କୂଟନୈତିକ ସହଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିବା କ୍ରେମଲିନ୍ କହିଛି। କ୍ରେମଲିନର ମୁଖପାତ୍ର ଦିମିତ୍ରି ପେସ୍କୋଭ୍ କହିଛନ୍ତି, ମୋଦି ଓ ଜିନପିଙ୍ଗ୍ ଉଭୟେ ପୁଟିନ୍‌ଙ୍କୁ ନିଜ ଦେଶର 'ସଦିଚ୍ଛାପୂର୍ଣ୍ଣ ସହଯୋଗ' ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଆଲୋଚନା ଆଗକୁ ବଢ଼ାଇବାରେ ଦୁଇ ଦେଶ ସହାୟକ ହୋଇପାରନ୍ତି। ମୋଦିଙ୍କ ପକ୍ଷରୁ ଏଭଳି ସହଯୋଗ ପ୍ରସ୍ତାବ ପୂର୍ବରୁ ମଧ୍ୟ ଦିଆଯାଇଥିବା ରୁଷ୍ ସୂଚନା ଦେଇଛି। ଏହି ଘଟଣା ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରୁଷ୍-ୟୁକ୍ରେନ୍ ଶାନ୍ତି ଉଦ୍ୟମ ଆଗକୁ ବଢ଼ିପାରୁନାହିଁ। ଯୁଦ୍ଧ ବନ୍ଦ କରିବା ପାଇଁ ଆମେରିକା ପକ୍ଷରୁ ଆଲୋଚନାର ରାସ୍ତା ଖୋଲିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ମୁଖ୍ୟ ପ୍ରସଙ୍ଗଗୁଡ଼ିକରେ ସହମତି



ହୋଇପାରିନାହିଁ। ଫଳରେ ଶାନ୍ତି ଆଲୋଚନା ଅଟକି ରହିଛି। ରୁଷ୍ ପକ୍ଷରୁ ଭାରତର ଭୂମିକାକୁ ନେଇ ମଧ୍ୟ ସକାରାତ୍ମକ ମନୋଭାବ ପ୍ରକାଶ କରାଯାଇଛି। ମୋଦି ମଧ୍ୟ ପୁଟିନ୍‌ଙ୍କ ସହ ବୈଠକରେ ଯୁଦ୍ଧର ସମାଧାନ ପାଇଁ କୂଟନୀତି ଓ ଆଲୋଚନାକୁ ଗୁରୁତ୍ୱ ଦେଇଛନ୍ତି। ଚୀନ୍ ମଧ୍ୟ ଯୁଦ୍ଧର ରାଜନୈତିକ ସମାଧାନ ପାଇଁ ଆଲୋଚନା ପକ୍ଷରେ ରହିଛି। ବ୍ରିକ୍ସ ସମ୍ମିଳନୀରେ ମୋଦୀ, ଜିନପିଙ୍ଗ୍ ଓ ପୁଟିନ୍‌ଙ୍କ ଏକାଠି ଆଲୋଚନା ଏହି ପ୍ରସଙ୍ଗରେ ଗୁରୁତ୍ୱ ବହନ କରିଛି। ରୁଷ୍ ଆଶା କରୁଛି, ଯୁଦ୍ଧ ଶେଷ ପାଇଁ କୂଟନୈତିକ ପ୍ରୟାସରେ ଭାରତ ଓ ଚୀନ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପାରେ।

## ମାଲେସିଆ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ରାହୁଲ-ପ୍ରିୟଙ୍କା



ନୂଆଦିଲ୍ଲୀ, ୧୩।୯: ରାଜଧାନୀ ଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବାକୁ ଆସିଥିବା ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱାର ଇବ୍ରାହିମ୍‌ଙ୍କୁ ରବିବାର ସକାଳେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ଏକ ଅଭିଜାତ ହୋଟେଲରେ ଆୟୋଜିତ ଏହି ପ୍ରାତଃଭୋଜନ ବୈଠକରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ଏହି ଆଲୋଚନା ସମୟରେ ଦୁଇ ଦେଶ ମଧ୍ୟରେ ରହିଥିବା ସାଂସ୍କୃତିକ ଓ ଦ୍ୱିପାକ୍ଷିକ ସମ୍ପର୍କ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଅନ୍ୟପକ୍ଷରେ, ଶନିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବାଣିଜ୍ୟ, ସେମିକଣ୍ଡକ୍ଟର, ଭିତ୍ତିଭୂମି, ପ୍ରତିରକ୍ଷା ଏବଂ ଅକ୍ଷୟ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଅଧିକ ସୁଦୃଢ଼ କରିବା ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଭାରତର ବୃଦ୍ଧିପାଉଥିବା ବଜାରରେ ମାଲେସିଆର ରପ୍ତାନି ଦ୍ରବ୍ୟର ପ୍ରବେଶକୁ ସହଜ କରିବା ପାଇଁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୁରୋଧ କରିଥିବା ବେଳେ, ମୋଦି ଦୁଇ ଦେଶ ମଧ୍ୟରେ ଥିବା ସାମରିକ ଓ ଆନ୍ତଃ-ସମ୍ପର୍କକୁ ଆଉ ଏକ ନୂଆ ଉଚ୍ଚତାକୁ ନେବା ପାଇଁ ଆଶାପ୍ରକାଶ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିଲା। ସୂଚନାନୁସାରେ, ମାଲେସିଆର କୋଟା କିନାବାଲୁଠାରେ ଏକ ଭାରତୀୟ ବାଣିଜ୍ୟ ଦୂତାବାସ ସ୍ଥାପନ ପାଇଁ ମାଲେସିଆ ସରକାର ସମ୍ମତି ପ୍ରକାଶ କରିଛନ୍ତି। ଏସିଆନ୍ ଓ ବ୍ରିକ୍ସ ଗୋଷ୍ଠୀରେ ମାଲେସିଆ ଭାରତର ଏକ ପ୍ରମୁଖ ସହଯୋଗୀ ଦେଶ ଭାବେ ରହିଥିବାରୁ ଏହି ଗସ୍ତ ଦ୍ୱିପାକ୍ଷିକ ରଣନୈତିକ ସମ୍ପର୍କକୁ ଅଧିକ କ୍ରିୟାଶୀଳ କରିବ।

## ନାଇଜେରିଆର ଉପରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୧୩।୯ (ପିଆଇବି): ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାଇଜେରିଆର ଉପରାଷ୍ଟ୍ରପତି କାଶିମ୍ ସେଟ୍ଟିମା ମୁସ୍ତଫାଙ୍କୁ ଭେଟିଥିଲେ। ଉପରାଷ୍ଟ୍ରପତି କାଶିମ୍ ସେଟ୍ଟିମା ମୁସ୍ତଫା ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀ ପାଇଁ ନାଇଜେରିଆ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି। ଏହି ପ୍ରତିନିଧି ଦଳରେ ବୈଦେଶିକ ବ୍ୟାପାର; ଶିଳ୍ପ, ବାଣିଜ୍ୟ ଓ ନିବେଶ; ଯୋଗାଯୋଗ, ନବାଚାର ଓ ଡିଜିଟାଲ ପ୍ରଯୁକ୍ତିବିଦ୍ୟା; ମାନବୀୟ ବ୍ୟାପାର ଓ ଦାରିଦ୍ର୍ୟ ହ୍ରାସ; ମହିଳା ବ୍ୟାପାର ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀମାନଙ୍କ ସମେତ ଅନେକ ମନ୍ତ୍ରୀ ସାମିଲ ଅଛନ୍ତି। ଉଭୟ ନେତା ଭାରତ-ନାଇଜେରିଆ ମଧ୍ୟରେ ଥିବା ବହୁମୁଖୀ ସମ୍ପର୍କର ସମୀକ୍ଷା କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ହୋଇଥିବା ନିରନ୍ତର ଅଗ୍ରଗତି ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କ ଆଲୋଚନା ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ଶକ୍ତି ଭାଗୀଦାରୀ, କୃଷି, ସ୍ୱାସ୍ଥ୍ୟ ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ କେନ୍ଦ୍ରିତ ଥିଲା।

## ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଆଲୋଚନା




ନୂଆଦିଲ୍ଲୀ, ୧୩।୯ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୬ ମସିହା ସେପ୍ଟେମ୍ବର ୧୩ ତାରିଖରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ମହାମହିମ ସିରିଲ୍ ରାମାଫୋସାଙ୍କୁ ଭେଟିଛନ୍ତି। ଦୁଇ ନେତା ସହଯୋଗର ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ଅଗ୍ରଗତିର ସମୀକ୍ଷା କରିଥିଲେ ଏବଂ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବହୁମୁଖୀ ରଣନୈତିକ ଭାଗିଦାରୀ ଉପରେ ମତ ବିନିମୟ କରିଥିଲେ। ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଘନିଷ୍ଠ ଏବଂ ଦୀର୍ଘସ୍ଥାୟୀ ସମ୍ପର୍କ ସହଭାଗୀ ଐତିହାସିକ ସଂଘର୍ଷ, ଦୃଢ଼ ସାଂସ୍କୃତିକ ସମ୍ବନ୍ଧ, ସୁଦୃଢ଼ ଆର୍ଥିକ ସମ୍ପର୍କ ଏବଂ ଗଭୀର ଜନ ସମ୍ପର୍କ ଉପରେ ଆଧାରିତ। ଦୁଇ ନେତା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ଘନିଷ୍ଠ ସମନ୍ୱୟ ବଜାୟ ରଖିବା ଲାଗି ସହମତ ହୋଇଥିଲେ। ଦକ୍ଷିଣ ଆଫ୍ରିକାରୁ ଭାରତକୁ ଚିତାଗୁଡ଼ିକର ସଫଳ ସ୍ଥାନାନ୍ତରଣ ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଦକ୍ଷିଣ ଆଫ୍ରିକାକୁ ଅନ୍ତର୍ଜାତୀୟ ବିଗ୍ କ୍ୟାଟ୍ ମେଣ୍ଟରେ ଯୋଗଦେବା ପାଇଁ ବିଚାର କରିବାକୁ ନିମନ୍ତ୍ରଣ କରିଥିଲେ।

## ଭୋପାଳ-ଦିଲ୍ଲୀ ବିମାନରେ ହଠାତ୍ ଇଞ୍ଜିନ୍ ତ୍ରୁଟି
## ଜୟପୁରରେ ଜରୁରୀ ଅବତରଣ

ନୂଆଦିଲ୍ଲୀ, ୧୩।୯: ଭୋପାଳରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ବିମାନରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେବା ଯୋଗୁଁ ଏହାକୁ ଜୟପୁର ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି। ବିମାନର ଇଞ୍ଜିନରେ ବୈଷୟିକ ତ୍ରୁଟି ଥିବା ଜଣାପଡ଼ିବା ପରେ ସୁରକ୍ଷା ଦୃଷ୍ଟିରୁ ଏହାକୁ ଦିଲ୍ଲୀ ନ ନେଇ ଜୟପୁର ଆଡ଼କୁ ମାର୍ଗ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ବିମାନଟି ରବିବାର ସକାଳ ୮ଟା ୪୭ ମିନିଟରେ ଭୋପାଳର ରାଜା ଭୋଜ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିଲା। ଏହାର ନିର୍ଦ୍ଧାରିତ ଉଡ଼ାଣ ସମୟ ସକାଳ ୮ଟା ୨୫ ମିନିଟ୍ ଥିବା ବେଳେ ସକାଳ ୯ଟା ୫୫ ମିନିଟରେ ଦିଲ୍ଲୀରେ ଅବତରଣ କରିବାର କାର୍ଯ୍ୟସୂଚୀ ଥିଲା। ତେବେ ଆକାଶମାର୍ଗରେ ଇଞ୍ଜିନରେ ତ୍ରୁଟି ଚିହ୍ନଟ ହେବା ପରେ ପାଇଲଟ୍ ତୁରନ୍ତ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ସହ ଯୋଗାଯୋଗ କରି ଜୟପୁରରେ ଅବତରଣ ପାଇଁ ଅନୁମତି ମାଗିଥିଲେ।

## ଉଗ୍ରବାଦୀ ଆକ୍ରମଣରେ ୪ ମୃତ

ଇମ୍ଫାଲ, ୧୩।୯: ରବିବାର ଦିନ ମଣିପୁରର ତାମେଙ୍ଗଲୋଙ୍ଗ ଏବଂ ନୋନେ ଜିଲ୍ଲାରେ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ଦ୍ୱାରା ଘଟିଥିବା ପୃଥକ ଆକ୍ରମଣରେ ଦୁଇ ଜଣ ମହିଳାଙ୍କ ସମେତ ଅତିକମରେ ଚାରି ଜଣ କୁକି ସମ୍ପ୍ରଦାୟର ଲୋକ ପ୍ରାଣ ହରାଇଛନ୍ତି ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଅଧିକାରୀଙ୍କ କହିବାନୁସାରେ, ତାମେଙ୍ଗଲୋଙ୍ଗ ଜିଲ୍ଲାର କାଇମାଇ ଥାନା ଅନ୍ତର୍ଗତ ଟୋଲେନ୍ କୁକି ଗ୍ରାମରେ ହୋଇଥିଲା ଏହି ଆକ୍ରମଣ।

## ଚିଲିର ନର୍ସିଂ ହୋମରେ ଅଗ୍ନିକାଣ୍ଡ: ୧୬ ବୃଦ୍ଧଙ୍କ ମୃତ୍ୟୁ




ସାଣ୍ଟିଆଗୋ, ୧୩।୯: ଚିଲିର ଆରାଉକାନିଆ ଅଞ୍ଚଳର ପିଟ୍ରୁଫକେନ୍ ସହରରେ ଥିବା ଏକ ନର୍ସିଂ ହୋମରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳ ରାଜଧାନୀ ସାଣ୍ଟିଆଗୋଠାରୁ ପ୍ରାୟ ୬୪୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ। ଅଗ୍ନିକାଣ୍ଡ ସମୟରେ ନର୍ସିଂ ହୋମରେ ମୋଟ ୨୬ ଜଣ ବୃଦ୍ଧ ରହୁଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉଦ୍ଧାର କରାଯାଇଥିବା ୧୦ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା। ପିଟ୍ରୁଫକେନର ମେୟର ଜାକ୍ଲିନ୍ ରୋମେରୋ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି, ପୀଡ଼ିତଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଘଟଣାର ତଦନ୍ତ କରୁଥିବା ଜର୍ଜ ଗ୍ରାନାଡା କହିଛନ୍ତି, ଅଗ୍ନିକାଣ୍ଡରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ନର୍ସିଂ ହୋମର ମାଲିକମାନଙ୍କୁ ମଧ୍ୟ ପଚରାଉଚରା ପାଇଁ ଡକାଯାଇଛି। ଚିଲିର ରାଷ୍ଟ୍ରପତି ଜୋସେ ଆଣ୍ଟୋନିଓ କାଷ୍ଟ୍ ଘଟଣାରେ ଶୋକ ପ୍ରକାଶ କରିବା ସହ ଦେଶର ସମସ୍ତ ନର୍ସିଂ ହୋମର ସ୍ଥିତି ଯାଞ୍ଚ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକା ପୂର୍ବରୁ ଭାରତ ଆକ୍ରମଣ କରିଥାନ୍ତା ଓସାମା !



ନୂଆଦିଲ୍ଲୀ, ୧୩।୯: ଆମେରିକାର ଟ୍ୱିନ ଟାଓ୍ୱାର ଆକ୍ରମଣର ମାଷ୍ଟର ମାଇଣ୍ଡ କୁଖ୍ୟାତ ଆତଙ୍କବାଦୀ ଓସାମା-ବିନ୍-ଲାଡେନକୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଆମେରିକା ଉପରେ ୯/୧୧ ଆକ୍ରମଣ ପୂର୍ବରୁ ଭାରତ ଉପରେ ଆକ୍ରମଣ କରିଥାନ୍ତା ଓସାମା। ଆମେରିକା ଗୁଇନ୍ଦା ସଂସ୍ଥା ସିଆଇଏ ୧୯୯୮ ମସିହାରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି କ୍ଲିନଟନଙ୍କୁ ଏକଥା ଜଣାଇଥିଲା। ଖାଲି ଭାରତ ନୁହଁ, ଓସାମାର ଟାର୍ଗେଟରେ ପାକିସ୍ତାନ, ଉଗଣ୍ଡା ଏବଂ ନାଇଜେରିଆ ମଧ୍ୟ ଥିଲା। ଓସାମା ତରଫରୁ ଆମେରିକା ଓ ବ୍ରିଟେନ ଉପରେ ଆତଙ୍କି ଆକ୍ରମଣ ଆଶଙ୍କା ଥିଲେ ମଧ୍ୟ ତା'ର ପ୍ରାଥମିକତାରେ ଉପରୋକ୍ତ ଦେଶଗୁଡିକ ଥିଲା। ତେଣୁ କ୍ଲିନଟିନ ପ୍ରଶାସନ ସେତେବେଳେ ଏହି ତଥ୍ୟକୁ ଏତେ ଗୁରୁତ୍ୱ ଦେଇ ନ ଥିଲା। ନିକଟରେ ସିଆଇଏର ଏହି ରିପୋର୍ଟ କେତେକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏକଥା ଜଣାପଡ଼ିଛି। ଏହି ରିପୋର୍ଟରେ କୁହାଯାଇଛି ୧୯୯୮ ମସିହା ଅଗଷ୍ଟ ୨୮ ତାରିଖରେ ଆମେରିକାର ମିଜାଇଲ୍ ଆକ୍ରମଣରେ ଅଳ୍ପକେ ବର୍ତିଗଲା ପରେ ନିଜର ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ଉଦ୍ୟମ କରିଥିଲା ଓସାମା। ପ୍ରାୟ ୬୦ଟି ଦେଶରେ ନିଜର ନେଟଓ୍ୱର୍କ ସ୍ଥାପନ କରିବାରେ ସଫଳ ହୋଇଥିଲା। ଭାରତକୁ ସେ ଏକ ଶତ୍ରୁ ରାଷ୍ଟ୍ର ଭାବେ ଗ୍ରହଣ କରୁଥିଲା। ଯେହେତୁ ଭାରତରେ ଅଧିକ ମାତ୍ରାରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ବସବାସ କରୁଥିଲେ, ତେଣୁ ଭାରତ ଥିଲା ତାର ପ୍ରମୁଖ ଟାର୍ଗେଟ। ଏଥିସହ ଭାରତର ସେତେବେଳେ ଆମେରିକା ଓ ଇସ୍ରାଏଲ ସହ ସଂପର୍କ ନିବିଡ଼ ଥିବାରୁ ଏହା ମଧ୍ୟ ଥିଲା ଓସାମା ଟାର୍ଗେଟର ଆଉ ଏକ କାରଣ। ନିଜ ଯୋଜନା ମୁତାବକ ୧୯୯୮ ମସିହା ଅଗଷ୍ଟ ମାସରେ କେନିଆ ଓ ତାଞ୍ଜାନିଆଠାରେ ଥିବା ଆମେରିକା ଦୂତାବାସ ଉପରେ ଓସାମା ଆତ୍ମଘାତି ଆକ୍ରମଣ ରଚିଥିଲା, ଯେଉଁଥିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ପରେ ଯାଇ ଆମେରିକା ଓସାମାକୁ ପରମ ଶତ୍ରୁ ଭାବେ ଗ୍ରହଣ କରି ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଥିଲା। ଖାଲି ସେତିକି ନୁହେଁ, ଆମେରିକାର ସ୍ୱାର୍ଥ ଥିବା ଅଞ୍ଚଳକୁ ମଧ୍ୟ ଧ୍ୱଂସ କରିବାକୁ ଟାର୍ଗେଟ କରିଥିଲା ଓସାମା। ଉତର ଆମେରିକା, ୟୁରୋପ ଏବଂ ପୂର୍ବ ଏସିଆରେ ମଧ୍ୟ ସେ ନିଜ ସଂଗଠନ ଆରମ୍ଭ ନିଜ ଧ୍ୱଂସଲୀଳାର ରୂପରେଖ ଆରମ୍ଭ କରିଦେଇଥିଲା।

## ୨୦୨୯ ସୁଦ୍ଧା ୨୧ ରାଜ୍ୟରେ ୟୁସିସି ଲାଗୁ ହେବ: ଶାହା

ମୁମ୍ବାଇ, ୧୩।୯: ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏନଡିଏ ନେତୃତ୍ୱାଧୀନ ୨୧ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ ହେବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରୁ ୩୦ ଦିନିଆ 'ସେବା ସଂକଳ୍ପ ଅଭିଯାନ' ପାଇଁ ଯୋଜନା ଘୋଷଣା କରିବା ସହିତ କେନ୍ଦ୍ର ଗୃହମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ମୁମ୍ବାଇଠାରେ ସେବା ସଙ୍କଳ୍ପ ଅଭିଯାନ ଉପରେ ଗଣମାଧ୍ୟମକୁ ସମ୍ବୋଧନ କରି ଶାହ କହିଛନ୍ତି, ଆମେ କେତେକ ରାଜ୍ୟରେ ୟୁସିସି ଲାଗୁ କରିସାରିଛୁ। ମୋର ଗଭୀର ବିଶ୍ୱାସ ରହିଛି, ୨୦୨୯ ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନଡିଏ ଶାସିତ ୨୧ ରାଜ୍ୟରେ ୟୁସିସି କାର୍ଯ୍ୟକାରୀ ହେବ। ବର୍ତ୍ତମାନ ୧୯ ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଏନଡିଏ କ୍ଷମତାରେ ରହିଛି। ଉତ୍ତରାଖଣ୍ଡ, ଗୁଜରାଟ ଓ ଆସାମରେ ୟୁସିସି ଲାଗୁ ହୋଇସାରିଥିବାବେଳେ ମଧ୍ୟପ୍ରଦେଶରେ ୟୁସିସିର ଖସଡ଼ା ପ୍ରସ୍ତୁତ କରିବାକୁ ଏକ କମିଟି ଗଠନ ହୋଇଛି ବୋଲି ଶାହ କହିଛନ୍ତି। ସେ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ, ସମଗ୍ର ଏନଡିଏ ମେଣ୍ଟ ଓ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ପ୍ରଧାନମନ୍ତ୍ରୀ ଓ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ମୋଦିଙ୍କ କାର୍ଯ୍ୟକାଳର ୨୫ ବର୍ଷ ପୂରଣ ଅବସରରେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଦେଶବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ପରିଚାଳନା କରିବାକୁ ଏକାଠି ହେଉଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର




ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କରିବା ଓ ଧାରା ୩୭୦ ଉଚ୍ଛେଦ କରିବା, ତିନି ତଲାକ୍ ପ୍ରତ୍ୟାହାର କରିବା ଓ ନକ୍ସଲବାଦର ମୂଳୋତ୍ପାଟନ କରିବାରେ ସଫଳ ହୋଇଛି ବୋଲି ଶାହ କହିଛନ୍ତି। ୨୦୧୪ ପୂର୍ବରୁ ଦେଶର ଜାତୀୟ ରାଜନୀତି ଦୁର୍ନୀତି, ଜାତିବାଦ ଓ ପରିବାରବାଦ ପରି ପ୍ରସଙ୍ଗରେ ଗ୍ରସ୍ତ ଥିଲା।

## କର୍ଣ୍ଣାଟକରେ ୧୬,୯୫୧ ସ୍ଥାନରେ ଚଢ଼ଉ
## ଉଦ୍ଧାର ହେଲେ ୮୦୦ ଶିଶୁ ଶ୍ରମିକ

ବେଙ୍ଗାଲୁରୁ, ୧୩।୯: କର୍ଣ୍ଣାଟକରେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପାଇଁ ବ୍ୟାପକ ଅଭିଯାନ ଚଳାଇଛି ପୁଲିସ। ରାଜ୍ୟର ୧୬,୯୫୧ଟି ସ୍ଥାନରେ ଯାଞ୍ଚ କରାଯାଇ ୮୦୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ମାତ୍ର ଦୁଇ ଘଣ୍ଟା ମଧ୍ୟରେ ଏହି ଅଭିଯାନ ଶେଷ ହୋଇଥିଲା। ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୯୬୨ଟି ଥାନା ଅଞ୍ଚଳରେ ପୁଲିସ ଓ ଶ୍ରମ ବିଭାଗ ଅଧିକାରୀମାନେ ମିଳିତ ଭାବେ ଯାଞ୍ଚ କରିଥିଲେ। ବେଙ୍ଗାଲୁରୁରେ ସର୍ବାଧିକ ୫୦୩ ଜଣ ଶିଶୁ ଉଦ୍ଧାର ହୋଇଛନ୍ତି। ସହରର ୧୮୮ଟି ଥାନା ଅଧୀନରେ ୫,୮୯୭ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ବିଜୟପୁରରୁ ୭୨, ତୁମକୁରୁରୁ ୩୩, କୋପ୍ପାଳରୁ ୨୭, କଲବୁର୍ଗୀରୁ ୨୨, ବଲ୍ଲାରିରୁ ୧୫ ଏବଂ ମହୀଶୂରରୁ ୧୩ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏହି ଅଭିଯାନ ପଛରେ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସେପ୍ଟେମ୍ବର ୮ର ଅଚାନକ ଗସ୍ତ ରହିଛି। ସେଦିନ ସେ ଯଶଓ୍ୱନ୍ତପୁର ଏପିଏମସି ବଜାରକୁ ଯାଇଥିବା ବେଳେ ସେଠାରେ ଶିଶୁମାନେ କାମ କରୁଥିବା ଦେଖିଥିଲେ। ଏହାପରେ ଶିଶୁ ଶ୍ରମିକ ନିୟୋଜିତ କରୁଥିବା ପ୍ରତିଷ୍ଠାନ ବିରୋଧରେ ତୁରନ୍ତ ପଦକ୍ଷେପ ନେବାକୁ ପୁଲିସ ଓ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବେଙ୍ଗାଲୁରୁର ଉତ୍ତର ଡିଭିଜନ୍ ପୁଲିସ ୫ଟି ସ୍ୱତନ୍ତ୍ର ଦଳ ଗଠନ କରି ଏପିଏମସି ବଜାରରେ ଯାଞ୍ଚ କରିଥିଲା। ସେଠାରୁ ଅନ୍ୟ ରାଜ୍ୟର ଶିଶୁଙ୍କ ସମେତ ୧୯ ଜଣଙ୍କୁ ଉଦ୍ଧାର କରାଯାଇଥିଲା।

## ପାକିସ୍ତାନରେ ଆକ୍ରମଣ; ୨୩ରୁ ଅଧିକ ସୁରକ୍ଷାକର୍ମୀଙ୍କ ମୃତ୍ୟୁ

କରାଚୀ, ୧୩।୯: ବଲୁଚିସ୍ତାନରେ ପାକିସ୍ତାନ ସେନାର ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ବଲୁଚିସ୍ତାନର ଲାସବେଲା ଜିଲ୍ଲାରେ ଏନ୍-୨୫ ଜାତୀୟ ରାଜପଥ ଉପରେ ହୋଇଥିବା ଆକ୍ରମଣରେ ପାକିସ୍ତାନ ସେନାର ୨୩ରୁ ଅଧିକ ସୁରକ୍ଷାକର୍ମୀଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଅନେକ ସୈନିକ ଆହତ ହୋଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଲାସବେଲାର କଶାରୀ ଅଞ୍ଚଳରେ ଫ୍ରଣ୍ଟିୟର୍ସ ଫୋର୍ସର ପାଖାପାଖି ୧୫ଟି ଗାଡ଼ିରେ ସୁରକ୍ଷାକର୍ମୀ ଯାଉଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଛି। ବିସ୍ଫୋରଣ ପରେ ସୁରକ୍ଷାକର୍ମୀଙ୍କ ଗୋଟିଏ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ଆହତମାନଙ୍କୁ ବେଲା ଶିବିରରେ ରଖି ଚିକିତ୍ସା କରାଯାଉଛି।

## ବିଦେଶୀ ମୁଦ୍ରା ଭଣ୍ଡାରରେ ଚତୁର୍ଥ ସ୍ଥାନକୁ ଉଠିଲା ଭାରତ
### ଶୀର୍ଷରେ ଚୀନ, ଜାପାନ ଦ୍ୱିତୀୟ, ସ୍ୱିଜରଲାଣ୍ଡ୍ ତୃତୀୟ

ମୁମ୍ବାଇ, ୧୩।୯: ଭାରତ ବିଶ୍ୱର ଚତୁର୍ଥ ବୃହତ୍ ବିଦେଶୀ ମୁଦ୍ରା ଭଣ୍ଡାର ଥିବା ରାଷ୍ଟ୍ରରେ ପରିଣତ ହୋଇଛି। ରୁଷକୁ ପଛରେ ପକାଇ ଭାରତ ଏହି ସ୍ଥାନ ହାସଲ କରିଛି। ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ରେକର୍ଡ ୪୪.୯ ବିଲିଅନ ଡଲାରର ବୃଦ୍ଧି ଘଟିବା ସହ ଏହା ୭୮୫.୭ ବିଲିଅନ ଡଲାରରେ ପହଞ୍ଚିଛି। ଭାରତର ଉପରକୁ ଏବେ ଚୀନ, ଜାପାନ ଓ ସ୍ୱିଜରଲାଣ୍ଡ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ବୋଲି ବ୍ଲୁମବର୍ଗ ତଥ୍ୟରୁ ଜଣାଯାଇଛି। ତଥ୍ୟରୁ ଜଣାଯାଇଛି ଯେ ବ୍ୟାଙ୍କ ଅଫ୍ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ସେପ୍ଟେମ୍ବର ୪ ସୁଦ୍ଧା ୭୫୩.୫ ବିଲିଅନ ଡଲାରରେ ରହିଛି। ତା ପୂର୍ବ ସପ୍ତାହରେ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ୭୭୪.୨ ବିଲିଅନ ଡଲାରରେ ରହିଥିଲା। ତେଣୁ ସପ୍ତାହକ ମଧ୍ୟରେ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ୨୦.୭ ବିଲିଅନ ଡଲାର ହ୍ରାସ ଘଟିଛି। ଚୀନ ନିକଟରେ ସବୁଠୁ ଅଧିକ ଅର୍ଥାତ୍ ୩.୮୫ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ଏହା ପଛକୁ ଜାପାନ ପାଖରେ ୧.୨୧ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ସେହିଭଳି ସ୍ୱିଜରଲାଣ୍ଡ୍ର ବିଦେଶୀ ମୁଦ୍ରା ଭଣ୍ଡାରର ଆକାର ୧.୦୯ ଟ୍ରିଲିଅନ ଡଲାର ସ୍ତରରେ ରହିଛି। ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପଛରେ ପ୍ରବାସୀଙ୍କ ପାଇଁ ରିଜର୍ଭ ବ୍ୟାଙ୍କ ଆଣିଥିବା ଏଫସିଏନ୍ଆର୍ (ବି) ଜମା ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ଫଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ମଜବୁତ୍ ଥିବା ପ୍ରତିଫଳିତ ହୋଇଛି। ଏଥି ସହିତ ଟଙ୍କାର ବିନିମୟ ମୂଲ୍ୟରେ ଅସ୍ଥିରତା ଦେଖାଦେଲେ ସେଥିରେ ସ୍ଥିରତା ଆଣିବା ରିଜର୍ଭ ବ୍ୟାଙ୍କ ପାଇଁ ସହଜ ହେବ। ଅନ୍ୟପକ୍ଷରେ ଭାରତୀୟ ବ୍ୟାଙ୍କିଂ ବ୍ୟବସ୍ଥାରେ ବର୍ତ୍ତମାନ ଅଧିକ ନଗଦ ଅର୍ଥ ରହିଛି। ତାହାକୁ ପରିଚାଳନା କରିବା ପାଇଁ ରିଜର୍ଭ ବ୍ୟାଙ୍କ ୧ ଲକ୍ଷ କୋଟି ଟଙ୍କାର ବଣ୍ଡ ଖୋଲା ବଜାରରେ ବିକ୍ରି କରିବା ଲାଗି ଘୋଷଣା କରିଛି। ୩ଟି ପର୍ଯ୍ୟାୟରେ ଏହି ବଣ୍ଡ ବିକ୍ରି କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ସେପ୍ଟେମ୍ବର ୧୭ରେ ହେବ। ଏହା ପରେ ସେପ୍ଟେମ୍ବର ୨୧ରେ ୨୫ ହଜାର କୋଟି ଏବଂ ସେପ୍ଟେମ୍ବର ୨୮ରେ ୨୫ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ହେବ ବୋଲି ଜଣାଯାଇଛି।

# ୩୦ ଲକ୍ଷ ଟଙ୍କା ଦାଦାବଟି ମାଗି ଦୁଇ ଗିରଫ


ଭୁବନେଶ୍ୱର(ନିପ୍ର): ନିଜ ଜାଗାରେ ଘର କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଘଟଣାସ୍ଥଳରେ ଅଭିଯୁକ୍ତମାନେ ପହଞ୍ଚି ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଇମଫୋଭ୍ୟାଲି ଥାନାର ପାଲିସ ରବିବାର ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଯୁବକଙ୍କ ନାମ ବୃନ୍ଦାବନ ସାମନ୍ତସିଂହାର ଓରଫ ଛବି (୪୭) ଓ ଚନ୍ଦ୍ର ଶେଖର ପ୍ରଧାନ ଓରଫ ଆଲୋକ (୨୧)ଙ୍କୁ ଗିରଫ କରିଛି। ଉଭୟଙ୍କ ଘର ସ୍ଥାନୀୟ ଥାନା ଅଞ୍ଚଳରେ ବାଲି ଜଣାପଡ଼ିଛି। ଏନେଇ ରବିନ୍ଦ୍ରନାଥ ନାୟକ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ନିଜ ପତ୍ନୀଙ୍କ ନାମରେ ଚୈତନ୍ୟପ୍ରସାଦ ମୌଜାରେ ୧୯୮୯ ମସିହାରୁ ଏକ ଜମି କିଣିଥିଲେ। ବର୍ତ୍ତମାନ ସେହି ଅଞ୍ଚଳର ଜମି ଦର ବୃଦ୍ଧି ପାଇଥିବାରୁ, ସେଠାରେ ଘର ନିର୍ମାଣ କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଶନିବାର ଅପରାହ୍ନରେ ସେ ତାଙ୍କ ସହଯୋଗୀ ଓ ଠିକାଦାରଙ୍କ ସହ ସେଠାରେ ଉପସ୍ଥିତ ଥିବା ବେଳେ ଅଭିଯୁକ୍ତ ବୃନ୍ଦାବନ ଓରଫ ଛବି, ସତ୍ୟ, ଜଗୁ, ରମା, ମନୋଜ ଓ ଅନ୍ୟ ସହଯୋଗୀମାନେ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଅଭିଯୋଗକାରୀ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ବୃନ୍ଦାବନ ତାଙ୍କ ତଣ୍ଟି ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା ଏବଂ ଅନ୍ୟମାନେ ତାଙ୍କୁ ତଳେ ପକାଇ ମୁଣ୍ଡ ଏବଂ ଶରୀରର ଅନ୍ୟ ଜାଗାକୁ ଅତି ନିର୍ମମ ଭାବେ ମାଡ଼ ମାରିଥିଲେ। ଅଭିଯୁକ୍ତମାନେ ବାଉଁଶ ଠେଙ୍ଗାରେ ମଧ୍ୟ ଆକ୍ରମଣ କରିଥିଲେ। ପିସିଆର ପୋଲିସକୁ ଖବର ମିଳିବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କୁ ଉଦ୍ଧାର କରିଥିଲେ ଏବଂ ଜଟଣୀ ମେଡିକାଲରେ ଚିକିତ୍ସା କରାଇଥିଲେ। ଇନଫୋଭ୍ୟାଲି ପୋଲିସ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ରବିବାର ଘଟଣାର ମୁଖ୍ୟ ଅଭିଯୁକ୍ତ ବୃନ୍ଦାବନ ଏବଂ ତା'ର ସହଯୋଗୀ ଚନ୍ଦ୍ରଶେଖରକୁ ଗିରଫ କରିଛି। ଆଲୋକ ଠାରୁ ଆକ୍ରମଣରେ ବ୍ୟବହୃତ ଏକ ବାଉଁଶ ଠେଙ୍ଗା ଜବତ କରାଯାଇଛି। ଉଭୟଙ୍କୁ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟଚାଲାଣ କରାଯାଇଥିବା ବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

# ମାଲିକ-ମାଲିକାଣୀ କଳି: ଭଡ଼ାଟିଆ ଲହୁଲୁହାଣ

- ମାଲିକାଣୀ ଓ ତାଙ୍କ ଝିଅଙ୍କ ନାଁରେ ନୟାପଲ୍ଲୀ ଥାନାରେ ଏତଲା
- ଘରର ବିଦ୍ୟୁତ୍ କାଟିଥିଲେ, ସାମୂହିକ ହଷ୍ଟେଲ ଛାଡ଼ିବା କଥାରୁ ରକ୍ତାକ୍ତ କଲେ

ଭୁବନେଶ୍ୱର(ନିପ୍ର): ଭୁବନେଶ୍ୱରରେ ଏକ ଘରୋଇ ହଷ୍ଟେଲରେ ରହୁଥିବା ଯୁବତୀଙ୍କୁ ମାଲିକାଣୀ ଓ ତାଙ୍କ ଝିଅ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ଜଣେ ଯୁବତୀଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଏକାଧିକ ଯୁବତୀ ଗୁରୁତର ହେବା ପରେ ନୟାପଲ୍ଲୀ ଥାନାରେ ଏନେଇ ଏତଲା ଦେଇଛନ୍ତି। ଜୟଦେବ ବିହାରର ଲେନ୍-୭ରେ ଥିବା ମନଜ ମହାନ୍ତି ହଷ୍ଟେଲରେ ଏହି ଘଟଣା ଘଟିଛି। ହଷ୍ଟେଲରେ ଦୀର୍ଘ ଦିନ ହେବ ଯୁବତୀମାନେ ରହିଆସୁଛନ୍ତି। ହଷ୍ଟେଲର ସଂପୂର୍ଣ୍ଣ କଥା ମନଜ ଓ ତାଙ୍କ ଭଉଣୀ ବୁଝାସୁଝା କରନ୍ତି। ଏଠାରେ ରହୁଥିବା ଯୁବତୀମାନେ ସେମାନଙ୍କୁ ହିଁ ଭଡ଼ା ଦିଅନ୍ତି। କିନ୍ତୁ କୌଣସି କଥାକୁ ନେଇ ମନୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଛି। ସ୍ୱାମୀଙ୍କ ସହିତ ଝଗଡ଼ା ପରେ ସେ ହଷ୍ଟେଲକୁ ଯାଇ ଯୁବତୀଙ୍କୁ ଭଡ଼ା ମାଗିଥିଲେ। ମନୋଜ କିମ୍ବା ତାଙ୍କ ଭଉଣୀଙ୍କୁ ଘର ଭଡ଼ା ନଦେଇ ତାଙ୍କୁ ଦେବାକୁ କହିଥିଲେ। ଏହା ଶୁଣି କିଛି ଯୁବତୀ ଆପତ୍ତି ଉଠାଇଥିଲେ। ତାଙ୍କୁ କାହିଁକି ଘର ଭଡ଼ା ଦେବେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହା ଶୁଣି ମାଲିକାଣୀ ରାଗି ଯାଇଥିଲେ। ସେ ଦିନରୁ ହଷ୍ଟେଲରେ ରହୁଥିବା ଯୁବତୀଙ୍କୁ ହଇରାଣ କରିଥିଲେ। କେତେବେଳେ ଲାଇନ କାଟି ଦେଉଥିଲେ ତ କେବେଳେ ପାଣି ବନ୍ଦ କରୁଥିଲେ। ଆଉ ଶନିବାର ସେ ସବୁ ସୀମା ଟପି ଯାଇଥିଲେ। ହଷ୍ଟେଲରେ ପଶି କିଛି ଯୁବତୀଙ୍କୁ ମାଲିକାଣୀ ଓ ତାଙ୍କ ଝିଅ ଏକ ଧାରୁଆ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଯୋଗୁ ଜଣେ ଯୁବତୀଙ୍କ ମୁଣ୍ଡ କଟି ଯାଇଥିଲା। ହେଲେ ଏତିକିରେ ତାଙ୍କ ନିର୍ଯାତନା ଶେଷ ହୋଇନଥିଲା। ଆକ୍ରମଣ ପରେ ସେ ହଷ୍ଟେଲ ବାହାରୁ ସମସ୍ତଙ୍କୁ ତାଲା ପକାଇ ଦେଇଥିଲେ। ଖବର ପାଇ ନୟାପଲ୍ଲୀ ଥାନା ପୋଲିସ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଯେଉଁ ଯୁବତୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା, ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ନୟାପଲ୍ଲୀ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ହଷ୍ଟେଲରେ ରହୁଥିବା ଯୁବତୀମାନେ ଡରି ଯାଇଥିବାବେଳେ ସହରରେ ଏହା ଚର୍ଚ୍ଚାର ବିଷୟ ପାଲିଟିଛି। ସେପଟେ ଏଭଳି ଅତ୍ୟାଚାରକୁ ବିରୋଧ କରି ରବିବାର ସାମୁହିକ ଭାବେ ଯୁବତୀମାନେ ଘର ଛାଡୁଥିବାରୁ ଏଭଳି ଘଟଣା ଘଟିଥିବା ପୋଲିସ୍ ଜାଣିବାକୁ ପାଇଛି। ଆକ୍ରମଣର ଶୀକାର ହୋଇଥିବା କିଛି ଯୁବତୀ ନିଜେ ଥାନାରେ ଏହି କଥା କହିଥିବାବେଳେ ଯୁବତୀମାନେ ଏଠାରେ ରହି ୟୁପିଏସସି ଲାଗି ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

# ମଦ୍ୟପ ଯୁବକର ଖଣ୍ଡା ଆକ୍ରମଣ: ୩ ଆହତ



ନିମାପଡ଼ା(ନିପ୍ର): ଏହି ଥାନା ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମରେ ଜନୈକ ମଦ୍ୟପ ଯୁବକ ଅଜୟ ସ୍ୱାଇଁଙ୍କ ପାନ ଦୋକାନରେ ପାଣି, ସିଗାରେଟ୍, ପାନ ମାଗି ନ ପାଇବାରୁ ଖଣ୍ଡା ଦ୍ୱାରା ଆକ୍ରମଣ କିରବା ଦ୍ୱାରା ୩ ଜଣ ଆହତ ହୋଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଥାନା ସୂତ୍ରରୁ ପ୍ରକାଶ। ଘଟଣା ସ୍ଥଳରେ କିଛି ଲୋକ ବୁଝାସୁଝା କରିବାରୁ ସେମାନଙ୍କୁ ମଧ ଖଣ୍ଡାରେ ଆକ୍ରମଣ କରିଥିଲା। ଗ୍ରାମର ଅମୂଲ୍ୟ ପ୍ରଧାନ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସାଙ୍ଗକୁ ଧମକ ଚମକ ଦେବା ସହ ଖଣ୍ଡାରେ ଆକ୍ରମଣ କରିଥିଲା। ନିମାପଡ଼ା ଥାନାରେ ଗ୍ରାମବାସୀ ଅଭିଯୋଗ କରିବାରୁ ପୋଲିସ ଟିମ୍ ଗଠନ କରିଥିବା ଜଣାପଡ଼ିଛି। ସଂପୃକ୍ତ ଯୁବକ ଅତ୍ୟଧିକ ମଦ୍ୟପାନ କରି ଗ୍ରାମରେ ଭୟର ବାତାବରଣ ସୃଷ୍ଟି କରିବାରୁ ଗ୍ରାମବାସୀଙ୍କ ମଧରେ ଭୟର ବତାବରଣ ସୃଷ୍ଟି ହୋଇଛି। ଗ୍ରାମବାସୀ ଗଦାଧର ବେହେରା ଓ ପଦ୍ମନାଭ ବେହେରା ଆହତ ହୋଇଥିବା ଥାନା ସୂତ୍ରରୁ ପ୍ରକାଶ। ଗ୍ରାମରେ ବରିଷ୍ଠ ନାଗରିକଙ୍କୁ ଗାଳିଗୁଲଜ କରିବା ଦ୍ୱାରା ସେମାନେ ଭୟରେ ପଦାକୁ ବାହାରୁ ନଥିବା ଜନ ପ୍ରତିନିଧିଙ୍କ ଠାରୁ ପ୍ରକାଶ। ନିମାପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ରବିବାର ଆସାମୀ ଅମୂଲ୍ୟ ପ୍ରଧାନଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଥିବା ଜଣାପଡ଼ିଛି।

# ପତ୍ନୀକୁ ଭୁଜାଲିରେ ଆକ୍ରମଣ: ସ୍ୱାମୀ ଗିରଫ



କଟକ(ନିପ୍ର): ଜଗତପୁର ଥାନା ପୋଲିସ ପତ୍ନୀକୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଭୂଆସୁଣୀର ପୌନ ମଲ୍ଲିକ (୫୬)। ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲଙ୍କ ସୂଚନା ମୁତାବକ ପୌନ ପ୍ରାୟ ୧୩ ବର୍ଷ ପୂର୍ବେ ସେହି ଗ୍ରାମର ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ବିବାହ କରିଥିଲେ। ପରେ ସ୍ୱାମୀ ସ୍ତ୍ରୀ ଉଭୟ ଇମାମ ନଗର ଚେକ ଗେଟ ନିକଟ ଗଳିରେ ଭଡାରେ ରହୁଥିଲେ। ପୌନ ଘରଭଡା କିମ୍ବା ଘର ଖର୍ଚ୍ଚ କିଛି ନଦେବାରୁ ସନ୍ଧ୍ୟା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରି ତାଙ୍କ ଗୁଜୁରାଣ ମେଣ୍ଟାଉଥିଲେ ଓ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ମନାନ୍ତର ମତାନ୍ତର ହେବାରୁ ସ୍ୱାମୀ ପଳାଇଥିଲେ ଏବଂ ଏଠାରେ ସନ୍ଧ୍ୟା ତାଙ୍କ ଝିଅ ସହ ରହୁଥିଲେ। ଗତ ଅଗଷ୍ଟ ୬ ତାରିଖ ରାତି ପ୍ରାୟ ସାଢେ ୧୦ଟା ବେଳେ ବାହାରକୁ ଆସିଥିବା ବେଳେ ପୌନ ଏକ ଭୁଜାଲିରେ ସନ୍ଧ୍ୟାକୁ ଆକ୍ରମଣ କରିଥିଲା। ଭୁଜାଲିରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରୁଥିବା ବେଳେ ସନ୍ଧ୍ୟା ହାତ ଦେଖାଇ ଅଟକାଇବାରୁ ତାଙ୍କ ପାପୁଲି କଟିଥିଲା ଓ ତାଙ୍କ ଚିତ୍କାର ଶୁଣି ଘର ମାଲିକ ଆସିବାରୁ ପୌନ ପଳାଇବାକୁ ଚେଷ୍ଟା କରିଥିଲା। ଲୋକମାନେ ତାକୁ ଅଟକାଇବାକୁ ଚେଷ୍ଟା କଲାବେଳେ ସେ ଭୁଜାଲି ବୁଲାଇ ଭୟଭୀତ କରାଇ ଫେରାର ହୋଇଯାଇଥିଲା। ଘର ମାଲିକ ଆହତ ସନ୍ଧ୍ୟାକୁ ଚିକିତ୍ସା ପାଇଁ ସ୍ଥାନୀୟ ସଦଗୁରୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରଦିନ ସନ୍ଧ୍ୟାଙ୍କ ପିତା ବାବୁଲି ମଲ୍ଲିକ ଜଗତପୁର ଥାନାରେ ଏନେଇ ଲିଖିତ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ରବିବାର ସକାଳୁ ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

# ପଥରରେ ଛେଚି ମହିଳାଙ୍କୁ ନିର୍ମମ ହତ୍ୟା, ଜଣେ ଯୁବକ ଅଟକ

କଟକ(ନିପ୍ର): କଟକ ସିଡିଏ ସେକ୍ଟର ୧୩ ନମ୍ବର୍ ବସ୍ତିରେ ମହିଳାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ରାଇରଙ୍ଗପୁର ଅଞ୍ଚଳର ଫୁଲ କୁମାର। ସେକ୍ଟର ୧୨ ଅଞ୍ଚଳରେ ଫୁଲ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ରବିବାର ମଧ୍ୟାହ୍ନ ସମୟରେ ସେକ୍ଟର ୧୩ ବସ୍ତିରେ ଫୁଲଙ୍କୁ ହତ୍ୟା କରାଯାଇଥିବା ବେଳେ ଫୁଲଙ୍କ ଝିଅ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇଛନ୍ତି। ଏହି ଘଟଣାରେ ସିଡିଏ ସେକ୍ଟର ୧୨ ବସ୍ତିରେ ରହୁଥିବା ଜଣେ ଯୁବକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି ବୋଲି ଜୋନ-୩ ଏସିପି ଅନନ୍ୟା ଆଓ୍ୱସ୍ତି କହିଛନ୍ତି। ସେହିଭଳି ଆଜି ଫୁଲ ଓ ଅଟକ ଥିବା ଯୁବକଙ୍କୁ ଏକା ସାଙ୍ଗରେ ବୁଲୁଥିବା ଦେଖିବାକୁ ମିଳିଥିବା ବେଳେ ହତ୍ୟାକାଣ୍ଡ ଘଟିଥିବା ଘରେ ଦୁହେଁ ପାଲ ଚିରି ପଶିଥିବା କଥା ସ୍ଥାନୀୟ ବାସିନ୍ଦା କହିଛନ୍ତି। ହତ୍ୟାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ

# ପୋଖରୀରେ ବୁଡ଼ି ଛାତ୍ରର ମୃତ୍ୟୁ

ବୋଲଗଡ଼(ନିପ୍ର): ବୋଲଗଡ଼ ବ୍ଲକ ଗୋପାଳପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମୁସାହିସ୍ଥିତ ମସଜିଦର ମଉଲବୀ ମହମ୍ମଦ ଅଖଲାକ୍ ଓ ଫରାତୁନ୍ ବିବିଙ୍କ ୧୪ବର୍ଷର କନିଷ୍ଠ ପୁତ୍ର ମୀରାଜ୍ ଖାଁ ଜାମୁସାହି ରାସ୍ତା କଡ଼ରେ ଥିବା ପୋଖରୀରେ ବୁଡି ଶନିବାର ପ୍ରାଣ ହରାଇଛନ୍ତି। ସେ ଉକ୍ତ ଦିନ ପୂର୍ବାହ୍ନ ୭.୩୦ଘଟିକାରେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଖବର ପାଇ ବେଗୁନିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜଳ ମଧ୍ୟରୁ ପିଲାଟିକୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ବେଗୁନିଆ ଥାନା ନିରୀକ୍ଷକ ସୁକାନ୍ତ ଦଲାଇଙ୍କ ନିର୍ଦ୍ଦେଶରେ ପୋଲିସ୍ କର୍ମଚାରୀ ପହଞ୍ଚିଥିଲେ। ଦମକଳ ବାହିନୀ ଦ୍ୱାରା ମୀରାଜକୁ ରାଜସୁନାଖଳାସ୍ଥିତ ସରକାରୀ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପାଇ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟମାନେ ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ। ମୃତ ବାଳକର ପିତା ଜଣେ ଆର୍ଥିକ ଦୁର୍ବଳ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସାହାଯ୍ୟ ପ୍ରଦାନ କରିବା ପାଇଁ ସରକାର ଓ ସହୃଦୟ ବ୍ୟକ୍ତିଙ୍କୁ ଜନସାଧାରଣ ଅନୁରୋଧ କରିଛନ୍ତି। ପ୍ରକାଶଥାଉକି ଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ମୃତ ଛାତ୍ର ଜଣକ ଉକ୍ତ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ।

# ସୋ' ରୁମ୍‌ରୁ ଚୋରି କରି ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ଭିଶାଲ ସୋ'ରୁମ୍ ?ରୁ ଚୋରି କରିବା ଅଭିଯୋଗରେ ଧଉଳି ଥାନାର ପାଲିସ ରବିବାର ଜଣେ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ଦେବାଶିଷ ସାମନ୍ତରାୟ ବୋଲି ଜଣାପଡ଼ିଛି। ଏନେଇ ସୋ'ରୁମ୍‌ର ମ୍ୟାନେଜର ସୁଦୀପ ଶାହା ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଶନିବାର ରାତି ପ୍ରାୟ ୮ଟା୩୦ ରୁ ୯ଟା୩୦ ମଧ୍ୟରେ ଅଭିଯୁକ୍ତ ଦେବାଶିଷ ନୂଆଗାଁ ସ୍ଥିତ 'ଭିଶାଲ୍ ସୋରୁମ୍'କୁ କିଣାକିଣି ପାଇଁ ଯାଇଥିଲା। କିଣାକିଣି ସାରି ବାହାରକୁ ଆସିବା ବେଳେ ଏକଜିଟ୍ ଗେଟରେ ଥିବା ଆଲାରାମ୍ ବାଜି ଉଠିଥିଲା। ସୋରୁମ୍ କର୍ମଚାରୀମାନେ ଅଭିଯୁକ୍ତର ବ୍ୟାଗ୍ ଯାଞ୍ଚ କରିବା ବେଳେ ସେଥିରୁ ୧୦ ରୁ ୧୨ ଟି ପାଉଡର, ଫେସୱାସ୍, କ୍ରିମ୍ ଇତ୍ୟାଦି ପ୍ରସାଧନ ସାମଗ୍ରୀ ବାହାରିଥିଲା। ଚୋରି ଧରା ନପଡ଼ିବା ପାଇଁ ଅଭିଯୁକ୍ତ ଜାଣିଶୁଣି ସେହି ସାମଗ୍ରୀ ଗୁଡ଼ିକରୁ 'ଟ୍ୟାଗ୍' ଚିରି ବାହାର କରିଦେଇଥିଲା। ବିଲ୍ ମାଗିବାରୁ ଅଭିଯୁକ୍ତ ରସୁଲଗଡ଼ ଭିଶାଲ୍ ମେଗା ମାର୍ଟରୁ ଏହା ଆଣିଥିବା କହିଥିଲା। ମାତ୍ର ରସୁଲଗଡ଼ ସୋରୁମ୍ ସହ ଯୋଗାଯୋଗ କରିବାରୁ ଅଭିଯୁକ୍ତର କଥା ମିଥ୍ୟା ବୋଲି ଜଣାପଡ଼ିଥିଲା। ଚୋରି ଧରାପଡ଼ିବା ପରେ ଅଭିଯୁକ୍ତ ଓଲଟା ସୋରୁମ୍ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପରେ ପିସିଆର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଥାନାକୁ ଆଣିଥିଲା। ଧଉଳି ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତର ବ୍ୟାଗରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିଛି।

### ଫାଇନାନ୍ସ କର୍ମଚାରୀଙ୍କ ଅଭିନବ ଠକେଇ

# ଋଣ ବାକି ପାଉଣା ସୁଝିବାକୁ ୩ ଲକ୍ଷ ଦାଦାବଟି, ୩ ଗିରଫ

ଭୁବନେଶ୍ୱର(ନିପ୍ର): ଗାଡ଼ି ଫାଇନାନ୍ସ କରି କିଣୁଥିଲେ ସାବଧାନ। ଫାଇନାନ୍ସ କଂପାନୀରେ କାର୍ଯ୍ୟରତ କର୍ମଚାରୀମାନେ କେତେବେଳେ ବି ଗାଡ଼ିର ଟଙ୍କା ବାକି ଥିବା କଥା କହି ଅଯଥାରେ ଗ୍ରାହକଙ୍କୁ ହଇରାଣ କରିବା ସହ ଗାଡ଼ି ଟାଣି ନେବାର ଧମକ ଦେଇ ଟଙ୍କା ଦାବି ଆଦାୟ କରିବାର ନଜିର ରହିଛି। ଏଭଳି ଏକ ଘଟଣା ସହିଦନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ଫାଇନାନ୍ସ କଂପାନୀର ୩ ଜଣ କର୍ମଚାରୀଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଇପାଞ୍ଜଳି ନାୟକ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ୨୪ ଲକ୍ଷ ଟଙ୍କା ଦେଇ ଏକ ମହିନ୍ଦ୍ରା ଥାର୍ ଗାଡ଼ି 'ବୈଷ୍ଣୋ ମୋଟର୍ସ' ରୁ କିଣିଥିଲେ। ଗତ ୮ତାରିଖରେ ତାଙ୍କର ଜଣେ ପରିଚିତ ବ୍ୟକ୍ତି ଉକ୍ତ ଗାଡ଼ି ନେଇ ଏସ୍ପ୍ଲାନେଡ୍ ମଲ୍ ଯାଇଥିଲେ। ସେଠାରେ ଦୁଇ ଜଣ ବ୍ୟକ୍ତି ନିଜକୁ ମହିନ୍ଦ୍ରା ଫାଇନାନ୍ସ ଓ ଏକ ରେପୋ ଏଜେନ୍ସି ର କର୍ମଚାରୀ ବୋଲି ପରିଚୟ ଦେଇ ଆର୍ଥିକ ଅନିୟମିତତା ଦର୍ଶାଇ ବଳପୂର୍ବକ ଗାଡ଼ିଟିକୁ ଉଠାଇ ନେଇ ପାହାଳ ସ୍ଥିତ ଷ୍ଟକ୍ ୟାର୍ଡକୁ ନେଇଯାଇଥିଲେ। ଏହାପରେ ଅଭିଯୁକ୍ତ ଶମ୍ଭୁନାଥ ଦାସ ମୋବାଇଲରେ ଫୋନ୍ କରି ଗାଡ଼ି ଛାଡ଼ିବା ପାଇଁ ଅଭିଯୋଗକାରିଣୀଙ୍କୁ ୩ ଲକ୍ଷ ଟଙ୍କା ଦାବି କରିଥିଲା ଏବଂ ଅନ୍ୟ ଜଣଙ୍କ ଠାରୁ କ୍ୟୁଆର୍ କୋଡ୍ ମାଧ୍ୟମରେ ୧୨ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ସହିଦନଗର ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ ମହିନ୍ଦ୍ରା ଫାଇନାନ୍ସ ର ଡିଭିଜନାଲ୍ ମ୍ୟାନେଜର ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ବେଆଇନ ଉଠାଣ କରାଯାଇଥିଲା। ଆର୍ଶ୍ଚଯ୍ୟଜନକ ଭାବେ ଗାଡ଼ିଟିର ଅସଲି ନମ୍ବର ଥିବା ବେଳେ ଉଦ୍ଧାର ବେଳେ ସେଥିରେ ଏକ ଜାଲ୍ ନମ୍ବର ପ୍ଲେଟ୍ ଲଗାଯାଇଥିଲା (ଯେଉଁଥିପାଇଁ ପୋଲିସ ଏକ ପୃଥକ୍ ମାମଲା-୪୮୪/୨୬ ରୁଜୁ କରି ତଦନ୍ତ କରୁଛି)। ସହିଦ ନଗର ପୋଲିସ ବେଆଇନ ଭାବେ ଗାଡ଼ି ଉଠାଇ ନେବା ଏବଂ ଟଙ୍କା ଦାବି କରିବା ଅଭିଯୋଗରେ ଆଜି ମହିନ୍ଦ୍ରା ଫାଇନାନ୍ସ ର ଡିଭିଜନାଲ୍ ମ୍ୟାନେଜରଙ୍କ ସମେତ ରେପୋ ଏଜେନ୍ସିର ଦୁଇ କର୍ମଚାରୀ ଶମ୍ଭୁନାଥ ଦାସ ଓ ପ୍ରସନ୍ନ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ହୋଟେଲ ବ୍ୟବସାୟ ନାଁରେ ଲକ୍ଷାଧିକ ଠକେଇ

ଭୁବନେଶ୍ୱର(ନିପ୍ର): ପାର୍ଟନରସିପ୍‌ରେ ହୋଟେଲ ବ୍ୟବସାୟ କରିବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଧଉଳି ଥାନା ପୋଲିସ ରବିବାର ଜଣେ ଠକକୁ ଗିରଫ କରିଛି। ଗିରଫ ଠକର ନାମ ପ୍ରଶାନ୍ତ କୁମାର ପ୍ରଧାନ (୩୬) ଓ ତାଙ୍କ ଘର ଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମ ନଗରରେ ବୋଲି ଜଣାପଡ଼ିଛି। ଏନେଇ ରିନୁ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୫ ମସିହା ଡିସେମ୍ବର ୨୬ ତାରିଖରେ ୟୁନିଟ୍-୬ ଗଙ୍ଗାନଗର ଅଞ୍ଚଳରେ "ସ୍କାଏପୋର୍ଟ ଇନ୍" ନାମକ ଏକ ହୋଟେଲ୍ ବ୍ୟବସାୟ ଆରମ୍ଭ କରିବା ପାଇଁ ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପ୍ରଶାନ୍ତ କୁମାର ପ୍ରଧାନଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଏହି ବାବଦକୁ ଅଭିଯୋଗକାରିଣୀ ଚେକ୍ ମାଧ୍ୟମରେ ଅଭିଯୁକ୍ତଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମାତ୍ର ଟଙ୍କା ନେବା ପରେ ଅଭିଯୁକ୍ତ ପ୍ରଶାନ୍ତ ହୋଟେଲ୍ ବ୍ୟବସାୟ ଆରମ୍ଭ କରିନଥିଲେ କିମ୍ବା ଆବଶ୍ୟକୀୟ କାଗଜପତ୍ର କାମ କରିନଥିଲେ। ଅଭିଯୋଗକାରିଣୀ ଟଙ୍କା ଫେରାଇବାକୁ ଦାବି କରିବାରୁ ଅଭିଯୁକ୍ତ ତାଙ୍କୁ ପୋଲିସ ନିକଟକୁ ଗଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ହସ୍ତକ୍ଷେପ ଫଳରେ ଅଭିଯୋଗକାରିଣୀଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ଫେରସ୍ତ ମିଳିଥିବା ବେଳେ ବଳକା ୯୫ହଜାର ଟଙ୍କା ଅଭିଯୁକ୍ତ ଜାଣିଶୁଣି ଆତ୍ମସାତ୍ କରିଥିଲା। ଧଉଳି ପୋଲିସ ଏହି ଆର୍ଥିକ ଠକେଇର ତଦନ୍ତ କରି ବ୍ୟାଙ୍କ୍ ଷ୍ଟେଟମେଣ୍ଟ, ଚେକ୍ ଏବଂ ଚୁକ୍ତିନାମା ଆଦି ପ୍ରମାଣ ଜବତ କରିଛି। ତଦନ୍ତ ବେଳେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଅଭିଯୁକ୍ତ ପ୍ରଶାନ୍ତ ସମାନ ଢଙ୍ଗରେ ଅନ୍ୟ ଏକ ଠକେଇ ମାମଲାରେ ବଡ଼ଗଡ଼ ଥାନା ପୋଲିସ ଦ୍ୱାରା ପୂର୍ବରୁ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ।

# ମାଛ ମାରିବାକୁ କେନ୍ଦ୍ର କରି ଗଣ୍ଡଗୋଳ: ୫ ଅଟକ

ଭାପୁର(ନିପ୍ର): ମାଛ ମାରିବା ସମୟରେ ପାଣି ଗୋଳିଆକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ମାରପିଟ ହେବା ଯୋଗୁ ଥାନାରେ ଦୁଇ ଗୋଟି ମାମଲା ରୁଜୁ ହେବା ସହିତ ୫ଜଣ ଅଟକ ରହିଛନ୍ତି। ଘଟଣାରୁ ପ୍ରକାଶ, ପ୍ରତ୍ୟକ ଦିନ ଭଳି ଶୁକ୍ରବାର ଶାସନ ପଞ୍ଚାୟତ ଟିକିରିପଡା ଗ୍ରାମ କୈବର୍ତ୍ତ ସାହିର କିଛି ଯୁବକ ଖଇରି ନାଳରୁ ମାଛ ମାରୁଥିଲେ। ସେହି ନାଳରେ ନିକଟ ହେମନ୍ତପାଟଣା ଗ୍ରାମର କିଛି ମହିଳା ସର୍ବସାଧାରଣ ତୁଠରେ ଗାଧୋଉ ଥିଲେ। ମାଛ ମାରିବା ସମୟରେ ପାଣି ଗୋଳିଆ ହେବାରୁ ମହିଳା ତଥା କିଛି ଯୁବକ ବିରୋଧ କରିବାରୁ ଉଭୟ ପକ୍ଷ ମଧ୍ୟରେ ଗଣ୍ଡୋଗଳ ସୃଷ୍ଟି ହୋଇଥିଲା। ଶନିବାର ଟିକିରିପଡା ଗ୍ରାମର କିଛି ଯୁବକ ଏକ ଅଟୋରେ ହେମନ୍ତପାଟଣା ଗ୍ରାମକୁ ଯାଇ ଗଣ୍ଡୋଗଳ କରିଥିଲେ। ହେମନ୍ତପାଟଣା ଗ୍ରାମବାସୀ ଗଣ୍ଡୋଗଳକାରୀ ଟିକିରିପଡା ଗ୍ରାମର ୫ ଜଣ ଯୁବକଙ୍କୁ ଅଟକ ରଖିବା ସହିତ ଅଟୋ, ବାଇକ,ଖଣ୍ଡାକୁ ଜବତ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ କବଳରୁ ଯୁବକଙ୍କୁ ଉଦ୍ଧାର କରି ଜବତ ଅଟୋ,ବାଇକ ଏବଂ ମରଣାସ୍ତ୍ରକୁ ଥାନାକୁ ଆଣିଥିଲେ। ଏହି ଘଟଣାକୁ ନେଇ ହେମନ୍ତପାଟଣା ଗ୍ରାମର ବବିତା ମଲ୍ଲିକ ଏବଂ ଟିକିରିପଡା ଗ୍ରାମର କବିତା ବାରିକଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ୩୧୪/୨୬ ଏବଂ ୩୧୫/୨୬ରେ ଦୁଇ ଗୋଟି ମାମଲା ରୁଜୁକରି ତଦନ୍ତ ଚଳେଇ ଥିବା ଥାନା ସୂତ୍ରରୁ ପ୍ରକାଶ।

# ଯାତ୍ରୀଙ୍କଠାରୁ ଲୁଟ୍ ମାମଲା: ୨ ଲୁଟେରାଙ୍କୁ ବାନ୍ଧିଲା ପୋଲିସ

## ମାଷ୍ଟରମାଇଣ୍ଡ ଅଟୋ ଚାଳକ ଫେରାର

ଭୁବନେଶ୍ୱର(ନିପ୍ର): ବିଳମ୍ବିତ ରାତିରେ ସତସଙ୍ଗ ବିହାର ଛକରେ ଛିଡ଼ା ହୋଇଥିବା ଜଣେ ଯାତ୍ରୀଙ୍କୁ ଟାଗେର୍ଟ କରି ଲୁଟ୍ କରିବା ମାମଲାରେ ସହିଦନଗର ଥାନା ପୋଲିସ ରବିବାର ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଦୁଇ ଲୁଟେରା ହେଉଛନ୍ତି, ୟୁନିଟ୍ ୯ ବାୟାବାୟା ବସ୍ତିର ବିଶ୍ୱଜିତ ମହାରଣା ଓରଫ ସନ୍ତୋଷ (୨୪) ଓ କୁନା ମଲ୍ଲିକ ଓରଫ କୁନା (୨୦)। ଏହି ମାମଲାରେ ପୂର୍ବରୁ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଏନେଇ ଭାଗିରଥୀ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୮ ତାରିଖ ବିଳମ୍ବିତ ରାତି ପ୍ରାୟ ୧୧ଟା୫୫ ମିନିଟରେ ଅଭିଯୋଗକାରୀ ମୁମ୍ବାଇରୁ ଟ୍ରେନ୍ ଯୋଗେ ଆସି ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚିଥିଲେ। ସେଠାରୁ ବାଣୀବିହାର ଯିବା ପାଇଁ ସେ ଏକ ଅଟୋ ଭଡ଼ା କରିଥିଲେ। ବାଟରେ ଅଟୋ ଡ୍ରାଇଭର ଅଭିଯୋଗକାରୀଙ୍କୁ ଏକାକୀ ଦେଖି ଫୋନ୍ ଯୋଗେ ନିଜ ସହଯୋଗୀମାନଙ୍କୁ ଖବର ଦେଇଥିଲା ଏବଂ ଜଲଦି ଆସିବାକୁ କହିଥିଲା। ରାତି ପ୍ରାୟ ୨ଟା୪୫ ମିନିଟରେ ଡ୍ରାଇଭର ତାଙ୍କୁ ବାଣୀବିହାର ବଦଳରେ ସତସଙ୍ଗ ବିହାର ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଓହ୍ଲାଇ ଦେଇଥିଲା। ଏହି ସମୟରେ ପୂବ ର୍ଯୋଜନା ମୁତାବକ ଦୁଇଟି ବାଇକରେ ୬ ଜଣ ଅଜଣା ଲୁଟେରା ସେଠାରେ ପହଞ୍ଚି ଅଭିଯୋଗକାରୀଙ୍କୁ ଘେରିଯାଇଥିଲେ। ସେମାନେ ତାଙ୍କ ବେକରେ ଛୁରୀ ଏବଂ ଭୁଜାଲି ଲଗାଇ ଭୟଭୀତ କରିଥିଲେ ଏବଂ ତାଙ୍କ ନିକଟରୁ ନଗଦ ୨୧ ହଜାର ଟଙ୍କା ଲୁଟି ନେଇଥିଲେ। ମାତ୍ର ଅଟୋ ଭଡ଼ା ଦେବା ବେଳେ ଅଭିଯୋଗକାରୀ ଅନଲାଇନ୍ ପେମେଣ୍ଟ କରିଥିବାରୁ ଡ୍ରାଇଭରର ନମ୍ବର ତାଙ୍କ ପାଖରେ ସେଭ୍ ହୋଇ ରହିଯାଇଥିଲା। ସହିଦ ନଗର ପୋଲିସ ସେହି ମୋବାଇଲ୍ ନମ୍ବର ଯାଞ୍ଚ ଏବଂ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଏହି ଲୁଟେରା ଗ୍ୟାଙ୍ଗକୁ ଠାବ କରିବାରେ ସଫଳ ହୋଇଛି। ଏହି ମାମଲାରେ ପୂର୍ବରୁ ସୁମିତ୍ ଓ ରକି ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇସାରିଛି। ତଦନ୍ତ ଜାରି ରଖି ପୋଲିସ ୟୁନିଟ୍-୯ ଅଞ୍ଚଳରେ ଚଢ଼ାଉ କରି ଗ୍ୟାଙ୍ଗର ଆଉ ଦୁଇ ମୁଖ୍ୟ ଲୁଟେରା ବିଶ୍ୱଜିତ୍ ଓ କୁନାଙ୍କୁ କାବୁ କରିଛି। ଫେରାର ଥିବା ଷଡ଼ଯନ୍ତ୍ରକାରୀ ଅଟୋ ଡ୍ରାଇଭର ଏବଂ ଗ୍ୟାଙ୍ଗର ଅନ୍ୟ ଦୁଇ ସହଯୋଗୀ ରାଜା ଓ ପପୁନିଙ୍କୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି।

### ଭେଜାଲ ଗୋଖାଦ୍ୟ କମ୍ପାନୀ ଉପରେ ଚଢ଼ାଉ

# ନାମୀ ଦାମୀ କମ୍ପାନୀ ଜରି ବସ୍ତା ଜବତ



କଟକ(ନିପ୍ର): ବଜାରରେ ଉପଲବ୍ଧ ଯେକୌଣସି ସାମଗ୍ରୀ ଉପରେ ହାତ ମାରିବେ ତାହା ନକଲି ଓ ଭେଜାଲ। ସାଧାରଣ ଗ୍ରାହକଟିଏ ନକଲି ବା ଅସଲି ଜାଣିବ କେମିତି ? ଅସଲି ଦାମରେ ନକଲି ସାମଗ୍ରୀ ନେଇ ଗ୍ରାହକ ଠକାମୀର ଶୀକାର ହେଉଛି। ନକଲିର ପ୍ୟାକିଙ୍ଗ ଅସଲିଠାରୁ ଉନ୍ନତ। ତେଲ, ସାବୁନ, ଚାହା ପତି, ଅମୁଲ, ମୋବିଲ, ସିମେଣ୍ଟ, ପ୍ରସାଧାନ ସାମଗ୍ରୀ ବିଭିନ୍ନ କ୍ରିମଠାରୁ ଆରମ୍ଭ କରି ଘିଅ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ଭଳି ନକଲି ଓ ଅପମିଶ୍ରିତ ଭେଜାଲ ସାମଗ୍ରୀ ଧରାହେଉଥିବା ଦେଖାଯାଇଥିଲା। ଜଗତପୁର ନକଲି ଓ ଭେଜାଲ ସାମଗ୍ରୀ ଉତ୍ପାଦନର ପେଣ୍ଠ ସ୍ଥଳ ପାଲଟିଛି। ରବିବାର ଭେଜାଲ ଓ ଅପମିଶ୍ରିତ ଗୋଖାଦ୍ୟ କମ୍ପାନୀ ଠାବ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଜଗତପୁର ଥାନା ପୋଲିସ ରବିବାର ସକାଳେ ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ଶ୍ରୀ ଅମ୍ବିକା ଗୋଖାଦ୍ୟ କମ୍ପାନୀ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କମ୍ପାନୀରେ ବିଭିନ୍ନ ନାମୀ ଦାମୀ କମ୍ପାନୀ ଲୋଗୋ ଥିବା ହଜାର ହଜାର ଜରି ବସ୍ତା ଜବତ କରାଯାଇଛି। ଏଥିସହ ବିପୁଳ ପରିମାଣର ନଷ୍ଟ ହୋଇଥିବା ଅଟା ଓ କରତ ଗୁଣ୍ଡ ମଧ ଜବତ ହୋଇଛି। ସମ୍ପୃକ୍ତ ଅମ୍ବିକା ଗୋଖାଦ୍ୟ କମ୍ପାନୀ କଲିକତାର ଆକାଶ ଗୋଖାଦ୍ୟ କମ୍ପାନୀର ସାମଗ୍ରୀ ନାମରେ ଭେଜାଲ କରି ବଜାରରେ ବିକ୍ରି କରୁଥିବା ନେଇ ଆକାଶ ଗୋଖାଦ୍ୟର ହରିଶ ଅଗ୍ରୱାଲ ଅଭିଯୋଗ କରିଥିଲେ। ତଦନୁଯାୟୀ ଜଗତପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଆଜି ସକାଳେ ଏସିପି ଅରୁଣ କୁମାର ସ୍ୱାଇଁ ଓ ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ତଦନ୍ତ ସମୟରେ ଆକାଶ କମ୍ପାନୀର ବିଭିନ୍ନ ସାମଗ୍ରୀର ଜରି ବସ୍ତା ସହ କାମଧେନୁ, ଧ୍ରୁବି, ଜିଓ ଫ୍ୟାଟ ବ୍ରାଣ୍ଡ, ରାଜଯୋଗ, ଲଥା ଫାଇନ ବ୍ରାଣ୍ଡ ଆଦିର ସାମଗ୍ରୀ ଛବି ଥିବା ପ୍ୟାକେଟ ଜବତ ହୋଇଛି। ଏହି କମ୍ପାନୀ ତା' ଭେଜାଲ ସାମଗ୍ରୀ ଗୁଡିକୁ କଟକ, ଭୁବନେଶ୍ୱର, ପୁରୀ, ଜଗତସିଂହପୁର, ବାଲେଶ୍ୱର ଆଦି ବିଭିନ୍ନ ଜିଲ୍ଲାକୁ ଯୋଗାଇ ବ୍ୟବସାୟ କରୁଥିଲେ। ପୋଲିସ କମ୍ପାନୀକୁ ସିଲ କରିବା ସହ ଏହାର ମାଲିକ କଟକ ଚାଉଳିଆଗଞ୍ଜ ନୀଳାଦ୍ରିବିହାରର ଶୁଭମ ଗୁପ୍ତାକୁ ଅଟକ ରଖି ପଚରା ଉଚରା ଜାରି ରଖିଛି।

# ଏମ୍‌ଏସ୍‌ଏମ୍‌ଇ ବିଭାଗରେ ଚାକିରି ନାଁରେ ଠକେଇ

ଭୁବନେଶ୍ୱର(ନିପ୍ର): କେନ୍ଦ୍ର ସରକାରଙ୍କ ଏମଏସଏମଇ ବିଭାଗରେ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କାର ବଡ଼ ଧରଣର ଠକେଇ ମାମଲାର ତଦନ୍ତ କରି ଭରତପୁର ଥାନା ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ଗିରଫ ଠକର ନାମ ରାଜକିଶୋର ସାହୁ (୨୬) ଓ ତାଙ୍କ ଘର ତମାଣ୍ଡୋ ଥାନା ଅନ୍ତଗର୍ତ କଳିଙ୍ଗବିହାର ଅଞ୍ଚଳରେ ବାଲି ଜଣାପଡ଼ିଛି। ଏନେଇ ବିଷ୍ଣୁ ପ୍ରସାଦ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଜ୍ୟୋତି ରଞ୍ଜନ ପାଇକରାୟ ନିଜକୁ ଏମଏସଏମଇ ପିସିଆଇର ଓଡ଼ିଶା ଚେୟାରମ୍ୟାନ ବୋଲି ପରିଚୟ ଦେଇଥିଲା ଏବଂ ତା'ର ସହଯୋଗୀ ଅନ୍ତର୍ଯ୍ୟାମୀ, ସୋମେନ୍ଦ୍ର ଓ କୁମୁଦିନୀ ନିଜକୁ ଭାଇସ୍ ଚେୟାରମ୍ୟାନ ବୋଲି କହିଥିଲେ। ସେହିପରି ଅନ୍ୟତମ ଅଭିଯୁକ୍ତ ରାଜକିଶୋର ସାହୁ ନିଜକୁ ଯାଜପୁର ଜିଲ୍ଲାର ଡିଷ୍ଟ୍ରିକ୍ଟ ଡିରେକ୍ଟର ବୋଲି ପରିଚୟ ଦେଇଥିଲା। ରାଜକିଶୋର ଅଭିଯୋଗକାରୀଙ୍କୁ ଢେଙ୍କାନାଳ କିମ୍ବା ଅନୁଗୋଳ ର ଡିରେକ୍ଟର କରିଦେବା ସହ ମାସିକ ୬୦ ହଜାର ଟଙ୍କା ଦରମା ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଅଫିସ୍ ଖୋଲିବା ଏବଂ ଚାକିରି ଦେବା ବାହାନାରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଠାରୁ ଫୋନପେ ଓ ନଗଦ ଆକାରରେ ସର୍ବମୋଟ ୩ ଲକ୍ଷରୁ ଅଧିକ ଟଙ୍କା ନେଇଥିଲେ। ମାତ୍ର ଦୀର୍ଘ ୮ ମାସ ବିତିଯିବା ପରେ ମଧ୍ୟ ଅଭିଯୋଗକାରୀଙ୍କୁ ନା ଦରମା ମିଳିଥିଲା ନା ଅଫିସ ଘର ଭଡ଼ା। ଅଭିଯୋଗକାରୀ ନିଜ ପକେଟରୁ ୮୦ ହଜାର ଟଙ୍କା ଘର ଭଡ଼ା ଦେବା ସହ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ଫେରାଇବାକୁ ମାଗିବାରୁ ଅଭିଯୁକ୍ତମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଭରତପୁର ପୋଲିସ ଏହି ସଙ୍ଗଠିତ ଚାକିରି ଠକେଇର ତଦନ୍ତ କରି ଆଜି ଫାୟାର ଷ୍ଟେସନ ଛକ ନିକଟରୁ ଏହି ଠକ ଗ୍ୟାଙ୍ଗର ଅନ୍ୟତମ ମୁଖ୍ୟ ସଦସ୍ୟ ରାଜକିଶୋର ସାହୁକୁ କାବୁ କରିବାରେ ସଫଳ ହୋଇଛି। ତଦନ୍ତ ବେଳେ ସେ କେବଳ ୧ ଲକ୍ଷ ୯୦ ହଜାର ଟଙ୍କା ନେଇଥିବା ପ୍ରମାଣିତ ହୋଇଛି।



ୟୁଏଇ ଗସ୍ତରୁ ଫେରିବା ପରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି ସାଧାରଣ ଜନତା (ଫଟୋ-ଦିନଲିପି)

# ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ... କେବଳ ପ୍ରଚାର ସର୍ବସ୍ୱ: ବିଜେଡି

**ଭୁବନେଶ୍ୱର, ୧୩/୯(ନିପ୍ର):** ଓଡ଼ିଶାରେ ପୁଞ୍ଜି ନିବେଶ ନେଇ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ଜୋରଦାର ପ୍ରଚାର ପ୍ରସାର ହେଉଛି । ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେବେ ଖର୍ଚ୍ଚ ଅନୁଯାୟୀ ଓଡ଼ିଶାକୁ ସମପରିମାଣର ପୁଞ୍ଜି ଆସିବକି ନାହିଁ,



ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଡ.ଲେନିନ ମହାନ୍ତି ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି । ଡ଼. ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ ସମ୍ପୂର୍ଣ୍ଣ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଓଡ଼ିଶାରେ ଅନେକ ପୁଞ୍ଜି ନିବେଶ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଜୋରଦାର ହେଉଛି । ଦୈନିକ ଖବରକାଗଜ ମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ଜରିଆରେ ପ୍ରଥମ ପୃଷ୍ଠା ମଣ୍ଡନ କରି ପ୍ରଚାର ପ୍ରସାର ହେଉଥିବା ବେଳେ ବିଜେଡି ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନ ବାବଦରେ ରାଜ୍ୟ ସରକାର ଚୁପ ରହିଛନ୍ତି କଣ ପାଇଁ । ଆଦାନୀ ଗ୍ରୁପ୍ ଓ ଆଇଏଚଏସ ସହିତ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତରେ ଯାଇଥିଲେ । ତାହା ପୂର୍ବରୁ ଉତ୍କର୍ଷ ଓଡ଼ିଶା–୨୦୨୫ରେ ଏମ୍ଓୟୁ ସ୍ୱାକ୍ଷରିତ ହେବାର ଅଂଶ ବିଶେଷ । ତେବେ ଉକ୍ତ ଦୁଇଟି ଏମ୍ଓୟୁ ସ୍ୱାକ୍ଷର କରିବା ମଧ୍ୟରେ ସାମଞ୍ଜସ୍ୟ କଣ ରହିଛି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି । ଭାରତର ଗୋଟିଏ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦେଶ ବାହାରକୁ ଯିବାର କାରଣ କଣ ବୋଲି ବିଜେଡି ପ୍ରଶ୍ନ କରିଛି । ଚୁକ୍ତିରେ କଣ ନୂଆ ଓ କଣ ସବୁ ପୁରୁଣା ତଥ୍ୟ ରହିଛି । ତାହାକୁ ସର୍ବସାଧାରଣରେ ବିବୃତ୍ତି ପ୍ରଦାନ କରିବାର ଆବଶ୍ୟକତା ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ: ପୁଞ୍ଜିନିବେଶ ନା ଓଡ଼ିଶାର ପ୍ରାକୃତିକ ସମ୍ପଦ ବିକ୍ରି: କଂଗ୍ରେସ

**ଭୁବନେଶ୍ୱର, ୧୩/୯(ନିପ୍ର):** ମୁଖ୍ୟମନ୍ତ୍ରୀଙ୍କ ପାଞ୍ଚଦିନିଆ ୟୁଏଇ ଗସ୍ତ ପରେ ରାଜ୍ୟ ସରକାର ୨.୪୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଏବଂ ୬ ଲକ୍ଷରୁ ଅଧିକ ନିଯୁକ୍ତିର ସମ୍ଭାବନା ନେଇ ବଡ଼ ସଫଳତାର ଦାବି କରିଛନ୍ତି । ପୁଞ୍ଜିନିବେଶକୁ କଂଗ୍ରେସ ସ୍ୱାଗତ କରେ । କିନ୍ତୁ ଏହି ଗସ୍ତ ପୁଞ୍ଜିନିବେଶ ଆଣିବା ପାଇଁ ଥିଲା ନା ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଘରୋଇ କମ୍ପାନୀଙ୍କ ହାତରେ ଟେକି ଦେବା ପାଇଁ ଏହା ଆଜି



ଓଡ଼ିଶାବାସୀଙ୍କ ମନରେ ବଡ଼ ପ୍ରଶ୍ନ । ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଆରଜିପିଆରଏସର ଅଧ୍ୟକ୍ଷ ସୁଦର୍ଶନ ଦାସ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ନେଇ ସରକାରଙ୍କ ପ୍ରଚାରକୁ "ଏକ ନିଷ୍ଠୁର ପ୍ରତାରଣା" ବୋଲି ଅଭିହିତ କରିଛନ୍ତି । ଏହି ପ୍ରଶ୍ନ ଅଧିକ ଗୁରୁତ୍ୱ ପାଇଛି ୟୁଏଇରେ ଆଇଏଚସି–ଆଦାନୀ ପ୍ରସ୍ତାବକୁ ନେଇ । ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କାର ୧୪ଟି ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଲୁହାପଥର ପ୍ରକ୍ରିୟାକରଣ, ପେଲେଟାଇଜେସନ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଦୁର୍ଲଭ ମୃତ୍ତିକା ଖଣିଜ, କୋଇଲାରୁ ରାସାୟନିକ ଉତ୍ପାଦନ, ପେଟ୍ରୋକେମିକାଲ୍, ଖଣିଜ ବ୍ୟବସାୟ ଓ ବନ୍ଦର ସମ୍ପର୍କିତ ପ୍ରକଳ୍ପ ରହିଛି । ୫,୦୦୦ କୋଟି ଟଙ୍କାର କ୍ରିଟିକାଲ୍ ମିନେରାଲ୍ସ ପାର୍କ ଓ ରେୟାର୍ ଆର୍ଥ କରିଡର୍ ଏବଂ ୨୫,୦୦୦ କୋଟି ଟଙ୍କାର ଲୁହାପଥର ପ୍ରକ୍ରିୟାକରଣ ଶୃଙ୍ଖଳ ଏହାର ପ୍ରମୁଖ ଅଂଶ । ଏହି ପ୍ରସ୍ତାବଗୁଡ଼ିକ ଓଡ଼ିଶାର ଖଣିଜ ସମ୍ପଦ ସହ ସିଧାସଳଖ ଜଡ଼ିତ । ଏପଟେ ସରକାର ଖଣିଜ ବ୍ଲକ୍ ନିଲାମ କରୁଛନ୍ତି, ଅନ୍ୟପଟେ ଖଣିଜ ଭିତ୍ତିକ ବିଶାଳ ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସୁଛି ।

## 'ଆବାସିକ ପ୍ରକଳ୍ପରେ ବ୍ୟବସାୟିକ ପ୍ରତିଷ୍ଠାନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ହେବ ଆଇନ'

ଭୁବନେଶ୍ୱର, ୧୩/୯(ନିପ୍ର): ଭୁବନେଶ୍ୱର ସହରର ବିଭିନ୍ନ ଆବାସିକ ପ୍ରକଳ୍ପରେ ଚାଲିଥିବା ଛୋଟ ବ୍ୟବସାୟିକ ଓ ସେବା ପ୍ରତିଷ୍ଠାନ ସମ୍ପର୍କିତ ସମସ୍ୟାର ସ୍ଥାୟୀ, ଆଇନସମ୍ମତ ଓ ଜନହିତକର ସମାଧାନ ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଆଶ୍ୱାସନ ଦେଇଛନ୍ତି । ଭାରତୀୟ ଜନତା ପାର୍ଟି, ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ବିଜେପିର ସମସ୍ତ କର୍ପୋରେଟରଙ୍କ ସମେତ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ ଏବଂ ଜିଲ୍ଲା ପ୍ରଭାରୀ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ ।

## ଲଦ ସିକ୍କାଙ୍କ ଗିରଫଦାରିକୁ ସିପିଡିଆରଏସର ନିନ୍ଦା

**କଟକ, ୧୩/୯(ନିପ୍ର):** ନିୟମଗିରି ସୁରକ୍ଷା ସମିତିର ଅନ୍ୟତମ ତୁଙ୍ଗ ନେତା ଲଦ ଶିକ୍କାଙ୍କୁ କଲ୍ୟାଣସିଂହପୁର ନିକଟରୁ ପୋଲିସ ଅପହରଣ କରିବା ଓ ଦୀର୍ଘ ୨୨ ଘଣ୍ଟା ପରେ ବହୁ ପୁରୁଣା ମାମଲାରେ ଗିରଫ ଦର୍ଶାଇ ଜେଲ୍ ପଠାଇବା ଘଟଣାକୁ ସିପିଡିଆରଏସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ଶ୍ରୀ ଶିକ୍କାଙ୍କୁ ଜେଲ୍ ପଠାଇବା ସହିତ ବେଦାନ୍ତ କମ୍ପାନୀର ସିଜିମାଳି ପ୍ରକଳ୍ପ ବିରୋଧୀ ଦୁଇଟି ପ୍ରମୁଖ ଗାଁ କାଶୀପୁର ବ୍ଲକ୍ ଅନ୍ତର୍ଗତ କଣ୍ଟାମାଳ ଓ ଥୁଆମୂଳ ରାମପୁର ଅନ୍ତର୍ଗତ ତଳଆମପଦରକୁ ସଶସ୍ତ୍ର ପୁଲିସ ବାହିନୀ ଘେରା ବନ୍ଦୀ କରିଛି ଏବଂ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରାଯାଇଛି । ପୂର୍ବରୁ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦଙ୍କୁ ମନଗଢ଼ା ଦଫାରେ ଗିରଫ କରି ଦୀର୍ଘଦିନ ଧରି ଜେଲରେ ରଖାଯାଇଛି ।

## ବୈଜ୍ଞାନିକ ହିମାଂଶୁ ଶେଖର ବିଶ୍ୱାଳ ନାସି ଫେଲୋ ନିର୍ବାଚିତ



ଭୁବନେଶ୍ୱର, ୧୩/୯(ନିପ୍ର): ଓଡ଼ିଶାର ବୈଜ୍ଞାନିକ ସଫଳତାକୁ ଜାତୀୟ ସ୍ୱୀକୃତି ଆଧାରରେ ନାଇଜର ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ ନ୍ୟାସନାଲ ଏକାଡେମୀ ଅଫ ସାଇନସେସ, ଇଣ୍ଡିଆ (ନାସି)ର ଜଣେ ଫେଲୋଭାବେ ନିର୍ବାଚିତ ହୋଇଛନ୍ତି । ତାଙ୍କର ଫେଲୋସିପ୍ ୨୦୨୭ ଜାନୁଆରୀରୁ ଆରମ୍ଭ ହେବ । ଶ୍ରୀ ବିଶ୍ୱାଳ ଏବେ ସ୍କୁଲ ଅଫ୍ କେମିକାଲ ସାଇନସେସ, ନାଇଜରର ଜଣେ ପ୍ରଫେସର ଭାବେ ଅବସ୍ଥାପିତ ।

## ଭାଙ୍ଗିଦେଲେ ଭାରତ ମାତାଙ୍କ ହାତ, ଥାନାରେ ଅଭିଯୋଗ



**କଲ୍ୟାଣସିଂହପୁର, ୧୩/୯(ନିପ୍ର):** ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ସଦରର ମୁଖ୍ୟ ପ୍ରବେଶ ପଥରେ ଏକ ଭାରତ ମାତାଙ୍କ ପ୍ରତିମୂର୍ତ୍ତିର ହାତ ଭାଙ୍ଗିଥିବା ନେଇ କଲ୍ୟାଣ ସିଂହପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ରାୟଗଡା ଠାରୁ କଲ୍ୟାଣ ସିଂହପୁର ଯିବା ମୁଖ୍ୟ ରାସ୍ତାରେ ଶିକରପାଇ ଗ୍ରାମ ରହିଛି । ଗ୍ରାମର ମୁଖ୍ୟ ପ୍ରବେଶ ପଥ ଠାରେ ଗ୍ରାମବାସୀ ଏକ ଭାରତ ମାତା ପ୍ରତିମୂର୍ତ୍ତି ସ୍ଥାପନ କରିଛନ୍ତି । ପୂର୍ବରୁ ମଧ୍ୟ ଏହି ମୂର୍ତ୍ତିକୁ କିଛି ଦୁର୍ବୃତ୍ତ ଭାଙ୍ଗିଥିଲେ । ଏହାକୁ ନେଇ ମଧ୍ୟ ଥାନାରେ ଲିଖିତ ଅଭିଯୋଗ ଗ୍ରାମବାସୀ ଦେଇଥିଲେ । ବର୍ତ୍ତମାନ ମଧ୍ୟ ଉକ୍ତ ପ୍ରତିମୂର୍ତ୍ତିର ହାତକୁ ଭାଙ୍ଗି ଦେଇଥିବା ନେଇ ଗ୍ରାମବାସୀ ଲିଖିତ ଅଭିଯୋଗ ଦେଇଛନ୍ତି । ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କୁ ଧରି ଉଚିତ ଦଣ୍ଡ ଦେବା ପାଇଁ ଗ୍ରାମର ମନୋଜ କୁମାର ସେଠୀ, ସନ୍ତୋଷ କୁମାର ସାହୁ, ନାରସିଂ କୌଶଲ୍ୟା , ବିଜୟୀ କୁମାର ଗୌଡ଼ ଉଲ୍ଲେଖ କରିଛନ୍ତି ।

## ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପରିଦର୍ଶନ କଲେ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର, ୧୩/୯(ପିଆଇବି): ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ସମ୍ପ୍ରତି ଛତିଶଗଡ଼ ଗସ୍ତରେ ଅଛି । ଏହି ପ୍ରତିନିଧି ଦଳ ନୱା ରାୟପୁର ସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନ କରିଛି । ଛତିଶଗଡ଼ର ଏହି ଗସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ସ୍ମୃତିଚାରଣ କରିବାର ସୁଯୋଗ ଦେଇଛି । ଛତିଶଗଡ଼ ଗସ୍ତର ପ୍ରଥମ ଦିନରେ ଗଣମାଧ୍ୟମ ପ୍ରତିନିଧିମାନେ ଶହୀଦ ବୀର ନାରାୟଣ ସିଂ ସ୍ମାରକୀ ଏବଂ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ । ସଂଗ୍ରହାଳୟରେ ଥିବା ୧୬ଟି ଗ୍ୟାଲେରୀରେ ସ୍ଥାପିତ ମୂର୍ତ୍ତି, ଡିଜିଟାଲ ଭାବେ ସାଇତା ରହିଥିବା ସ୍ମୃତିଚିହ୍ନ, ଐତିହାସିକ କାହାଣୀ ଏବଂ ଇଣ୍ଟରଆକ୍ଟିଭ୍ ଡିସପ୍ଲେ ଜରିଆରେ ପ୍ରଦର୍ଶିତ ସାହସ ଓ ବଳିଦାନର କାହାଣୀ ବିଷୟରେ ଜାଣି ଗଣମାଧ୍ୟମ ପ୍ରତିନିଧିମାନେ ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ଏସବୁ ପ୍ରଦର୍ଶନୀରେ ବିଦେଶୀ ଶାସକଙ୍କ ଶୋଷଣ, ଦମନଲୀଳା ଏବଂ ଅତ୍ୟାଚାର ବିରୋଧରେ ଆଦିବାସୀ ସମ୍ପ୍ରଦାୟର ଦୁର୍ବାର ସଂଘର୍ଷ ପ୍ରଦର୍ଶିତ ହୋଇଛି । ଏଠାରେ ମଧ୍ୟ ଆଦିବାସୀ ସମ୍ପ୍ରଦାୟର ସେହି ଦୃଢ଼ ସଂକଳ୍ପ ପ୍ରଦର୍ଶିତ ହୋଇଛି ଯାହା ବଳରେ ସେମାନେ ନିଜ ଜମି, ସଂସ୍କୃତି ଏବଂ ସମ୍ମାନର ରକ୍ଷା କରିଛନ୍ତି । ଏହି ସଂଗ୍ରହାଳୟରେ ହାଲବା କ୍ରାନ୍ତି, ସରଗୁଜା କ୍ରାନ୍ତି, ପାରାଲକୋଟ କ୍ରାନ୍ତି, ଭୋପାଳପଟ୍ଟନମ୍ କ୍ରାନ୍ତି, ମୁରିଆ କ୍ରାନ୍ତି ଏବଂ ଭୂମକାଲ କ୍ରାନ୍ତି ସମେତ ଅନେକ ପ୍ରମୁଖ ଆଦିବାସୀ ଆନ୍ଦୋଳନର ଇତିହାସ ପ୍ରଦର୍ଶିତ ହୋଇଛି । ଛତିଶଗଡ଼ର ଜଣେ ପ୍ରମୁଖ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ଶହୀଦ ବୀର ନାରାୟଣ ସିଂହଙ୍କ ଜୀବନୀ ଓ ବଳିଦାନ ମଧ୍ୟ ଏହି ସଂଗ୍ରହାଳୟର ବିଷୟବସ୍ତୁରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି ।

## କଣ୍ଟାମାଳରୁ ପୋଲିସ ହଟୁ, ଏସ୍‌ପି, ଆଇଜୀଙ୍କୁ ସ୍ମାରକପତ୍ର

**ରାୟଗଡା, ୧୩/୯(ନିପ୍ର):** କଣ୍ଟାମାଳ ଗ୍ରାମରୁ ଯଥାଶୀଘ୍ର ପୋଲିସ ଛାଉଣୀ ପ୍ରତ୍ୟାହାର କରିନେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି । ପୋଲିସ ଉପସ୍ଥିତି ଯୋଗୁଁ ଗ୍ରାମରେ ଲୋକେ ଭୟଭୀତ ରହୁଥିବାବେଳେ ଏକ ଭୟର ବାତାବରଣ ସୃଷ୍ଟି ହେଉଛି । ବୈଠକ ପରେ ଗ୍ରାମବାସୀ କାଶୀପୁର ଥାନା ଅଧିକାରୀଙ୍କ ଜରିଆରେ ରାୟଗଡା ଏସପି ଏବଂ ଆଇଜି(ଭୁବନେଶ୍ୱର)ଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ପ୍ରକାରେ ଗ୍ରାମରେ ପୋଲିସ ଛାଉଣୀ ଡ଼େରା ପକାଇବା ଠାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ କାମ ପାଇଁ ବାହାରକୁ ଯିବା କିମ୍ବା ରୋଗୀଙ୍କୁ ଡାକ୍ତର ଖାନା ନେବା ପାଇଁ ମଧ୍ୟ ଲୋକେ ଡ଼ରୁଛନ୍ତି । ଯାହାଫଳରେ ଗ୍ରାମର ଏକ ସ୍ୱାଭାବିକ ପରିବେଶ ନଷ୍ଟ ହୋଇଯାଇଛି । ଏଠାରେ ପ୍ରକାଶଯୋଗ୍ୟ ଯେ, ଗ୍ରାମର ଜଣେ ମହିଳା ବହୁ ରାଷ୍ଟ୍ରୀୟ କମ୍ପାନୀ ସପକ୍ଷରେ ମତ ଦେବାରୁ ତାଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା ନେଇ ଏଥି ପୂର୍ବରୁ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ଗ୍ରାମରେ ପୋଲିସ ପହଞ୍ଚି ମୁତୟନ ହୋଇଥିବା କୁହାଯାଇଛି । ହେଲେ କିନ୍ତୁ ଗ୍ରାମବାସୀ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ବୋଲି ଅଭିହିତ କରିଛନ୍ତି । କୌଣସି ପରିବାରକୁ ସାମାଜିକ ବାସନ୍ଦ କରାଯାଇନାହିଁ, ଏଥିପାଇଁ ଗାଁରେ ଏକ ଶାନ୍ତିପୂର୍ଣ୍ଣ ପରିବେଶ ଫେରାଇ ଆଣିବା ପାଇଁ ତୁରନ୍ତ ମୁତୟନ କରାଯାଇଥିବା ପୋଲିସ ଫୋର୍ସ ପ୍ରତ୍ୟାହାର କରାଯାଉ ବୋଲି କଣ୍ଟାମାଳ ଗ୍ରାମବାସିନ୍ଦା ଦାବି କରିଛନ୍ତି ।


## ସ୍ତ୍ରୀର ବେକ କାଟିଲା ସ୍ୱାମୀ: ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ବାରିପଦା, ୧୩/୯(ନିପ୍ର):** ମୟୂରଭଞ୍ଜ ଜିଲାର ସଦର ମହକୁମା ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡିହା ଛକ ନିକଟରେ ଆଜି ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ସ୍ୱାମୀ ନିଜ ସ୍ତ୍ରୀର ବେକକୁ ଏକ ଧାରୁଆ ଛୁରୀରେ କାଟି ହତ୍ୟା ଉଦ୍ୟମ କରିଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି, ଶୂଳିଆପଦା ଥାନା ଅନ୍ତର୍ଗତ ଗଉଡୁଣୀଡୁବା ଗ୍ରାମର କଟିଆ ନାଏକ(୪୫) ଓ ତାଙ୍କ ସ୍ତ୍ରୀ ସୁକାନ୍ତି ନାଏକ ବାଗଡିହା ଛକ ନିକଟରେ ବସି କଥାବାର୍ତ୍ତା ହେଉଥିଲେ । କୌଣସି କାରଣକୁ ନେଇ ହଠାତ୍ କଟିଆ ଉତକ୍ଷିପ୍ତ ହୋଇ ଲୁଚାଇ ରଖିଥିବା ଏକ ଧାରୁଆ ଛୁରୀ ବାହାର କରି ସେଥିରେ ସ୍ତ୍ରୀ ସୁକାନ୍ତିର ବେକକୁ କାଟି ଦେଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁକାନ୍ତି ପ୍ରାଣ ବିକଳରେ ଚିତ୍କାର କରି ସ୍ଥାନୀୟ ଲୋକଙ୍କ ନିକଟକୁ ଦୌଡ଼ି ଆସି ଜୀବନ ବଂଚାଇବାକୁ ନେହୁରା ହୋଇଥିଲେ । ପ୍ରତ୍ୟକ୍ଷଦର୍ଶୀମାନେ ତୁରନ୍ତ ତାଙ୍କ ବେକରେ ଚାଦର ବାନ୍ଧି ରକ୍ତସ୍ରାବ ରୋକିବା ନିମନ୍ତେ ପ୍ରୟାସ କରିଥିଲେ ଏବଂ ଗୁରୁତର ଅବସ୍ଥାରେ ସୁକାନ୍ତିକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତି କରାଇଥିଲେ । ମୁଖ୍ୟ ଚିକିତ୍ସାଳୟରେ ସୁକାନ୍ତିର ଚିକିତ୍ସା ଜାରି ରହିଛି ଏବଂ ଏ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଚାଂଚଲ୍ୟ ଖେଳିଯାଇଛି । ଘଟଣା ସ୍ଥଳରେ ବାରିପଦା ଟାଉନ ଥାନା ପୋଲିସ ପହଂଚି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଜାରି କରିଛି ।

## ପାରିବାରିକ କଳହର କୁପରିଣତି, ପୁଅ ମାଡ଼ରେ ବାପା ମୃତ

ଭଦ୍ରକ, ୧୩/୯(ନିପ୍ର): ପାରିବାରିକ କଳହର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ଭଦ୍ରକ ନିକଟସ୍ଥ ଆନନ୍ଦ ବଜାର ଗଞ୍ଜାମାଳ ଗ୍ରାମରେ । ପୁଅର ମାଡ଼ରେ ବୃଦ୍ଧ ବାପାର ଜୀବନ ଯାଇଛି । ମୃତ ବୃଦ୍ଧ ହେଲେ ସଦାନନ୍ଦ ବିଶ୍ୱାଳ(୬୯) । ଅଭିଯୁକ୍ତ ପୁଅ ରବି ନାରାୟଣ ଓରଫ ଟେରୁ(୨୯)ଙ୍କୁ ପୁଲିସ ଅଟକ ରଖିଛି ।ଗତକାଲି ଅପରାହ୍ନରେ ଭଦ୍ରକ ବ୍ଲକ ବିଷ୍ଣୁପୁର ବିନ୍ଧା ପଂଚାୟତସ୍ଥିତ ଗଞ୍ଜାମାଳ ଗ୍ରାମର ସଦାନନ୍ଦ ବିଶ୍ୱାଳ ଦୁଇ ପୁଅଙ୍କ କଥାକୁ ନେଇ ସ୍ତ୍ରୀ ବାସନ୍ତୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା ଏବଂ ଏଥିରେ ରାଗିଯାଇ ସଦାନନ୍ଦ ଏକ ବାଡ଼ି ଆଣି ସ୍ତ୍ରୀ ବାସନ୍ତୀଙ୍କୁ ପିଟିବାକୁ ଉଦ୍ୟତ ହୋଇଥିଲେ ।ଏହି ସମୟରେ ଘରେ ଥିବା ମଝିଆଁ ପୁଅ ରବି ନାରାୟଣ ଓରଫ ଟେରୁ ଆସି ବାପା ସଦାନନ୍ଦଙ୍କ ଠାରୁ ବାଡ଼ି ଛଡାଇ ନେଇଥିଲେ ଏବଂ ସେହି ବାଡ଼ିରେ ସଦାନନ୍ଦଙ୍କୁ ଶକ୍ତ ପ୍ରହାର କରିଥିଲେ । ମୁଣ୍ଡ ହାତ ଓ ଅଂଟା ଉପରେ ପାହାର ହୋଇଥିବା ସଦାନନ୍ଦଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବାପାକୁ ବାଡ଼ିରେ ପିଟି ପିଟି ହତ୍ୟା କରିଥିବା ଅଭିଯୁକ୍ତ ଟେରୁ ନିଜ ଘର ଛାତ ଉପରେ ଲୁଚି ରହିଥିବା ବେଳେ ଗୁଜିଦରଡ଼ା ଫାଣ୍ଡି ପୁଲିସ ତାଙ୍କୁ ଧରି ରାତିରେ ନେଇ ଅଟକ ରଖିଥିବା ବେଳେ ରବିବାର ଆଣି ସିନରିକ୍ରିଏସନ କରାଇଛି ।

# ପୁଣି ୪ ଗେଟ୍ ଖୋଲିଲା ହୀରାକୁଦ



ସମ୍ବଲପୁର, ୧୩/୯ : ହୀରାକୁଦ ଜଳଭଣ୍ଡାରର ଉପର ବର୍ଷା ପରିମାଣ ବୃଦ୍ଧି ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ପୁଣିଥରେ ବନ୍ୟା ଜଳ ପ୍ରବେଶ ପରିମାଣର ବୃଦ୍ଧି ପାଇଛି । ଏହାସହ ଜଳଭଣ୍ଡାରର ଜଳସ୍ତର ମଧ୍ୟ କ୍ରମଶଃ ବୃଦ୍ଧି ପାଇ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତାର ନିକଟତର ହୋଇଛି । ତେଣୁ ରବିବାର ପୁଣିଥରେ ହୀରାକୁଦ ଜଳଭଣ୍ଡାରର ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବର୍ତ୍ତମାନ ମୋଟ୍ ୫ଟି ସ୍ଲୁଇସ୍ ଗେଟ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ରବିବାର ଅପରାହ୍ନ ସାଢ଼େ ୧୨ଟା ସମୟରେ ପ୍ରାପ୍ତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟରେ ପହଞ୍ଚିଛି । ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୫ ହଜାର ୦୯୫ ଘନଫୁଟ ବନ୍ୟା ଜଳ ପ୍ରବେଶ କରୁଛି । ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୧ ଲକ୍ଷ ୧୬ ହଜାର ୯୭୦ ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ ଓ ଦକ୍ଷିଣ ପାର୍ଶ୍ୱର ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଜରିଆରେ ୮୧ ହଜାର ୯୨୫ ଘନଫୁଟ, ପାୱାର ଚ୍ୟାନେଲରେ ୩୧,୧୯୭ ଘନଫୁଟ, ବରଗଡ଼ କେନାଲରେ ୩,୦୭୨, ଶାସନ କେନାଲରେ ୪୫୦ ଓ ସମ୍ବଲପୁର କେନାଲରେ ୧୦୫ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି ।

# ୧୫ରୁ ରାଜ୍ୟରେ ପୁଣି ବଦଳିବ ପାଗ

ଭୁବନେଶ୍ୱର, ୧୩/୯ : ଆଗାମୀ ୧୫ ସେପ୍ଟେମ୍ବରରୁ ଓଡ଼ିଶାରେ ପୁଣି ଥରେ ପ୍ରବଳ ବର୍ଷା ଫେରିବାର ସମ୍ଭାବନା ରହିଛି । ଲଗାଣ ବର୍ଷାରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ଦୁଇ ଦିନ (୧୩ ଓ ୧୪ ତାରିଖ) ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ । ଦୁଇ ଦିନ ପରେ ବଙ୍ଗୋପସାଗରରେ ଏକ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବାରୁ, ୧୫ ତାରିଖରୁ ବର୍ଷାର ପରିମାଣ ଯଥେଷ୍ଟ ବୃଦ୍ଧି ପାଇବ । ଏଥିପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସେପ୍ଟେମ୍ବର ୧୫, ୧୬ ଏବଂ ୧୭ ତାରିଖ ପାଇଁ ଭାରୀ ବର୍ଷାର ସତର୍କ ସୂଚନା ଜାରି କରାଯାଇଛି । ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ଏବଂ ବିଜୁଳି ମାରିବାର ଆଶଙ୍କା ମଧ୍ୟ ରହିଛି । ତେବେ ଆସନ୍ତା ଦୁଇ ଦିନ ପାଇଁ ପାଣିପାଗ ବିଭାଗ ପକ୍ଷରୁ କାଳବୈଶାଖୀ ଓ ବିଜୁଳି ଘଡ଼ଘଡ଼ି ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଖୋର୍ଦ୍ଧା, କଟକ, ପୁରୀ, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ସମେତ ଉପକୂଳ ତଥା ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲ୍ଲାରେ ଏହି ସମୟ ମଧ୍ୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ବିଶେଷକରି ଚାଷୀ ଏବଂ ଖୋଲା ସ୍ଥାନରେ କାମ କରୁଥିବା ଲୋକଙ୍କୁ ବିଜୁଳି ମାରିବା ସମୟରେ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି । ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ଆଶଙ୍କା ଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ କୁହାଯାଇଛି । ତା' ସହିତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ବାରଣ କରାଯାଇଛି ।




# କାଜାଖସ୍ତାନ ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୩/୯(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ କାଜାଖସ୍ତାନ ଯୁକ୍ତରାଜ୍ୟର ରାଷ୍ଟ୍ରପତି ମାନ୍ୟବର କାସିମ୍-ଜୋମାର୍ଟ ଟୋକାୟେଭଙ୍କ ସହ ସାକ୍ଷାତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କାଜାଖସ୍ତାନ ସହ ଭାରତର ପ୍ରାଚୀନ ସଭ୍ୟତାଗତ ସମ୍ପର୍କକୁ ମନେ ପକାଇଥିଲେ ଏବଂ ନିକଟ ଅତୀତରେ ଭାରତ-କାଜାଖସ୍ତାନ ସମ୍ପର୍କରେ ନିରନ୍ତର ଅଗ୍ରଗତି ହେଉଥିବାରୁ ସନ୍ତୋଷ ବ୍ୟକ୍ତ କରିଥିଲେ । ଉଭୟ ନେତା ରାଜନୈତିକ, ବାଣିଜ୍ୟ, ପ୍ରତିରକ୍ଷା ଓ ସୁରକ୍ଷା, ସଂଯୋଗୀକରଣ, ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ




ପଦାର୍ଥ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସୃଜନଶୀଳ ଅର୍ଥନୀତି ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିଥିଲେ । ଏଥିସହ ସେମାନେ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ମତ ବିନିମୟ କରିଥିଲେ । ଉଭୟ ନେତା ପାରସ୍ପରିକ ହିତ ସହିତ ଉଭୟ ଦେଶର ଜନସାଧାରଣଙ୍କ କଲ୍ୟାଣ ତଥା ଅଞ୍ଚଳରେ ଶାନ୍ତି, ସ୍ଥିରତା, ବିକାଶ ଓ ସମୃଦ୍ଧି ପାଇଁ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED**, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ